ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୭ ନଭେମ୍ବର, ୨୦୧୯



ପୂର୍ବତନ କେନ୍ଦ୍ରମନ୍ତ୍ରୀ ସ୍ୱାମୀ ଚିନ୍ମୟାନନ୍ଦଙ୍କ ବିରୋଧରେ ଅଣାଯାଇଥିବା ନିର୍ଯାତନା ଓ ଜବରଦସ୍ତି ଚାନ୍ଦା ସଂଗ୍ରହ କରିବା ମାମଲାରେ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍(ଏସ୍ଆଇଟି) ବୁଧବାର ଚାର୍ଜଶିଟ୍ ଦାଖଲ କରିଛି। ମୋଟ ୪,୭୦୦ ପୃଷ୍ଠାର ଚାର୍ଜଶିଟ୍‌କୁ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ଓମ୍‌ବୀର ସିଂଙ୍କ ନିକଟରେ ଦାଖଲ କରାଯାଇଥିବା ଚିନ୍ମୟାନନ୍ଦଙ୍କ ଓକିଲ ଓମ୍ ସିଂ ପ୍ରକାଶ କରିଛନ୍ତି। ଚାର୍ଜଶିଟ୍ ଓ ମୋବାଇଲ କଲ୍ ରେକର୍ଡକୁ ଅନୁଧ୍ୟାନ କରାଯାଉଥିବା ସେ କହିଛନ୍ତି। ଏସ୍ଆଇଟି ମୋଟ ୧୦୫ ଲୋକଙ୍କ ବିବୃତି ରେକର୍ଡ କରିଥିବାବେଳେ ୭୯ ଡକ୍ୟୁମେଣ୍ଟାରି ତଥ୍ୟ ସଂଗ୍ରହ କରିଛି। ସତ୍ୟପାଠ ଆକାରରେ ସିଲ୍ କଭର ସହ ଏହାକୁ ଏସ୍ଆଇଟି ନଭେମ୍ବର ୨୮ରେ ଆଲ୍ଲାହାବାଦ ହାଇକୋର୍ଟରେ ଦାଖଲ କରିବ। ଆଇନ ଛାତ୍ରୀଙ୍କ ଅଭିଯୋଗ ପରେ ଏବେ ଚିନ୍ମୟାନନ୍ଦଙ୍କୁ ଜେଲ୍‌ରେ ରଖାଯାଇଛି।



## ସଂକ୍ଷେପରେ

### ଅରବିନ୍ଦ ସିଂ ହେଲେ ଏଏଆଇ ଅଧ୍ୟକ୍ଷ



ଭୁବନେଶ୍ୱର, ୬।୧୧(ବ୍ୟୁରୋ): ମହାରାଷ୍ଟ୍ର କ୍ୟାଡର ଆଇଏଏସ୍ ଅଫିସର ଅରବିନ୍ଦ ସିଂ ବୁଧବାର ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆ(ଏଏଆଇ)ର ଅଧ୍ୟକ୍ଷ ଦାୟିତ୍ୱ ନେଇଛନ୍ତି। ଗତ ମାସ ୨୨ ତାରିଖରେ କ୍ୟାବିନେଟ୍ ନିଯୁକ୍ତି କମିଟି ଅରବିନ୍ଦଙ୍କ ନିଯୁକ୍ତିକୁ ସ୍ୱୀକୃତି ଦେଇଥିଲା। ଅତିରିକ୍ତ ଅଧ୍ୟକ୍ଷ ଦାୟିତ୍ୱରେ ଥିବା ଅନୁଜ ଅଗ୍ରୱାଲଙ୍କଠାରୁ ଅରବିନ୍ଦ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏନେଇ ଏଏଆଇ ପକ୍ଷରୁ ବୁଧବାର ଟୁଇଟ୍ କରି ସୂଚନା ଦିଆଯାଇଛି। ଅରବିନ୍ଦ ନାଗପୁର, ଔରଙ୍ଗାବାଦ ଜିଲାପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ବିଦର୍ଭ ଉନ୍ନୟନ ବୋର୍ଡ ଓ ମୁଖ୍ୟ ଶାସନ ସଚିବଙ୍କ କାର୍ଯ୍ୟାଳୟରେ କାର୍ଯ୍ୟକରି ଆସିଛନ୍ତି।

# ୧୯୯୩ ନିର୍ଦ୍ଦେଶର ପୁନର୍ବିଚାର କରିବେନି ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୬।୧୧(ଆଇଏଏନ୍ଏସ୍)

୧୯୯୩ରେ ସୁପ୍ରିମକୋର୍ଟଙ୍କ ୯ ଜଣିଆ ପୀଠ ବିଚାରପତିମାନଙ୍କ ନିଯୁକ୍ତି ଲାଗି କଲେଜିୟମ୍ ବ୍ୟବସ୍ଥା ଲାଗୁକରିବାକୁ ରାୟ ଦେଇଥିଲେ। ଉକ୍ତ ନିର୍ଦ୍ଦେଶନାମାର ପୁନର୍ବିଚାର କରିବାକୁ ସର୍ବୋଚ୍ଚ ଅଦାଲତ ବୁଧବାର ମନା କରିଦେଇଛନ୍ତି। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ, ଜଷ୍ଟିସ୍ ଏସ୍.ଏ. ବୋବ୍‌ଡେ, ଜଷ୍ଟିସ ଏନ୍.ଭି. ରମନ୍ନାଙ୍କୁ ନେଇ ଗଠିତ ୯ ଜଣିଆ ପୀଠ ନ୍ୟାୟିକ ସଂସ୍କାର ଓ ସ୍ୱଚ୍ଛତା ଜାତୀୟ ଆଇନଜୀବୀ ପ୍ରଚାର ଅଭିଯାନ (ଏନ୍ଏଲ୍ସିଜେଆର୍‌ଟି) ପକ୍ଷରୁ ଦାଏର ରିଭ୍ୟୁ ପିଟିଶନକୁ ଖାରଜ କରିଦେଇଛନ୍ତି। ୧୯୯୩ ପୂର୍ବରୁ କେନ୍ଦ୍ର କ୍ୟାବିନେଟର ପରାମର୍ଶକ୍ରମେ ରାଷ୍ଟ୍ରପତି ସୁପ୍ରିମକୋର୍ଟ ଓ ହାଇକୋର୍ଟ ବିଚାରପତିମାନଙ୍କୁ ନିଯୁକ୍ତି ପ୍ରଦାନ କରୁଥିଲେ। ୧୯୯୩ର ରାୟ ପରେ ରାଷ୍ଟ୍ରପତି କଲେଜିୟମ ସୁପାରିସ କରିଥିବା ନାମ ତାଲିକାରୁ ବିଚାରପତି ନିଯୁକ୍ତି ଦେବା ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଥିଲା। ଏହି ବ୍ୟବସ୍ଥାକୁ ନେଇ ସମାଲୋଚନାର ସ୍ୱର ଉଠିବା ପରେ ୨୦୧୫ରେ ପାର୍ଲାମେଣ୍ଟ କଲେଜିୟମ୍ ବଦଳରେ ଜାତୀୟ ନ୍ୟାୟିକ

**କଲେଜିୟମ୍ ବ୍ୟବସ୍ଥା**



ନିଯୁକ୍ତି କମିଶନ (ଏନ୍‌ଜେଏସି) ଗଠନ ଲାଗି ଆଇନ ପ୍ରଣୟନ କରିଥିଲେ। ତେବେ ଏହି ବ୍ୟବସ୍ଥାକୁ ସୁପ୍ରିମକୋର୍ଟ ରଦ୍ଦ କରିଦେଇଥିଲେ।

# ଅଯୋଧ୍ୟା ରାୟ ପୂର୍ବରୁ ୟୁପିକୁ ସତର୍କ କରାଇଲା କେନ୍ଦ୍ର

ନୂଆଦିଲ୍ଲୀ,୬।୧୧(ଆଇଏଏନ୍ଏସ୍)

ଆସନ୍ତା ସପ୍ତାହରେ ବହୁପ୍ରତୀକ୍ଷିତ ଅଯୋଧ୍ୟା ଜମି ବିବାଦ ମାମଲାର ରାୟ ପ୍ରକାଶ ପାଇବା ଆଶା କରାଯାଉଥିଲାବେଳେ ଉତ୍ତରପ୍ରଦେଶର ଯୋଗୀ ଆଦିତ୍ୟନାଥ ସରକାରଙ୍କୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ସତର୍କ କରିଦିଆଯାଇଛି। ଅଯୋଧ୍ୟାର ସୁରକ୍ଷା ବ୍ୟବସ୍ଥା ସୁନିଶ୍ଚିତ କରିବା ଲାଗି କେନ୍ଦ୍ର ସରକାର କହିଛନ୍ତି। ସୁପ୍ରିମକୋର୍ଟଙ୍କ ରାୟ ପରେ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟିହେବା ଆଶଙ୍କାରେ ଅଯୋଧ୍ୟା ଏକପ୍ରକାର ସେନା ଛାଉଣୀରେ ପରିଣତ ହୋଇଛି। ଆତଙ୍କବାଦୀ ଆକ୍ରମଣ ଆଶଙ୍କା ଥିବା ଗୋଇନ୍ଦା ସୂଚନା ମିଳିବା ପରେ ଗତ ସପ୍ତାହରେ ସ୍ୱରାଷ୍ଟ୍ର ସଚିବ ଅଜୟ କୁମାର ଭାଲା ସର୍ବାଧିକ ପୋଲିସ ବଳ ମୁତୟନ ଲାଗି ନିର୍ଦ୍ଦେଶ ଦେଇଥିଲେ। ଗୁଜବ ରୋକିବା ଲାଗି ସୋସିଆଲ ମିଡିଆ ଉପରେ କଟକଣା ଲଗାଇବା ସହିତ ରାଜ୍ୟର ଅନ୍ୟ ସମ୍ବେଦନଶୀଳ ଅଞ୍ଚଳଗୁଡ଼ିକ ଉପରେ ମଧ୍ୟ କଡ଼ା ନଜର ରଖିବାକୁ କୁହାଯାଇଛି।

ଗୋଇନ୍ଦା ସୂଚନା ଅନୁଯାୟୀ ନେପାଳ ସୀମା ଦେଇ ଉତ୍ତରପ୍ରଦେଶରେ ୬ରୁ ଊର୍ଦ୍ଧ୍ୱ ଆତଙ୍କବାଦୀ ପ୍ରବେଶ କରିଛନ୍ତି। ଲଶ୍କର-ଇ-ତୋଇବା ଏବଂ ହିଜବୁଲ୍ ମୁଜାହିଦ୍ଦିନର ପାକିସ୍ତାନୀ ପରିଚାଳକଙ୍କ ନିର୍ଦ୍ଦେଶରେ ସେମାନେ ଆତଙ୍କ ସୃଷ୍ଟି ଲାଗି ଉଦ୍ୟମ କରିପାରନ୍ତି। ସେମାନେ ହିନ୍ଦୁ ଛଦ୍ମବେଶରେ ଅଯୋଧ୍ୟା କିମ୍ବା ଏହାର ଆଖପାଖ ସହରରେ ଆତ୍ମଗୋପନ କରିଥାଇପାରନ୍ତି ବୋଲି ଗୋଇନ୍ଦା ବିଭାଗ ଆଶଙ୍କା କରିଛି।





## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଉକୁଣି ମୁଣ୍ଡରେ ଖୋଷା**
**ପଛବୁଣା ଚଷା**
**ଛାଇ ତଳିଆ ବେଉସା**
**ଇନ୍ତୁଡ଼ି ପୁଅକୁ ଆଶା**
**ସଖୀ ବଡ଼ ମନ୍ଦ ଏ ।**

ଉକୁଣି ରହୁଥିବା ମୁଣ୍ଡରେ ସ୍ଥିର ଖୋଷା ପାରି ହୋଇ ନ ଥାଏ। ପଛରେ ଚାଷ କାର୍ଯ୍ୟ ଆରମ୍ଭ କଲେ ଚାଷରୁ ସେତେ ଭଲ ଅମଳ ମିଳି ନ ଥାଏ। ଛାଇ ବା ଅନ୍ଧାରୁଆ ଜାଗାରେ ବେଉସା କଲେ ବେପାର ସେତେଟା ହୋଇ ପାରି ନ ଥାଏ, ତେଣୁ ଲାଭ କମ୍ ମିଳିଥାଏ। ସେହିପରି ଜନ୍ମିତ ସନ୍ତାନର ଭବିଷ୍ୟତ କ'ଣ ହେବ କିପରି ହେବ ତାହା ଏବେଠୁ କହି ହୋଇ ନ ଥାଏ। ଏପରିସ୍ଥଳେ ତା' ଉପରେ ଆସ୍ଥାପ୍ରକଟ କରିବା ମୂର୍ଖାମୀ ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଉଧାରକୁ ବଦଳ**
**ଏଥିପାଇଁ କିଆଁ ହୁନ୍ଦର ।**

ଅଭାବ ପଡ଼ିଲେ ଲୋକେ ବାଧହୋଇ ଅନ୍ୟର ଦ୍ୱାରସ୍ଥ ହୋଇଥାନ୍ତି। ପରିଶୋଧ କରି ନ ପାରିଲେ ତା' ବିନିମୟରେ ଅନ୍ୟ ସାମଗ୍ରୀ ବା ଜିନିଷ ଦେଇଥାନ୍ତି। ପ୍ରାପ୍ତି ହିଁ ଦାନର ଅପେକ୍ଷା ରଖେ। ଉଧାର ବଦଳ ନୀତିରେ ସଂସାର ଚାଲେ। ଏହା ଜୀବନ-ଜୀବିକାର ପୁରାତନ ରୀତି ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ସିରିଏଲ୍ କିଲର ଗିରଫ

**ପ୍ରସାଦରେ ସାଇନାଇଡ୍ ଦେଇ ୧୦ ଜଣଙ୍କୁ ହତ୍ୟା କରିଥିଲେ**

ଏଲୁରୁ,୬।୧୧

ଗତ ୨୦ ମାସ ମଧ୍ୟରେ ୧୦ ଜଣଙ୍କୁ ବିଷ ଦେଇ ହତ୍ୟା କରିଥିବା ସିରିଏଲ୍ କିଲର ଶିବାଙ୍କୁ ଆନ୍ଧ୍ରପ୍ରଦେଶ ପୋଲିସ ବୁଧବାର ଗିରଫ କରିଛି। ସେ ଆଉ ୨୦ ଜଣଙ୍କୁ ହତ୍ୟାକରିବା ଲାଗି ଯୋଜନାରେ ଥିଲା ବୋଲି ପୋଲିସ ବିଶ୍ୱାସ କରୁଛି। କେରଳର ଜୋଲି ଯୋସେଫ୍‌ଙ୍କ ଭଳି ଆନ୍ଧ୍ରପ୍ରଦେଶର ଭେଲାଙ୍କି ସୀମାଦ୍ରି ଓରଫ ଶିବା (୩୮) ସିୟାନାଇଡ୍ ଦେଇ ହତ୍ୟା କରୁଥିଲେ। ଜୋଲି ୧୪ ବର୍ଷରେ ତାଙ୍କ ପରିବାରର ୬ ଜଣଙ୍କୁ ଏହିପରି ହତ୍ୟା କରିଥିଲେ। ଗତ ମାସରେ ପୋଲିସ ତାଙ୍କୁ ଗିରଫ କରିବା ପରେ ହତ୍ୟା ଗୁମର ଖୋଲିଥିଲା। ଅନ୍ୟପକ୍ଷରେ ୱାଚ୍‌ମ୍ୟାନ୍‌ରୁ ରିଅଲ ଇଷ୍ଟେଟ୍ ଏଜେଣ୍ଟ ହୋଇଥିବା ଶିବା ୨୦୧୮ ଫେବୃୟାରୀରୁ ପ୍ରତି ଦୁଇମାସରେ ଜଣେ ଲେଖାଏଙ୍କୁ ହତ୍ୟା କରିଚାଲିଥିଲେ। ମୃତକଙ୍କ ମଧ୍ୟରେ ଶିବାଙ୍କ ଜେଜେମାଆ, ଭାଉଜ, ଘର ମାଲିକାଣୀ ଏବଂ ରାଜମହେନ୍ଦ୍ରୀ ନିକଟରେ ଥିବା ପୁରୁଷୋତ୍ତମପାଟଣାମ୍ ଆଶ୍ରମର ଧର୍ମ ପ୍ରଚାରକ ଶ୍ରୀରାମକୃଷ୍ଣ ନନ୍ଦ ଅଛନ୍ତି।

ରିଅଲ ଇଷ୍ଟେଟ୍ ବ୍ୟବସାୟରେ ବିପୁଳ କ୍ଷତି ସହିବା ପରେ ଏହାକୁ ଭରଣା କରିବା ଲାଗି ସେ ଲୋକଙ୍କୁ ମିଥ୍ୟା ପ୍ରଲୋଭନ ଦେଖାଇବା ଆରମ୍ଭ କରିଥିଲା। ନିଜ ପାଖରେ ଚୁମ୍ବକୀୟ ଚାଉଳ, ଯାଦୁକରି ମୁଦ୍ରା, ଦୁଇମୁଣ୍ଡ ଥିବା ସାପ ରହିଛି ବୋଲି କହି ଏହାଦ୍ୱାରା ସେ ଅନ୍ୟମାନଙ୍କ ସମ୍ପତ୍ତିକୁ ଦୁଇଗୁଣା କରିଦେବା ସହ ମଧୁମେହ ଭଳି ଦୁରାରୋଗ୍ୟ ବ୍ୟାଧିକୁ ଭଲ କରିଦେବେ ବୋଲି ଦାବି କରୁଥିଲେ। ସେ କରିଥିବା ଗ୍ରାହକ ତାଲିକାରେ ଆଉ ୨୦ ଜଣଙ୍କ ନାଁ ଥିବାରୁ ସେମାନଙ୍କୁ ମଧ୍ୟ ସେ ହତ୍ୟା କରିଥାନ୍ତେ ବୋଲି ପୋଲିସ କହିଛି। ଜଣେ ଗ୍ରାହକଙ୍କୁ ଫସାଇବା ପରେ ତାଙ୍କୁ ସୁନା ଓ ଟଙ୍କା ଧରି ଏକ ନିର୍ଦ୍ଦିଷ୍ଟ ସ୍ଥାନକୁ ଆସିବାକୁ କହୁଥିଲେ। ସେଠାରେ ପହଞ୍ଚିବା ପରେ ତାଙ୍କୁ ଶିବା ପ୍ରସାଦରେ ସାଇନାଇଡ୍ ମିଶାଇ ଖାଇବାକୁ ଦେଉଥିଲେ। ଲୋକଟି ମରିଯିବା ପରେ ଟଙ୍କା ଓ ସୁନା ଧରି ଶିବା ପଳାଇଆସୁଥିଲେ। ଏହିପରି ସେ ୨୪ .୬୦ ଲକ୍ଷ ଟଙ୍କା ଓ ୩୫ ସ୍ୱର୍ଣ୍ଣ ମୁଦ୍ରା ସଂଗ୍ରହ କରିବା ସହ ଏଲୁରୁରେ ଜମି କିଣି ଘର କରିଥିଲେ।

■ ପ୍ରଲୋଭନ ଦେଖାଇ ନାବାଳିକାଙ୍କ ସହ ଶାରୀରିକ ସମ୍ପର୍କ ରଖିବା ମାମଲା

# ଅଭିଯୁକ୍ତଙ୍କ ଆବେଦନ ଖାରଜ

କଟକ ଅଫିସ, ୬।୧୧

ସାଲେପୁର ଥାନା ଅଞ୍ଚଳର ଜନୈକା ନାବାଳିକାଙ୍କୁ ପ୍ରଲୋଭନ ଦେଖାଇ ବାରମ୍ବାର ଶାରୀରିକ ସମ୍ପର୍କ ରଖିବା ମାମଲାରେ ଅଭିଯୁକ୍ତଙ୍କ ତରଫରୁ ରୁଜୁ ଆବେଦନକୁ କଟକ ୩ୟ ଅତିରିକ୍ତ ଜିଲା ଦୌରାଜଜ୍ ତଥା ଶିଶୁ ଅଧିକାର ଅଦାଲତ ବିଚାରପତି ବନ୍ଦନା କର ଖାରଜ କରି ଦେଇଛନ୍ତି। ଅଭିଯୁକ୍ତ ନିଜକୁ ନାବାଳକ ଦର୍ଶାଇ ଏହି ମାମଲାକୁ ଜୁଭେନାଇଲ୍ କୋର୍ଟକୁ ସ୍ଥାନାନ୍ତର କରିବା ଓ ନାବାଳକ ହୋଇଥିବାରୁ ତାଙ୍କ ବିରୋଧରେ ଚାର୍ଜଫ୍ରେମ ନ କରିବା ଲାଗି ଆବେଦନ କରିଥିଲେ। ମାତ୍ର ଅଦାଲତ ଏହି ମାମଲାର ତର୍ଜମା କରି ମଙ୍ଗଳବାର ଅଭିଯୁକ୍ତଙ୍କ ଆବେଦନ ଖାରଜ କରିବା ସହ ଏହି ଅଦାଲତରେ ଶୁଣାଣି କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ପ୍ରକାଶ ଯେ, କେନ୍ଦ୍ରାପଡ଼ା ଅଞ୍ଚଳର ଜନୈକ ବ୍ୟକ୍ତି ହାଇଦ୍ରାବାଦର ଏକ ବେସରକାରୀ ସଂସ୍ଥାରେ କାର୍ଯ୍ୟ କରୁଥିବାବେଳେ ସାଲେପୁରରେ ତାଙ୍କର ଦୁଇଝିଅ, ଗୋଟିଏ ପୁଅ, ସ୍ତ୍ରୀ ଏବଂ ବୃଦ୍ଧ ବାପା ରହୁଥିଲେ। ତେବେ ସମ୍ପୃକ୍ତ ବ୍ୟକ୍ତିଙ୍କ ଅନୁପସ୍ଥିତିରେ ସୁଯୋଗ ନେଇ ପଡ଼ୋଶୀ ଜଣେ ଯୁବକ ଆବଶ୍ୟକ ସମୟରେ ଏହି ପରିବାରକୁ ସହଯୋଗ କରୁଥିଲେ। ତାଙ୍କ ଘରକୁ ଯିବା ଆସିବା ସମୟରେ ଉକ୍ତ ଯୁବକ ବିଭିନ୍ନ ପ୍ରଲୋଭନ ଦେଖାଇ ୧୬ବର୍ଷିୟା ବଡ଼ଝିଅଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ଏହି ସମୟର ଦୃଶ୍ୟକୁ ଯୁବକ ଜଣକ ନିଜ ମୋବାଇଲରେ ରେକର୍ଡ଼ କରିଥିଲେ। ପରବର୍ତ୍ତୀ ସମୟରେ ଉକ୍ତ ଦୃଶ୍ୟକୁ ସମ୍ପୃକ୍ତ ନାବାଳିକାଙ୍କୁ ଦେଖାଇ ବାରମ୍ବାର ଶାରୀରିକ ସମ୍ପର୍କ ରଖିବାକୁ ବାଧ କରିଥିଲେ। ପ୍ରାୟ ୨ବର୍ଷ ଧରି ଉକ୍ତ ଯୁବକ ଜଣକ ସମ୍ପୃକ୍ତ ନାବାଳିକାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିବାବେଳେ ସେ ଅନ୍ତଃସତ୍ତ୍ୱା ହୋଇଥିଲେ। ଏ ସମ୍ପର୍କରେ ନାବାଳିକାଙ୍କ ମା' ଜାଣିବା ପରେ ସାଲେପୁର ଥାନାରେ ଅଭିଯୋଗ କରିଥିଲେ। ମାତ୍ର ତତ୍କାଳୀନ ଥାନା ଅଧିକାରୀ ଏହି ଅଭିଯୋଗ ରଖି ନ ଥିଲେ। ପରେ ନାବାଳିକାଙ୍କ ମା' ଓଡ଼ିଶା ଲିଗାଲ ଆଣ୍ଡ ସୋସିଆଲ୍ ଆସୋସିଏଶନ(ଓଲ୍‌ସା) ମାଧ୍ୟମରେ ହାଇକୋର୍ଟ ମୁଖ୍ୟ ବିଚାରପତି, ଏସ୍‌ପି, ଡିଜିପି ଓ ମହିଳା କମିଶନଙ୍କ ନିକଟରେ ଅଭିଯୋଗ କରିଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଥାନା ଅଧିକାରୀ ୨୦୧୮ ଅକ୍ଟୋବର ୨୨ରେ ଏକ ମାମଲା ରୁଜୁ କରିଥିଲେ ମଧ୍ୟ ପୀଡ଼ିତାଙ୍କୁ ସାବାଳିକା ଦର୍ଶାଇ ଚାର୍ଜସିଟ୍ ଦାଖଲ କରିଥିଲେ। ଜିଲା ଜଜ୍‌ଙ୍କ ଅଦାଲତକୁ ବିଚାର ପାଇଁ ଏହି ମାମଲା ଆସିଥିଲା। ତେବେ ଏହି ଘଟଣା ସମୟରେ ସେ ନାବାଳିକା ଥିବା ପୀଡ଼ିତା ପିଟିଶନରେ ଦର୍ଶାଇଥିଲେ। ପରେ ଅଦାଲତ ଏହି ମାମଲାକୁ ଶିଶୁ ଅଧିକାର ଅଦାଲତକୁ ସ୍ଥାନାନ୍ତର କରିଥିଲେ। ଜେଲ୍‌ରେ ଥିବା ଅଭିଯୁକ୍ତ ନିଜକୁ ମଧ୍ୟ ନାବାଳକ ଦର୍ଶାଇ ଜୁଭେନାଇଲ୍ କୋର୍ଟକୁ ମାମଲା ସ୍ଥାନାନ୍ତର ପାଇଁ ପିଟିଶନ ଦାଏର କରିଥିଲେ। ହେଲେ ଅଦାଲତ ଏହି ପିଟିଶନକୁ ଖାରଜ କରି ଦେଇଛନ୍ତି। ଅନ୍ୟପକ୍ଷରେ ଓଲ୍‌ସା ପକ୍ଷରୁ ସମ୍ପୃକ୍ତ ନାବାଳିକାଙ୍କ ଶିକ୍ଷାଗ୍ରହଣ ପାଇଁ ବ୍ୟବସ୍ଥା କରାଯାଇଥିବାବେଳେ ତାଙ୍କୁ ଉଚିତ ନ୍ୟାୟ ପ୍ରଦାନ ପାଇଁ ପ୍ରୟାସ ଜାରି ରହିଛି। ରାଜ୍ୟ ଆଇନ ସେବା ପ୍ରାଧିକରଣ ପକ୍ଷରୁ ପୀଡ଼ିତାଙ୍କୁ ଆର୍ଥିକ ସହାୟତା ପାଇଁ ଉଦ୍ୟମ ଚାଲିଛି ବୋଲି ଓଲ୍‌ସା ସଙ୍ଗଠନର ସଭାପତି ବିପିନ ଚୌଧୁରୀ କହିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ରମେଶ ଚନ୍ଦ୍ର ମହାନ୍ତି ଏହି ମାମଲା ପରିଚାଳନା କରୁଛନ୍ତି।

■ ଜାତିସଂଘ ସୁରକ୍ଷା ପରିଷଦରେ ଭାରତର ଅଭିଯୋଗ

# ଆତଙ୍କବାଦ ରପ୍ତାନି କରୁଛି ପାକିସ୍ତାନ

ଜାତିସଂଘ,୬।୧୧(ପି.ଟି.)

ଜାତିସଂଘ ସୁରକ୍ଷା ପରିଷଦ ଅଧିବେଶନରେ ପାକିସ୍ତାନ କଶ୍ମୀର ମହିଳାଙ୍କ ଅଧିକାର ପ୍ରସଙ୍ଗ ଉଠାଇଥିଲାବେଳେ ଭାରତ ଏହାର କଡ଼ା ସମାଲୋଚନା କରିଛି। ଇସ୍‌ଲାମାବାଦ ଆତଙ୍କବାଦ ରପ୍ତାନି କରିବା ସହ ସଙ୍କୀର୍ଣ୍ଣ ରାଜନୈତିକ ସ୍ୱାର୍ଥ ଲାଗି ମହିଳାଙ୍କ ସ୍ୱରକୁ ଚାପିଦେଉଥିବା ନୂଆଦିଲ୍ଲୀ ଅଭିଯୋଗ କରିଛି। ଜମ୍ମୁ-କଶ୍ମୀରରୁ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ଓ ଉପତ୍ୟକାରେ ମହିଳାଙ୍କ ଅଧିକାର କ୍ଷୁଣ୍ଣ ହେଉଥିବା ନେଇ ଗତ ୨୯ ତାରିଖରେ ଜାତିସଂଘରେ ପାକିସ୍ତାନ ପ୍ରତିନିଧି ମଲିହା ଲୋଧି ଅଭିଯୋଗ ଆଣିବା ପରେ ଭାରତ ଏହାର ଦୃଢ଼ ଜବାବ ରଖିଥିଲା। ଜାତିସଂଘ ସୁରକ୍ଷା ପରିଷଦରେ ମହିଳା, ଶାନ୍ତି ଓ ସୁରକ୍ଷା ପ୍ରସଙ୍ଗରେ ସୋମବାର ଆଲୋଚନା ବେଳେ ଭାରତର ସ୍ଥାୟୀ ମିଶନର ପ୍ରଥମ ସଚିବ ପୌଲୋମୀ ତ୍ରିପାଠୀ ପାକିସ୍ତାନକୁ ସମାଲୋଚନା କରିଥିଲେ।

■ ଜଳ ସଞ୍ଚୟ ପାଇଁ ରେଲ୍‌ୱେ ବୋର୍ଡର ନିଷ୍ପତ୍ତି

# ଶତାବ୍ଦୀରେ ମିଳିବନି ୧ ଲି. ପାଣି ବୋତଲ

**ଯାତ୍ରୀଙ୍କୁ ଦିଆଯିବ ୫୦୦ ମି.ଲି., ଅତିରିକ୍ତ ପାଣି କିଣିବାକୁ ପଡ଼ିବ**

ଭୁବନେଶ୍ୱର, ୬।୧୧(ବ୍ୟୁରୋ)

ଶତାବ୍ଦୀ ଏକ୍ସପ୍ରେସରେ ଆଉ ମିଳିବନି ୧ ଲିଟର ରେଲ୍ ନୀର ପାଣି ବୋତଲ। ୧ ଲିଟର ବଦଳରେ ଏଣିକି ଯାତ୍ରୀଙ୍କୁ ୫୦୦ ମି.ଲି.ର ପାଣି ବୋତଲ ଦିଆଯିବ। ଯାତ୍ରୀମାନେ ପିଇବା ପାଣିକୁ ନଷ୍ଟ କରୁଥିବାରୁ ରେଲ୍‌ୱେ ବୋର୍ଡ ଏହି ନିଷ୍ପତ୍ତି ନେବା ସହ ଏ ସଂକ୍ରାନ୍ତରେ ଏକ ନିର୍ଦ୍ଦେଶନାମା ଜାରି କରିଥିବା ଜଣାପଡିଛି। ସୂଚନାଯୋଗ୍ୟ, ଶତାବ୍ଦୀ ଏକ୍ସପ୍ରେସରେ ୫ ଘଣ୍ଟା ଯାତ୍ରା କରୁଥିବା ଯାତ୍ରୀଙ୍କୁ ୫୦୦ ମି.ଲି. ଓ ଏହାଠାରୁ ଊର୍ଦ୍ଧ୍ୱ ସମୟ ଧରି ଯାତ୍ରା କରୁଥିବା ଯାତ୍ରୀଙ୍କୁ ୧ ଲିଟର ରେଲ୍ ନୀର ପାଣି ବୋତଲ ଦିଆଯାଇଥାଏ। ହେଲେ ଅଧିକାଂଶ ଯାତ୍ରୀ ମାତ୍ରାଧିକ ପିଇବା ପାଣି ନଷ୍ଟ କରୁଥିବା ଜଣାପଡ଼ିଥିଲା। ଡଷ୍ଟବିନ୍‌ରେ ପଡୁଥିବା ବୋତଲରେ ପାଣି ରହୁଥିବା ଦେଖିବାକୁ ମିଳିଥିଲା। ଏ ସଂକ୍ରାନ୍ତରେ ବୋର୍ଡ ପକ୍ଷରୁ ତର୍ଜମା କରାଯାଇ ସମସ୍ତ ଯାତ୍ରୀଙ୍କୁ ୫୦୦ ମି.ଲି.ର ପାଣି ବୋତଲ ଦେବାକୁ ନିଷ୍ପତ୍ତି ହୋଇଛି। ତେବେ ଯାତ୍ରୀ ଆବଶ୍ୟକ କଲେ ଅତିରିକ୍ତ ପାଣି ବୋତଲ ମିଳିବ, କିନ୍ତୁ ତାହାକୁ କିଣିବାକୁ ପଡ଼ିବ ବୋଲି ରେଲ୍‌ୱେ ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି।

# ମୃତ ପୋଲିସ କର୍ମଚାରୀଙ୍କ ପରିବାରକୁ ପୂର୍ଣ୍ଣ ପେନ୍‌ସନ ମାମଲାର ଶୁଣାଣି ୧୩ରେ

ନୂଆଦିଲ୍ଲୀ,୬।୧୧(ପି.ଟି.)

କର୍ତ୍ତବ୍ୟରେ ଥାଇ ମୃତ୍ୟୁ ହେଉଥିବା ପୋଲିସ କର୍ମଚାରୀଙ୍କ ପରିବାରକୁ ପୂର୍ଣ୍ଣ ପେନ୍‌ସନ ସହ ଜଣକୁ ନିଯୁକ୍ତି ଦେବା ଲାଗି ଦାଏର ପିଟିଶନର ଶୁଣାଣି ପାଇଁ ସୁପ୍ରିମକୋର୍ଟ ଗ୍ରହଣ କରିଛନ୍ତି। ସରକାରୀ ଅଧିକାରୀଙ୍କ ଭଳି ପୋଲିସଙ୍କ ମୃତ୍ୟୁ ପାଇଁ ସମାନ ନିୟମ ଲାଗୁ ନ ହେବା ଅନ୍ୟାୟ ବୋଲି ଆବେଦନକାରୀଙ୍କ ଓକିଲ ଏମ୍.ଏଲ୍. ଶର୍ମା କହିଛନ୍ତି। ପୋଲିସ ଅନୁପସ୍ଥିତିରେ ଅଦାଲତ, ମନ୍ତ୍ରୀ କିମ୍ବା ସେସାଇଟି କେହି ଆଇନ ଶୃଙ୍ଖଳା ରକ୍ଷା କରିପାରିବେନି। ସେମାନେ ସମାଜରେ ଆଇନଶୃଙ୍ଖଳା ସ୍ଥିତି ସମ୍ଭାଳିବା ସହ ଧନଜୀବନର ସୁରକ୍ଷା କରିଥାନ୍ତି। ସେଥିପାଇଁ ଜଣେ ପୋଲିସ କର୍ତ୍ତବ୍ୟରେ ଥାଇ ପ୍ରାଣ ହରାଇଲେ ପୁରସ୍କାର ସ୍ୱରୂପ ତାଙ୍କ ପରିବାରକୁ ପୂର୍ଣ୍ଣ ପେନ୍‌ସନ ସହିତ ଜଣକୁ ଚାକିରି ମିଳିବା ଆବଶ୍ୟକ ବୋଲି ଆବେଦନକାରୀ ପୋଲିସ ଅଫିସରଙ୍କ ବିଧବା ସ୍ତ୍ରୀଙ୍କ ପକ୍ଷରୁ ଲଢୁଥିବା ଆଇନଜୀବୀ କହିଥିଲେ।

# ଊର୍ଜା କ୍ଷେତ୍ରରେ ପରିବର୍ତ୍ତନ ପାଇଁ ନିଜ ଉପାୟରେ ରାସ୍ତା କଢ଼ାଯିବ: ଧର୍ମେନ୍ଦ୍ର

**'ଏନରିଚ୍ ୨୦୧୯' ସମ୍ମିଳନୀ**

ଭୁବନେଶ୍ୱର,୬।୧୧(ବ୍ୟୁରୋ)

ଆଗାମୀ ଦିନରେ ଭାରତ ଊର୍ଜା କ୍ଷେତ୍ରରେ ପରିବର୍ତ୍ତନ ରାସ୍ତା ନିଜ ଉପାୟରେ ବାହାର କରିବ। ନୂଆଦିଲ୍ଲୀଠାରେ ବୁଧବାର ଆୟୋଜିତ ଏନରିଚ୍ ୨୦୧୯-କେପିଏମଜି ଭାରତର ବାର୍ଷିକ ଊର୍ଜା ସମ୍ମିଳନୀରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ସ୍ଥାୟୀ ଭାବେ ଊର୍ଜାର ବିକାଶ କରିବା ଭାରତ ସରକାରଙ୍କ ବଡ଼ ପ୍ରାଥମିକତା। ଆଗାମୀ ଦିନରେ ଭାରତ ଆମେରିକୀୟ ଡଲାରରେ ୫ ଟ୍ରିଲିୟନ ଅର୍ଥନୀତି ହାସଲ କରିବାର ଲକ୍ଷ୍ୟ ରଖିଥିବାବେଳେ ସମ୍ପ୍ରତି ଦେଶରେ ବ୍ୟବସାୟିକ କାରବାର ଏବଂ ଲୋକଙ୍କ ଜୀବନଶୈଳୀକୁ ପରିବର୍ତ୍ତନ କରିବା ଉପରେ ଅଧିକ ଜୋର୍ ଦିଆଯାଉଛି । ଦେଶର ଭିତ୍ତିଭୂମିରେ ଅଧିକ ପୁଞ୍ଜିନିବେଶ, ଡିଜିଟାଲ୍ ଅର୍ଥନୀତି ଏବଂ ଛୋଟ ଓ ମଧ୍ୟମ ବ୍ୟବସାୟରେ ନିଯୁକ୍ତି ସୃଷ୍ଟି ଦ୍ୱାରା ଭାରତର ଗତିଶୀଳ ଅର୍ଥନୀତି ଆଗକୁ ବଢିପାରିବ ବୋଲି ଧର୍ମେନ୍ଦ୍ର କହିଛନ୍ତି । ଧର୍ମେନ୍ଦ୍ର ଆହୁରି କହିଛନ୍ତିଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ସରକାର ବ୍ୟବସାୟ କାରବାର ଅନୁକୂଳଯୁକ୍ତ ପରିବେଶ ନିମନ୍ତେ ଗତ ୫ବର୍ଷରେ ଅନେକଗୁଡିଏ ସଂସ୍କାରରେ ସୁଧାର ଆଣିଛନ୍ତି । ଭାରତକୁ ଗ୍ୟାସ୍ ଆଧାରିତ ଅର୍ଥନୀତି କରିବା ପାଇଁ ଉଦ୍ୟମ ଜାରି ରହିଛି। ଭାରତରେ ମୁଣ୍ଡପିଛା କାର୍ବନ ଗ୍ୟାସ୍ ନିର୍ଗମନ ବିଶ୍ୱର ହାରାହାରି ହାରଠାରୁ କମ୍ ଅଛି। ଭାରତକୁ ଗ୍ୟାସ୍ ଆଧାରିତ ଅର୍ଥ ବ୍ୟବସ୍ଥା କରିବା ପାଇଁ ୬୦ ନିୟୁତ ଆମେରିକୀୟ ଡଲାର ବ୍ୟୟ ବରାଦରେ ଗ୍ୟାସ୍ ଭିତ୍ତିଭୂମି ଯଥା ଗ୍ୟାସ୍ ପାଇପ୍ ଲାଇନ୍, ଟର୍ମିନାଲ, ସିଟି ଗ୍ୟାସ୍ ବିତରଣ ବ୍ୟବସ୍ଥା ଆଦି ବିଭିନ୍ନ କାର୍ଯ୍ୟ କ୍ରିୟାନ୍ୱୟନ ଚାଲିଛି। ଊର୍ଜାର ନିରନ୍ତର ଯୋଗାଣ ସୁନିଶ୍ଚିତ କରିବା ପାଇଁ ଜୈବ ଊର୍ଜା ଉପରେ ଭାରତ ସରକାର ଯଥେଷ୍ଟ ଗୁରୁତ୍ୱ ଦେଉଛନ୍ତି। ଆଗାମୀ ଦଶକରେ ଭାରତ ବିଶ୍ୱ ଊର୍ଜା ଚାହିଦାର କେନ୍ଦ୍ରବିନ୍ଦୁ ପାଲଟିବ । କୃଷି ବର୍ଜ୍ୟବସ୍ତୁ ଏବଂ ସହରର ଆବର୍ଜନାରୁ ବିଭିନ୍ନ ପ୍ରକାର ଜୈବ ଇନ୍ଧନ ଉତ୍ପନ୍ନ ହୋଇପାରିବା ନେଇ ଲକ୍ଷ୍ୟ ରଖାଯାଇଥିବା ଧର୍ମେନ୍ଦ୍ର କହିଛନ୍ତି।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

BUSINESS BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ Bansal Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
07376033092

ଭାରତର ନଂ. 1 କମ୍ପାନୀ
Hindusthan Tower Group
ଦ୍ୱାରା ନିଜର ଖାଲି ଜମି, ଛାତ, ଚାଷଜମି ଓ ହାଇୱେ ପାର୍ଶ୍ୱ ଜମିରେ
DIGITAL ମଲ୍ଟିମିଡିଆ ଟାୱାର ଲଗାନ୍ତୁ।
ଆଡ୍‌ଭାନ୍ସ: 60 ଲକ୍ଷ
ଭଡ଼ା: 60 ହଜାର
94735-96956, 98070-64437
ADDRESS: T-51, GAUTAMPURI, DELHI

ଡାଇରେକ୍ଟ କମ୍ପାନୀର ଡିଜିଟାଲ ଟାୱାର୍ ଟାୱାର୍ କମ୍ପାନୀ ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ କମ୍ପାନୀ
ନିଜର ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍ ଉପରେ ଡିଜିଟାଲ୍ ଟାୱାର୍ ଲଗାନ୍ତୁ । ଅଗ୍ରିମ ୨୦ ଲକ୍ଷ, ଭଡ଼ା 60 ହଜାର + ବାଇକ୍ । 20 ବର୍ଷର କୋର୍ଟ ଏଗ୍ରିମେଣ୍ଟ ।
7838639856
8826558929

FINANCE FINANCE

ଶୁଭଜନଲକ୍ଷ୍ମୀ ଫାଇନାନ୍ସ
ଗୃହ ଋଣ, ମାର୍କଶିଟ୍ ଋଣ, କୃଷି ଋଣ, ପର୍ସନାଲ ଋଣ, ଗ୍ରୁପ୍ ଋଣ, ମାତ୍ର 5 ବାର୍ଷିକ ସୁଧ ହାରରେ ।
ଯୋଗାଯୋଗ କରନ୍ତୁ
9899289162
9858323204
Dehradun, UK

ଆଗେ ଆସନ୍ତୁ, ଆଗେ ପାଆନ୍ତୁ
ଭାରତର Govt. Regd. ନଂ.1 କମ୍ପାନୀ
1982ଠାରୁ ଆପଣଙ୍କ ସେବାରେ
MICRO FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍‌ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
8278449759
8901395759
B-34/7 A Block Vijay Enclave, Bururi, New Delhi

FINANCE
All India ଋଣ ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୦% ସୁଧ ୫୦% ଛାଡ ଘରେବସି ପାଆନ୍ତୁ
Call / SMS Now
Janavi - 7566-888-563
Sagar - 7773-817-838
Manasi- 8827-505-029
Manisa- 7772-970-949
Sradha - 7583-808-884
Visakha- 8269-150-310
Vasundhara Mall, West Boring Canal Rd, Rajapur, Patna, Bihar 800001

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

BARSA FINANCE
ବ୍ୟବସାୟ, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗୃହ ଋଣ ସମସ୍ତ ପ୍ରକାର LOAN
BARSA FINANCE ଯୋଗାଇ ଦେଉଛି । ସୁଧ=1%
M = 7656825259
7656825281
Add - 61/25, SEC-2, Pushp Vihar, Delhi - Laing, Sundargarh, Odisha

KUBER FINANCE
Kuber ଋଣ ଲିମିଟେଡ୍ ଭରସାର ପ୍ରତିକ ସରକାରୀ ସ୍ୱୀକୃତୀପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, କୃଷି ଆଧାରକାର୍ଡ ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ମାତ୍ର ୧ ଦିନରେ, 2% ସୁଧ 40% ଛାଡ । ଘରେ ବସି ପାଆନ୍ତୁ
ଖର୍ଚ୍ଚ ଲୋନ ପାସ ହେଲା ପରେ
Plot No-14/524, Chandini Chowk, Kolkata
Call or SMS Now
8146524009

ASTROLOGY ASTROLOGY

ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ
ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ସଉତୁଣୀ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମରେ ଧୋକା, ରୁଷିଥିବା ବ୍ୟକ୍ତିଙ୍କୁ ମନାଇବା, ବ୍ୟବସାୟ, ଛାଡ଼ପତ୍ରରେ ବାଧା, ସନ୍ତାନ କିମ୍ବା ବିଦେଶ ଯାତ୍ରାରେ ବିଘ୍ନ। ସବୁଠାରୁ ନିରାଶ ହୋଇଥିବା ବ୍ୟକ୍ତି ଫୋନ୍ କରନ୍ତୁ
9911786155
9911786154


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



କ୍ରୋଧରୁ ମୋହ ଜନ୍ମେ, ମୋହରୁ ସ୍ମରଣ ଶକ୍ତି ନଷ୍ଟ ହୁଏ, ସ୍ମରଣ ଶକ୍ତି ନଷ୍ଟ ହେଲେ ବିଚାର ଶକ୍ତି ନଷ୍ଟ ହୁଏ ଏବଂ ବିଚାର ଶକ୍ତି ନଷ୍ଟରୁ ମନୁଷ୍ୟ ମୃତ୍ୟୁ ମୁଖରେ ପତିତ ହୁଏ ।
- ଭଗବଦ୍ ଗୀତା



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- କଲଗେଟ ପକ୍ଷରୁ ଗିନିଜ ୱାର୍ଲ୍ଡ ରେକର୍ଡ କାର୍ଯ୍ୟକ୍ରମ, କ୍ୟାମ୍ପସ-୨, କିସ୍, ସକାଳ ୭ଟା।
- କୃଷି ଓ ଖାଦ୍ୟ ଉତ୍ପାଦନ ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ କର୍ମଶାଳା, କୃଷି ଭବନ, ପୂର୍ବାହ୍ନ ୯ଟା ୩୦।
- ସିଏସ୍ଏନ୍ଆର ଓ ସିଏଚ୍ଆରଆଇର କର୍ମଶାଳା, ପ୍ରେସ୍ କ୍ଲବ ଅଫ ଓଡ଼ିଶା, ପୂର୍ବାହ୍ନ ୧୧ଟା ୧୫।
- ବିଜ୍ଞାନ ଫିଲ୍ମ ଫେଷ୍ଟିଭାଲ ଓ କର୍ମଶାଳା, ରିଜିଓନାଲ ସାଇନ୍ସ ସେଣ୍ଟର, ପୂର୍ବାହ୍ନ ୧୧ଟା ୩୦।
- ନୂଆଁଖାଇ ଭେଟ୍‌ଘାଟ୍, ଏମ୍‌କେସିଜି ଅଡିଟୋରିୟମ, ଉତ୍କଳ ବିଶ୍ୱବିଦ୍ୟାଳୟ, ଅପରାହ୍ନ ୨ଟା।
- ରାଷ୍ଟ୍ରୀୟ ଯୁବା ସଙ୍ଗଠନ ପକ୍ଷରୁ ଅହିଂସା ପଥରୁ ସିପାହୀ, ଲୋହିଆ ଏକାଡେମୀ, ଅପରାହ୍ନ ୫ଟା ୩୦।
- ଓମ ଧ୍ୱନୀ ଓ ପ୍ରେରଣା ସଂସ୍ଥା ପକ୍ଷରୁ ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମ, ସୂଚନା ଭବନ, ସନ୍ଧ୍ୟା ୬ଟା।

**କଟକ**

- ଓଡ଼ିଶା ପିରାମିଡ ସ୍ପିରିଚୁଆଲ ସୋସାଇଟି ମୁଭମେଣ୍ଟ ଧ୍ୟାନ ଟ୍ରଷ୍ଟ ପକ୍ଷରୁ ସଂଗୀତ ମହା ଧ୍ୟାନ ଯଜ୍ଞର ଉଦ୍‌ଘାଟନ ଉତ୍ସବ, ଶହୀଦ ଭବନ, ପୂର୍ବାହ୍ନ ୧୦ଟା।
- ବସ୍ତିବାସୀଙ୍କ ଏକତା ମଞ୍ଚ ପକ୍ଷରୁ ବିକ୍ଷୋଭ, ଜଗତପୁର ତହସିଲ ଅଫିସ ସମ୍ମୁଖ, ପୂର୍ବାହ୍ନ ୧୧ଟା।

# ୨୦ଲକ୍ଷ ଦାଦାବଟିକୁ ନେଇ ଗୁଳିକାଣ୍ଡ

- ଠିକାଦାରଙ୍କ ଉପରେ ୩ ରାଉଣ୍ଡ ଗୁଳି
- ୨ ଅଭିଯୁକ୍ତଙ୍କୁ ଧରି ଲୋକେ ପୋଲିସ ଜିମା ଦେଲେ
- ଦୁର୍ବୃତ୍ତଙ୍କ ଗାଡ଼ି ପୋଡ଼ିଲେ

**ଗୋପ,୬।୧୧(ଡି.ଏନ୍.ଏ.)**

ଦାଦାବଟିକୁ ନେଇ ପୁରୀ ଜିଲା ଗୋପ ଅଞ୍ଚଳରେ ବୁଧବାର ଗୁଳିକାଣ୍ଡ ସହ ଗାଡ଼ି ପୋଡ଼ି ହୋଇଛି। ଗୋପ-ବାଲିଘାଇ ରାସ୍ତାର ସୁବର୍ଣ୍ଣପୁର ନିକଟରେ ଦୁଇ ଯୁବକ ଜଣେ ଠିକାଦାରଙ୍କୁ ଘରୁ ଡାକି ୨୦ଲକ୍ଷ ଟଙ୍କା ଦାଦାବଟିକୁ ନେଇ ଅଭିଯୁକ୍ତମାନେ ତିନି ରାଉଣ୍ଡ ଗୁଳି ଚଳାଇଥିଲେ। ପରେ ଯୁବକଦ୍ୱୟ ଖସିଯାଉଥିବାବେଳେ ଠିକାଦାରଙ୍କ ଡ୍ରାଇଭର ଉପସ୍ଥିତ ବୁଦ୍ଧି ଖଟାଇ ସେମାନଙ୍କୁ ଧରି ନେଇଥିଲେ। ପରେ ସ୍ଥାନୀୟ ଲୋକେ ମିଶି ସେମାନଙ୍କୁ ଉତ୍ତମମଧ୍ୟମ ଦେବା ସହ ଅଭିଯୁକ୍ତ ଆଣିଥିବା ଗାଡ଼ିକୁ ପୋଡ଼ି ଦେଇଛନ୍ତି। ଘଟଣା ଘଟିବାର ପ୍ରାୟ ଏକ ଘଣ୍ଟା ପରେ ଖବରପାଇ ପୋଲିସ ପହଞ୍ଚି ରକ୍ତାକ୍ତ ଅବସ୍ଥାରେ ଦୁଇ ଅଭିଯୁକ୍ତ ଏବଂ ଉମାକାନ୍ତଙ୍କୁ ଚିକିତ୍ସା ପାଇଁ ଗୋପ ଡାକ୍ତରଖାନାକୁ ପଠାଇଥିଲେ। ପରେ ଉମାକାନ୍ତଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଖବର ଲେଖାହେବା ପର୍ଯ୍ୟନ୍ତ ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବାବେଳେ ଦୁଇ ଅଭିଯକ୍ତଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଛି। ସୂଚନାଯୋଗ୍ୟ, ସୁବର୍ଣ୍ଣପୁର ଗ୍ରାମର ଉମାକାନ୍ତ ସାହୁ ବିଭିନ୍ନ ଅଞ୍ଚଳରେ ଠିକାଦାରି କାମ କରୁଥିବାବେଳେ ତାଙ୍କୁ କେତେକ ଗୁଣ୍ଡାଶ୍ରେଣୀର ବ୍ୟକ୍ତି ଦାଦାବଟି ମାଗିଥିଲେ। ମାତ୍ର ସେ ଟଙ୍କା ନ ଦେଇଥିବାରୁ ଏଭଳି କାଣ୍ଡ ଘଟିଥିବା ଜଣାପଡ଼ିଛି। ବୁଧବାର ସକାଳ ୭ଟାରେ ଦୁଇଯୁବକ ଏକ ସ୍କୁଟି (ନଂ. ଓଡ଼ି୦୨ଏଆର୍-୬୦୨୪) ଯୋଗେ ଆସି ଉମାକାନ୍ତଙ୍କ ଘର ନିକଟ ଇଟାଭାଟି ସାମ୍ନାରେ ପହଞ୍ଚି ତାଙ୍କୁ ଡାକିଥିଲେ। ଠିକାଦାର ଆସିବା ପରେ ଉଭୟଙ୍କ ମଧ୍ୟରେ ଦାଦାବଟିକୁ ନେଇ ବଚସା ହେବା ପରେ ହଠାତ୍ ଜଣେ ଅଭିଯୁକ୍ତ ଏକ ବନ୍ଧୁକ ବାହାର କରି ତାଙ୍କ ଜଙ୍ଘକୁ ଗୁଳିକରି ଫେରାର ହେବାକୁ ଚେଷ୍ଟା କରିଥିଲେ। ମାତ୍ର ସ୍ଥାନୀୟ ଲୋକ ଧରି ପୋଲିସକୁ ଜଣାଇଥିଲେ। ପୋଲିସର ବିଳମ୍ବ ଯୋଗୁ ଉତ୍ତ୍ୟକ୍ତ ଲୋକେ ପୋଲିସ୍‌କୁ ଠେଲାପେଲା କରିଥିଲେ। ଏହି ଗୁଳି କାଣ୍ଡ ଘଟିବା ପରେ ପୁରୀ ଏସ୍‌ପି ଉମାଶଙ୍କର ଦାଶ, ନିମାପଡ଼ା ଡିଏସ୍‌ପି ପ୍ରଦୀପ କୁମାର ଦଳାଇ ଗୋପ ଥାନାରେ ପହଞ୍ଚି ଗୁଳିମାଡ଼ ଘଟଣାର ତଦନ୍ତ ଚଳାଇଛନ୍ତି। ଏ ନେଇ ଗୋପ ଥାନା ଅଧିକାରୀ ସୁଧୀର କୁମାର ସାହୁ କୁହନ୍ତି, ଠିକାଦାର ଜଣଙ୍କ ଚିକିତ୍ସାଧୀନ ଥିବାରୁ ଅଭିଯୋଗ ହୋଇନାହିଁ। ଅଭିଯୋଗ ହେବା ପରେ ମକଦ୍ଦମା କରାଯିବ।





ଧରାପଡ଼ିଥିବା ଅଭିଯୁକ୍ତ ଓ ନିଆଁ ଲାଗିଥିବା ବାଇକ୍।

## ସାଲେପୁର ଫାଶୀ ଦଣ୍ଡାଦେଶ ମାମଲା

# ପତିତପାବନ ରଥ ଆମିକସ୍ କ୍ୟୁରି ନିଯୁକ୍ତ

**କଟକ ଅଫିସ, ୬।୧୧**

ସାଲେପୁର ଫାଶୀ ଦଣ୍ଡାଦେଶ ମାମଲାରେ ବୁଧବାର ହାଇକୋର୍ଟ ପତିତପାବନ ରଥଙ୍କୁ ଆମିକସ କ୍ୟୁରି ଭାବେ ନିଯୁକ୍ତ କରିଛନ୍ତି। ଗତ ସେପ୍ଟେମ୍ବର ୧୯ରେ କଟକର ତୃତୀୟ ଅତିରିକ୍ତ ଜିଲା ଓ ଦୌରାଜଜ୍ ତଥା ପୋକ୍‌ସୋ ଅଦାଲତ ଅଭିଯୁକ୍ତ ମହମ୍ମଦ ମୁସ୍ତାକ୍‌ଙ୍କୁ ଫାଶୀ ଦଣ୍ଡରେ ଦଣ୍ଡିତ କରିଥିଲେ। ନିମ୍ନ ଅଦାଲତଙ୍କ ଏହି ଦଣ୍ଡାଦେଶ ମଞ୍ଜୁରୀ ପାଇଁ ହାଇକୋର୍ଟକୁ ଆସିଥିବାବେଳେ ବୁଧବାର ହାଇକୋର୍ଟ ବିଚାରପତି ଏସ୍.କେ. ମିଶ୍ର ଓ ବିଚାରପତି ଏ.କେ. ମିଶ୍ରଙ୍କ ଖଣ୍ଡପୀଠ ଏହାର ଶୁଣାଣି କରି ରଥଙ୍କୁ ଆମିକସ କ୍ୟୁରି ଭାବେ ନିଯୁକ୍ତ ଦେଇଛନ୍ତି। ମାମଲାର ବିବରଣୀରୁ ପ୍ରକାଶ, ୨୦୧୮ ଏପ୍ରିଲ୍ ୨୧ରେ ସାଲେପୁର ଥାନା ଅଞ୍ଚଳର ଜଣେ ୬ ବର୍ଷୀୟା ବାଳିକାକୁ ଅଭିଯୁକ୍ତ ମୁସ୍ତାକ୍ ଚକୋଲେଟ୍ ଲୋଭ ଦେଖାଇ ଏକ ଅନ୍ଧାରୁଆ ସ୍ଥାନକୁ ନେଇ ବଳାତ୍କାର କରିଥିଲେ। ପ୍ରମାଣ ନଷ୍ଟ କରିବା ପାଇଁ ମୁସ୍ତାକ ନାବାଳିକାଙ୍କ ମୁଣ୍ଡକୁ ଏକ କାନ୍ଥରେ ପିଟି ଦେଇଥିଲେ। ଚିକିତ୍ସାଲାଗି ତାଙ୍କୁ କଟକ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ପ୍ରାୟ ୮ଦିନ ଚିକିତ୍ସିତ ହେବା ପରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ମାମଲାରେ ସାଲେପୁର ପୋଲିସ ମାମଲା(ନଂ.୮୧/୧୮) ରୁଜୁ କରିବା ଅଭିଯୁକ୍ତ ମୁସ୍ତାକଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। କଟକର ପୋକ୍‌ସୋ କୋର୍ଟଙ୍କ ପ୍ରିଜାଇଡିଂ ଅଫିସର୍ ବନ୍ଦନା କର ଉକ୍ତ ତଥ୍ୟ ଓ ପ୍ରମାଣକୁ ଭିତ୍ତିକରି ଅଭିଯୁକ୍ତଙ୍କୁ ଆଇପିସିର ୩୬୩/୩୬୭(ଏ)(ବି)/୩୦୨ ଏବଂ ପୋକ୍‌ସୋ ଆକ୍ଟର (ପ୍ରୋଟେକ୍‌ସନ୍ ଅଫ୍ ଚିଲ୍‌ଡ୍ରେନ୍ ଫ୍ରମ୍ ସେକ୍ସୁଆଲ୍ ଅଫେନ୍ସ୍ ଆକ୍ଟ) ୬ ଧାରାରେ ଦୋଷୀ ସାବ୍ୟସ୍ତ କରି ଫାଶୀ ଦଣ୍ଡାଦେଶ ଦେଇଥିଲେ।

# ଶ୍ରୀଲିଙ୍ଗରାଜ ମନ୍ଦିର ଅଡିଟ୍ ଆରମ୍ଭ

**ପୁରୁଣା ଭୁବନେଶ୍ୱର, ୬।୧୧ (ଡି.ଏନ.ଏ.)**

ପୂର୍ବ ନିର୍ଦ୍ଧାରିତ ନିଷ୍ପତ୍ତି ଅନୁସାରେ ୧।୧୧।୧୯ ଶୁକ୍ରବାରଠାରୁ ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟବୋର୍ଡ଼ ଅଧୀନରେ ଥିବା ମନ୍ଦିର ସମେତ ପାର୍ଶ୍ୱଦେବ ପୀଠ ଯଥା ଅନନ୍ତ ବାସୁଦେବ ମନ୍ଦିର, କେଦାରଗୌରୀ ମନ୍ଦିରର ଅଡ଼ିଟ୍ କାର୍ଯ୍ୟ ଚାଲୁଛି। ବିଭାଗୀୟ ଅଧିକାରୀମାନେ ଅନନ୍ତ ବାସୁଦେବ ମନ୍ଦିର ଗସ୍ତକରି ତଦାରଖ କରିଥିଲେ। ବୁଧବାର ଶ୍ରୀଲିଙ୍ଗରାଜ ମହାପ୍ରଭୁଙ୍କ ସୁନା, ରୁପା ଆଦି ଅଳଙ୍କାର ଅଡ଼ିଟ କରାଯାଇଥିବା ବିଶେଷ ସୂତ୍ରରୁ ପ୍ରକାଶ।

## ମହେନ୍ଦ୍ର ସ୍ୱାଇଁ ହତ୍ୟା ମାମଲା

# ଶୁଣାଣି ଶେଷ, ରାୟ ସଂରକ୍ଷିତ

**କଟକ ଅଫିସ, ୬।୧୧:** ପାରାଦୀପ ସିୱେଜ୍ କମ୍ପାନୀ ମ୍ୟାନେଜର ମହେନ୍ଦ୍ର ସ୍ୱାଇଁ ହତ୍ୟା ମାମଲାର ଜେଲ୍‌ରେ ଥିବା ଶିଳ୍ପପତି ମହିମାନନ୍ଦ ମିଶ୍ର ଜାମିନ୍ ପାଇଁ ପୁଣି ହାଇକୋର୍ଟ ଆସିଛନ୍ତି। ହାଇକୋର୍ଟ ବିଚାରପତି ଦେବବ୍ରତ ଦାସଙ୍କ ଖଣ୍ଡପୀଠ ବୁଧବାର ଏହି ମାମଲାର ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ, ସିୱେଜ୍ ଶିପିଙ୍ଗ ଏବଂ ଲଜିଷ୍ଟିକ୍ ପ୍ରାଇଭେଟ୍ ଲିମିଟେଡ୍‌ର ମ୍ୟାନେଜର ମହେନ୍ଦ୍ର ସ୍ୱାଇଁଙ୍କୁ ୨୦୧୬ ଅକ୍ଟୋବର ୨୬ରେ ପାରାଦୀପ ମଧୁବନ କାଲୋନୀର ଆମ୍ବେଦକର ଭବନ ନିକଟରେ ଗୁଳିକରି ହତ୍ୟା କରାଯାଇଥିଲା। ଏହି ମାମଲାରେ ପୋଲିସ ମହିମାଙ୍କ ସମେତ ଆହୁରି ୧୦ଜଣଙ୍କୁ ଗିରଫ କରିଥିଲା। ତେବେ ମହିମା ଜାମିନ ପାଇଁ ତଳକୋର୍ଟରୁ ସୁପ୍ରିମ୍‌କୋର୍ଟ ପର୍ଯ୍ୟନ୍ତ ଏକାଧିକ ଥର ଯାଇଛନ୍ତି। ସେପ୍ଟେମ୍ବର ୧୯ରେ ହାଇକୋର୍ଟ ଏହି ମାମଲାରେ ରାୟ ପ୍ରକାଶ କରି ନିମ୍ନ ଅଦାଲତରେ ମହିମା ସାନି ଆବେଦନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଆଦେଶ ପରେ ମହିମା ନିମ୍ନ ଅଦାଲତରେ ଆବେଦନ କରିଥିଲେ। କିନ୍ତୁ ନିମ୍ନ ଅଦାଲତ ଅକ୍ଟୋବର ୪ରେ ମହିମାଙ୍କ ଆବେଦନକୁ ଖାରଜ କରି ଦେଇଥିଲେ। ଏହି ଆଦେଶ ବିରୋଧରେ ମହିମା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଜୟଦୀପ ପାଲ୍ ମାମଲା ପରିଚାଳନା କରୁଛନ୍ତି।

# ୭ରୁ ସଙ୍ଗୀତ ମହା ଧ୍ୟାନଯଜ୍ଞ

**କଟକ ଅଫିସ, ୬।୧୧:** ଆସନ୍ତା ୭ ଓ ୮ ତାରିଖ ପୂର୍ବାହ୍ନ ୧୦ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ସ୍ଥାନୀୟ ଶହୀଦ ଭବନଠାରେ ସଙ୍ଗୀତ ମହା ଧ୍ୟାନ ଯଜ୍ଞ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଆଧ୍ୟାତ୍ମିକ ଗୁରୁ ବ୍ରହ୍ମର୍ଷି ପତ୍ରିଜି ଏବଂ ଅନ୍ୟ ପଣ୍ଡିତମାନଙ୍କ ଦ୍ୱାରା ଧ୍ୟାନ ସମ୍ବନ୍ଧରେ ଜ୍ଞାନାଲୋକ ପ୍ରଦାନ କରାଯିବ। ଏଥିରେ ବହୁ ସଂଖ୍ୟାରେ ଜନସାଧାରଣ ଯୋଗଦେବାକୁ ଧ୍ୟାନ ସଂସ୍ଥା ପକ୍ଷରୁ ଅନୁରୋଧ କରାଯାଇଛି।

# ୨୦୨୦ରେ ଦ୍ୱିଗୁଣା ହେବେ ପ୍ରୋଷ୍ଟେଟ୍ କ୍ୟାନ୍ସର ରୋଗୀ



**ଭୁବନେଶ୍ୱର, ୬।୧୧(ବ୍ୟୁରୋ)**

ଭାରତରେ ପ୍ରୋଷ୍ଟେଟ୍ କ୍ୟାନ୍ସର ଦିନକୁ ଦିନ ଭୟଙ୍କର ରୂପ ନେଉଛି। ଗବେଷଣା ଅନୁସାରେ ୨୦୧୦ ଓ ୨୦୧୫ରେ ଭାରତରେ ପ୍ରୋଷ୍ଟେଟ୍ କ୍ୟାନ୍ସରରେ ପୀଡ଼ିତ ରୋଗୀଙ୍କ ସଂଖ୍ୟା ଯଥାକ୍ରମେ ୨୬ ଓ ୨୮ ହଜାର ଥିବାବେଳେ ୨୦୨୦ ସୁଦ୍ଧା ଏହି ସଂଖ୍ୟା ଦ୍ୱିଗୁଣିତ ହେବ ବୋଲି ଅନୁମାନ କରାଯାଉଛି। ପ୍ରୋଷ୍ଟେଟ୍ କ୍ୟାନ୍ସର ଏକ ଧିମା କ୍ୟାନ୍ସର ହୋଇଥିବାବେଳେ ସାଧାରଣତଃ ଏହି ରୋଗ ଶେଷ ସ୍ତରରେ ନ ପହଞ୍ଚିବା ପର୍ଯ୍ୟନ୍ତ ରୋଗୀ ଏହାର ବିଶେଷ ଲକ୍ଷଣ ଅନୁଭବ କରି ନଥାଏ। ହେଲେ ଥରେ ଏହି କ୍ୟାନ୍ସର ଦ୍ରୁତଗତିରେ ବଢ଼ିବା ଆରମ୍ଭ କଲେ କିମ୍ବା ବାହାରକୁ ବ୍ୟାପିଲେ ବିପଜ୍ଜନକ ପାଲଟିଥାଏ। ପ୍ରାରମ୍ଭିକ ସ୍ତରରେ ଏହି ରୋଗର ଲକ୍ଷଣ ଚିହ୍ନଟ ହୋଇପାରୁ ନ ଥିବାରୁ ୫୦ ବର୍ଷ ବୟସରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କ କ୍ଷେତ୍ରରେ ପ୍ରତିବର୍ଷ ପ୍ରୋଷ୍ଟେଟ୍ କ୍ୟାନ୍ସର ଯାଞ୍ଚ ଜରୁରୀ ବୋଲି ବିଆର ଲାଇଫ୍ କଳିଙ୍ଗ ହସ୍ପିଟାଲର ବରିଷ୍ଠ ୟୁରୋଲୋଜିଷ୍ଟ ଡା. ବିଶ୍ୱଜିତ୍ ନନ୍ଦ କହିଛନ୍ତି। ବିଆର ଲାଇଫ୍ କଳିଙ୍ଗ ହସ୍ପିଟାଲରେ ପ୍ରୋଷ୍ଟେଟ୍ କ୍ୟାନ୍ସର କ୍ଲିନିକ୍ ଶୁଭାରମ୍ଭ ଅବସରରେ ଡା. ନନ୍ଦ ଭାରତର ପୁରୁଷଙ୍କ ମଧ୍ୟରେ କ୍ରମବର୍ଦ୍ଧିଷ୍ଣୁ ଏହି କ୍ୟାନ୍ସର ସମ୍ପର୍କରେ କହିଥିଲେ। ସଚେତନତା ସୃଷ୍ଟି ଓ ଠିକ ସମୟରେ ଚିକିତ୍ସା ପାଇଁ ସେ ପରାମର୍ଶ ଦେଇଥିଲେ। ଏହି ଅବସରରେ ହସ୍ପିଟାଲ ତରଫରୁ ବରିଷ୍ଠ ନାଗରିକଙ୍କୁ ନେଇ ଏକ ୱାକାଥନ୍ ଆୟୋଜନ ହୋଇଥିବାବେଳେ ଏଥିରେ ଦେଢ଼ଶହରୁ ଅଧିକ ବରିଷ୍ଠ ନାଗରିକ ଯୋଗଦେଇଥିଲେ। ହସ୍ପିଟାଲ ୟୁନିଟ୍ ହେଡ୍ ଭର୍ଗିସ ପି ଜନ୍ ଏହି ଅବସରରେ କହିଥିଲେ, ପ୍ରୋଷ୍ଟେଟ୍ କ୍ୟାନ୍ସର ଏଭଳି ଧରଣର କ୍ୟାନ୍ସର ଯାହା ଭାରତୀୟଙ୍କ ମଧ୍ୟରେ ଅଧିକ ଦେଖାଯାଇଥାଏ। ୬୫ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ଏଥିରେ ପୀଡ଼ିତ ହେବାର ଆଶଙ୍କା ଅଧିକ ଥାଏ। ତେବେ ୫୦ ବର୍ଷରୁ କମ୍ ବୟସ୍କଙ୍କ ମଧ୍ୟରେ ଏକ ପ୍ରତିଶତଙ୍କଠାରେ ଏହି କ୍ୟାନସର ପରିଲକ୍ଷିତ ହୋଇଥାଏ। ଯଦି ପରିବାରର ଆଉ କାହାକୁ କେବେ ଏହି କର୍କଟ ରୋଗ ହୋଇଥାଏ, ତା'ହେଲେ ଏହାଦ୍ୱାରା ପୀଡ଼ିତ ହେବାର ଆଶଙ୍କା ଅଧିକ ରହିଥାଏ। ବାର୍ଦ୍ଧକ୍ୟ, ମେଦବହୁଳତା, ଅନୁଚିତ ଆହାର ଏବଂ ଆନୁବଂଶିକ ପରିବର୍ତ୍ତନ ପ୍ରୋଷ୍ଟେଟ୍ କ୍ୟାନ୍ସରର ମୁଖ୍ୟ କାରଣ। ଶେଷ ପର୍ଯ୍ୟାୟରେ ପୀଡ଼ିତ ପରିସ୍ରା କରିବାରେ କଷ୍ଟ ଅନୁଭବ କରିଥାନ୍ତି ନଚେତ୍ ବାରମ୍ବାର ପରିସ୍ରା ଅନୁଭବ କରିଥାନ୍ତି। ଆଗୁଆ ରୋଗ ନିରୂପଣ ଦ୍ୱାରା ଏହାର ଚିକିତ୍ସା ସମ୍ଭବ ବୋଲି ସେ କହିଥିଲେ।

# କମିଶନରେଟ୍ ପୋଲିସ ବିଲ୍ଡିଂ ଲିଫ୍ଟରେ ଫସିଲେ ୫

**ଭୁବନେଶ୍ୱର, ୬।୧୧(ବ୍ୟୁରୋ):** କମିଶନରେଟ୍ ପୋଲିସ ମୁଖ୍ୟାଳୟ ବିଲ୍‌ଡିଂ ଲିଫ୍ଟରେ ସମସ୍ୟା ଦେଖାଯିବାରୁ ୫ ଜଣ ବ୍ୟକ୍ତି ଫସିଯାଇଥିଲେ। ଅନେକ ପ୍ରୟାସ ପରେ ମଧ ଲିଫ୍ଟ ଡୋର୍ ନ ଖୋଲିବାରୁ ଡୋର୍ ତାଡ଼ି ସେମାନଙ୍କୁ ଉଦ୍ଧାର କରାଯାଇଥିଲା। ସୂଚନା ମୁତାବକ, ବୁଧବାର ମଧ୍ୟାହ୍ନରେ ଟ୍ରାଫିକ୍ ଡିସିପି ସାଗରିକା ନାଥଙ୍କୁ ଭେଟିବାକୁ କଟକରୁ ଡା. ଅବନ୍ତୀ ଦାସ ମହାପାତ୍ରଙ୍କ ସମେତ ୫ ଜଣ କମିଶନରେଟ୍ ମୁଖ୍ୟାଳୟକୁ ଆସିଥିଲେ। ବିଲ୍‌ଡିଂର ତୃତୀୟ ମହଲାରୁ ତଳକୁ ଆସୁଥିବାବେଳେ ଲିଫ୍ଟ ହଠାତ ମଝିରେ ଅଚଳ ହୋଇ ରହିଯାଇଥିଲା। କିଛି ସମୟ ଅଟକିବା ପରେ ତଳକୁ ଆସିଥିଲା କିନ୍ତୁ ଲିଫ୍ଟର ଡୋର୍ ଖୋଲି ନଥିଲା। ପ୍ରାୟ ୧୦ ମିନିଟ ଧରି ଲିଫ୍ଟ ମଧ୍ୟରେ ରହିବା ପରେ ଡୋର୍ ତାଡ଼ି ସମସ୍ତଙ୍କୁ ଉଦ୍ଧାର କରାଯାଇଥିଲା।

# ମୁଣ୍ଡଳିରେ ଭାଙ୍ଗିଲା ଡଙ୍ଗା, ବର୍ତ୍ତିଲେ ମତ୍ସ୍ୟଜୀବୀ



ଭାଙ୍ଗିଯାଇଥିବା ଡଙ୍ଗାକୁ ଦଉଡ଼ି ସାହାଯ୍ୟରେ କୂଳକୁ ଅଣାଯାଉଛି।

**ନରାଜ,୬।୧୧(ଡି.ଏନ୍.ଏ.)**

ବାରଙ୍ଗ ବ୍ଲକ ଅନ୍ତର୍ଗତ ମହାନଦୀର ମୁଣ୍ଡଳି ବ୍ୟାରେଜଠାରେ ବୁଧବାର ଏକ ମାଛ ଧରୁଥିବା ଡଙ୍ଗା ହଠାତ୍ ଭାଙ୍ଗିଯାଇଥିଲା। ଏହି ସମୟରେ ମାଛ ଧରୁଥିବା ଦୁଇ ମତ୍ସ୍ୟଜୀବୀ ଅଳ୍ପକେ ବର୍ତ୍ତିଯାଇଛନ୍ତି। ସୂଚନାଯୋଗ୍ୟ, ବୁଧବାର ପୂର୍ବାହ୍ନ ୧୧ଟା ସମୟରେ ସବୁଦିନ ଭଳି ସାନମୁଣ୍ଡଳି ଗ୍ରାମର ଦୌତାରି ବେହେରା ଓ ଚନ୍ଦନ ବେହେରା ମୁଣ୍ଡଳିବ୍ୟାରେଜ ନିକଟରେ ମାଛ ମାରୁଥିଲେ। କିନ୍ତୁ କୌଣସି କାରଣବଶତଃ ଡଙ୍ଗାଟି ଭାଙ୍ଗି ଯାଇଥିଲା। ଫଳରେ ଡଙ୍ଗାଟି ଧୀରେ ଧୀରେ ବୁଡ଼ିବାକୁ ଲାଗିଲା ସ୍ରୋତ ଅଧିକ ଥିବାରୁ ସେମାନେ ନିରୁପାୟ ହୋଇ ପାଖରେ ଥିବା ଅନ୍ୟ ମତ୍ସ୍ୟଜୀବୀମାନଙ୍କୁ ଡାକ ପକାଇଥିଲେ। ଡାକ ଶୁଣି ଅନ୍ୟ ସାଥିମାନେ ସଙ୍ଗେ ସଙ୍ଗେ ଦୁଇଟି ଡଙ୍ଗାରେ ଆସି ସେଠାରେ ପହଞ୍ଚି ଯାଇଥିଲେ। ବ୍ରିଜ ଉପରୁ ମଧ କିଛି ଲୋକ ଦଉଡା ପକାଇ ମିଳିତ ଭାବରେ ଡଙ୍ଗା ଓ ଲୋକଙ୍କୁ ଉଦ୍ଧାର କରି ଉପରକୁ ଆଣିଥିଲେ।

## ରାଜଧାନୀ ରାସ୍ତାରେ ଅଭାବନୀୟ ଦୃଶ୍ୟ

# ଯୁବକଙ୍କୁ ଗୋଡ଼ାଇ ଗୋଡ଼ାଇ ଛୁରାମାଡ଼

- ଅଭିଯୁକ୍ତଙ୍କୁ ମାଡ଼ି ବସିଲେ ଥାନାଧିକାରୀ
- ଗୁରୁତର ଆହତ ଯୁବକଙ୍କୁ ଉଦ୍ଧାର କଲେ

**ଭୁବନେଶ୍ୱର,୬।୧୧(ବ୍ୟୁରୋ)**

ନୟାପଲ୍ଲୀ ଥାନା ଅନ୍ତର୍ଗତ ପାସପୋର୍ଟ ଅଫିସ ନିକଟରେ ବୁଧବାର ଦେଖିବାକୁ ମିଳିଛି ଏକ ଅଭାବନୀୟ ଦୃଶ୍ୟ। ସର୍ବ ସମ୍ମୁଖରେ ଜଣେ ଯୁବକଙ୍କୁ ହୋଇଛି ଛୁରାମାଡ଼। ଯୁବକ ଜଣକ ଚିତ୍କାର କରି ଦୌଡୁଥିବାବେଳେ ଦୁଇଜଣ ଯୁବକ ଗୋଡ଼ାଇ ଗୋଡ଼ାଇ ଛୁରାମାଡ଼ କରିଛନ୍ତି। ନୟାପଲ୍ଲୀ ଥାନା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଜଣେ ଅଭିଯୁକ୍ତଙ୍କୁ କାବୁ କରିବା ସହ ଆକ୍ରମଣର ଶିକାର ଯୁବକଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଛନ୍ତି। ଆହତ ଯୁବକ ହେଲେ ଏହି ଥାନାଞ୍ଚଳରେ ରହୁଥିବା ଅଭୟ ନାୟକ। ପୋଲିସ ଏହି ଘଟଣାରେ ମାମଲା ନଂ.୫୭୨/୧୯ ରୁଜୁ କରି ଗୁରୁବାର ୨ ଅଭିଯୁକ୍ତ ସ୍ମୃତି ରଞ୍ଜନ ସେଠୀ ଓ ଭାଇ ବିଜୟ ନାୟକଙ୍କୁ ଗିରଫ କରି ତଦନ୍ତ ଚଳାଇଛି।

ପୋଲିସ ସୂଚନାନୁସାରେ, ପାସପୋର୍ଟ ଅଫିସ ନିକଟରେ ଅଭୟଙ୍କ ଦାଦା ରବୀନ୍ଦ୍ର ନାୟକ କ୍ୟାବିନ ପକାଇ ଦୋକାନ କରିଛନ୍ତି। ମଙ୍ଗଳବାର ରାତିରେ କେହି ଦୁର୍ବୃତ୍ତ ତାଙ୍କ କ୍ୟାବିନକୁ ଓଲଟାଇ ଦେଇଥିଲେ। ପୂର୍ବରୁ ରବୀନ୍ଦ୍ରଙ୍କ ସହ ସ୍ମୃତିରଞ୍ଜନଙ୍କର ତିକ୍ତତା ଥିଲା। ସ୍ମୃତି ରଞ୍ଜନ ହିଁ ଏପରି କାଣ୍ଡ କରିଥିବା ସନ୍ଦେହ କରି ରବୀନ୍ଦ୍ରଙ୍କ ପୁତୁରା ଅଭୟ ତାଙ୍କୁ ପଚାରିବାକୁ ଯାଇଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ କଥା କଟାକଟି ଓ ମାରପିଟ୍ ହୋଇଥିଲା। ଏ ନେଇ ସ୍ମୃତି ଥାନାରେ ଅଭିଯୋଗ କରି ଫେରିବା ସମୟରେ ପାସ୍‌ପୋର୍ଟ ଅଫିସ ଛକ ନିକଟରେ ଅଭୟ ଥିବା ଦେଖି ତାଙ୍କୁ ଆକ୍ରମଣ ପାଇଁ ଯୋଜନା କରି ବଡ଼ଭାଇ ବିଜୟଙ୍କୁ ଡକାଇଥିଲେ। ସେ ପହଞ୍ଚିବା ପରେ ଉଭୟ ମିଶି ଅଭୟ ଓ ଦାଦା ରବୀନ୍ଦ୍ରଙ୍କୁ ଛୁରି ଧରି ଗୋଡ଼ାଇଥିଲେ। ତେବେ ରବୀନ୍ଦ୍ର ଖସି ପଳାଇଥିବାବେଳେ ଅଭୟ କିନ୍ତୁ ବର୍ତ୍ତିପାରି ନ ଥିଲେ। ସ୍ମୃତି ଓ ବିଜୟ ଛୁରିରେ ଅଭୟଙ୍କ ଛାତି, ପେଟ ଓ ଶରୀରର ବିଭିନ୍ନ ସ୍ଥାନକୁ ଚୋଟ ପରେ ଚୋଟ ମାରିଥିଲେ। ଲୋକମାନେ ଦେଖୁଥିଲେ ମଧ କେହି ଉଦ୍ଧାର କରିବାକୁ ସାହସ କରି ନ ଥିଲେ। ଅଭୟଙ୍କ ଚିତ୍କାର ଶୁଣି ସେହିବାଟ ଦେଇ ଯାଉଥିବା ନୟାପଲ୍ଲୀ ଥାନା ଅଧିକାରୀ ଅରୁଣ କୁମାର ସ୍ୱାଇଁ ଅଟକି ଯିବା ସହ ତୁରନ୍ତ ସେଠାରେ ପହଞ୍ଚି ସ୍ମୃତିରଞ୍ଜନଙ୍କୁ ମାଡ଼ିବସିଥିଲେ। ପରେ ଅଭୟଙ୍କୁ ଗୁରୁତର ଅବସ୍ଥାରେ ଥାନା ଗାଡ଼ିରେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।

## ଫଟୋରେ ଖବର



ପଣ୍ଡିତ ନୀଳକଣ୍ଠ ଦାସଙ୍କ ଶ୍ରାଦ୍ଧ ଉତ୍ସବରେ ବୁଧବାର ଭୁବନେଶ୍ୱର ପିଏମ୍‌ଜି ଛକସ୍ଥିତ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ଅବସରରେ ଉତ୍କଳ ସମ୍ମିଳନୀ କର୍ମକର୍ତ୍ତା ଓ ଅନ୍ୟମାନେ।




ପିଆଜର ଆକାଶଛୁଆଁ ଦରବୃଦ୍ଧିକୁ ବିରୋଧ କରି ବୁଧବାର ଭୁବନେଶ୍ୱର ରାଜମହଲ ଛକରେ ସିପିଆଇ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।



ଆସନ୍ତା ୮ ତାରିଖରେ ରିଲିଜ୍ ହେବାକୁ ଥିବା ଓଡ଼ିଆ ଫିଲ୍ମ 'ମାଲ୍ ମହୁ ଜୀବନ ମାଟି'ର ପ୍ରିମିୟର ଶୋ' ପାଇଁ ଶ୍ରୀଜଗନ୍ନାଥଙ୍କୁ ନିମନ୍ତ୍ରଣ ଦେବାକୁ ପୁରୀ ଯାଇଥିବା ଅଭିନେତା ସବ୍ୟସାଚୀ ମିଶ୍ର ଓ ତାଙ୍କ ସାଥୀ।



ଗୃହରେ ରହି ସତ୍‌ଚିନ୍ତା କଲେ ସାଧୁସଙ୍ଗର ଫଳ ଲାଭ ହୁଏ, କିନ୍ତୁ ସାଧୁମାନଙ୍କ ସଙ୍ଗରେ ରହି ବିଷୟାଳାପ କଲେ, ତାହା ସତ୍‌ସଙ୍ଗ ମଧ୍ୟରେ ଗଣ୍ୟ ନୁହେଁ।
- ସ୍ୱାମୀ ବିବେକାନନ୍ଦ

## ସଂକ୍ଷେପରେ

ରାସ୍ତାକଡ଼ରେ ସନ୍ତାନ ପ୍ରସବ ଘଟଣା

### ଏସ୍‌ସିବି ମେଡ଼ିକାଲରେ ଭର୍ତ୍ତି ହେଲେ ମହିଳା

**କଟକ ଅଫିସ, ୬।୧୧:** ରାସ୍ତା କଡ଼ରେ ସନ୍ତାନ ପ୍ରସବ କରିଥିବା ମାନସିକ ବିକାରଗ୍ରସ୍ତ ମହିଳାଙ୍କୁ ଏସ୍‌ସିବି ମେଡ଼ିକାଲ ମାନସିକ ରୋଗ ଚିକିତ୍ସା ବିଭାଗରେ ଭର୍ତ୍ତି କରାଯାଇଛି। ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓଡ଼ିଶା ଲିଗାଲ ଆଣ୍ଡ ସୋସିଆଲ୍ ଆସୋସିଏଶନ(ଓଲ୍‌ସା) ପକ୍ଷରୁ ସମ୍ପୃକ୍ତ ମହିଳାଙ୍କ ପରିବାର ଲୋକଙ୍କ ସହ ଯୋଗାଯୋଗ କରାଯାଉଛି। ମହିଳାଙ୍କ ଘର କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ବ୍ଲକ ଅଧୀନ ଦଶିପୁରରେ ବୋଲି ଜଣାପଡ଼ିଛି। ଏହି ମହିଳାଙ୍କର ୧୨ ବର୍ଷର ଝିଅ ଓ ସ୍ୱାମୀ ରହିଥିବାବେଳେ ପାରିବାରିକ ଅଶାନ୍ତି କାରଣରୁ ସେ ପ୍ରାୟ ୨ବର୍ଷ ହେବ ଘରୁ ଚାଲି ଆସିଥିବା ଓଲ୍‌ସା ପକ୍ଷରୁ କୁହାଯାଇଛି। ମହିଳା ଓ ଚୌଦ୍ୱାର ସ୍ଥିତ ଶିଶୁ ଯତ୍ନ ଅନୁଷ୍ଠାନରେ ଥିବା ଶିଶୁ କନ୍ୟାଙ୍କ ଯତ୍ନ ଓଲ୍‌ସା ପକ୍ଷରୁ ନିଆଯାଉଛି। ପ୍ରକାଶଥାଉ କି, ଜଗତ୍‌ପୁର ଥାନା ଅଧୀନ ପୀରବଜାର ଅଞ୍ଚଳରେ ସୋମବାର ନବଜାତକ ଶିଶୁକୁ ନେଇ ବୁଲୁଥିବା ଏହି ମହିଳାଙ୍କୁ ଓଲ୍‌ସା ଉଦ୍ଧାର କରିଥିଲା। ପରେ ମହିଳାଙ୍କୁ ଏସ୍‌ସିବି ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସିତ ହେବା ପରେ ସମ୍ପୃକ୍ତା ମହିଳା ଝିଅକୁ ନେବା ପାଇଁ ଦୁଇଦିନ ହେବ ଜଗତ୍‌ପୁର ଥାନାକୁ ଯାଉଛନ୍ତି। ତେବେ ସେ ମାନସିକସ୍ତରରେ ସୁସ୍ଥ ନ ଥିବା ଜଣାପଡ଼ିବା ପରେ ବୁଧବାର ଜଗତ୍‌ପୁର ପୋଲିସ ସହାୟତାରେ ଓଲ୍‌ସା ଓ ସିଡବ୍ଲୁସିର କର୍ମକର୍ତ୍ତା ମହିଳାଙ୍କୁ ଆଣି ଏସ୍‌ସିବି ମେଡ଼ିକାଲରେ ଭର୍ତ୍ତି କରିଛନ୍ତି।

### ମଦ ବିରୋଧରେ ତାତିଲେ ମହିଳା

**କୃଷ୍ଣପ୍ରସାଦ, ୬।୧୧(ଡି.ଏନ.ଏ.):** କୃଷ୍ଣପ୍ରସାଦ ବ୍ଲକରୁ ସରକାରୀ ମଦ ଦୋକାନ ବନ୍ଦ ହେବା ପରେ ଗାଁ ଓ ଛକରେ ଚୋରା ମଦ କାରବାର ବୃଦ୍ଧି ପାଇବାରେ ଲାଗିଛି। ଏଥିଯୋଗୁ ଝିଅ, ବୋହୂମାନେ ନିଜକୁ ଅସୁରକ୍ଷିତ ମଣୁଥିବାବେଳେ ପୁରୁଷମାନେ ମଦ ପିଇ ଘରେ, ବାହାରେ ବିଭିନ୍ନ ପ୍ରକାର ବିଶୃଙ୍ଖଳା କରୁଛନ୍ତି। ମଦକୁ ବିରୋଧ କରି ସ୍ୱୟଂ ସହାୟକ ଗୋଷ୍ଠୀ ବୁଧବାର ତାତିଥିଲେ। ଚିଲିକା ନୂଆପଡା ପଞ୍ଚାୟତରେ ସରପଞ୍ଚ ମମତାମୟୀ ପ୍ରଧାନ, ସମିତିସଭ୍ୟ ଉତ୍ତମ କୁମାର ତରେଇ, ସାମାଜିକ କର୍ମୀ ରବୀନ୍ଦ୍ର ନାଥ ସାହୁଙ୍କ ନେତୃତ୍ୱରେ୧୧୬ ସ୍ୱୟଂ ସହାୟକ ଗୋଷ୍ଠୀ ଏକଜୁଟ ହୋଇଛନ୍ତି। ପଞ୍ଚାୟତରେ ଥିବା ୧୧୬ ମହିଳା ସଙ୍ଗଠନର ୫୦୦ ରୁ ଊର୍ଦ୍ଧ୍ୱ ମହିଳା ଚଣ୍ଡୀ ମନ୍ଦିର ପ୍ରାଙ୍ଗଣରେ ସଭାରେ ଯୋଗ ଦେଇଥିଲେ। ମାସକ ମଧ୍ୟରେ ଚିଲିକା ନୂଆପଡା ପଞ୍ଚାୟତରେ ସମ୍ପୂର୍ଣ୍ଣ ମଦ ବ୍ୟବସାୟ ବନ୍ଦ କରିବାକୁ ନିଷ୍ପତ୍ତି ହୋଇଛି। ମହିଳାଙ୍କ ଏଭଳି ନିଷ୍ପତ୍ତିକୁ ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରାଯାଇଛି।

ଶ୍ରୀମନ୍ଦିର ସୁରକ୍ଷା ଜୋନ

### ଜମି ବିକିଲା ୧ ପରିବାର

**ପୁରୀ ଅଫିସ,୬।୧୧:** ଶ୍ରୀମନ୍ଦିର ସୁରକ୍ଷା ଜୋନରୁ ଜମି ଅଧିଗ୍ରହଣ ଚାଲିଛି। ସ୍ୱେଚ୍ଛାକୃତ ଭାବେ କେତେକ ପରିବାର ସେମାନଙ୍କ ଜମି ହସ୍ତାନ୍ତର କରୁଥିବାବେଳେ ମଙ୍ଗଳବାର ପୁଣି ଏକ ପରିବାର ଏଥିରେ ସାମିଲ ହୋଇଛି। ବାସେଳିସାହିର ସମ୍ପୃକ୍ତ ପରିବାର ପ୍ରଶାସନ ସହ ଜମି ବିକ୍ରି କବଲା (ସେଲ୍ ଡିଡ୍) କରିଛି। ସମ୍ପୃକ୍ତ ପରିବାରକୁ ସେମାନଙ୍କ ଜମି ଓ କୋଠା ମୂଲ୍ୟ ସହିତ ସରକାରଙ୍କ ଧାର୍ଯ୍ୟ କ୍ଷତିପୂରଣ ସହାୟତା ଦିଆଯାଇଛି। ଜିଲା ସବ୍‌ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟରେ ଏହି ସେଲ୍ ଡିଡ୍ ହୋଇଛି। ବର୍ତ୍ତମାନ ସୁଦ୍ଧା ୨୫ ପରିବାର ଏବଂ ଭିତର ସେବାୟତ ନିଯୋଗ ସେମାନଙ୍କ ଜମି ସରକାରଙ୍କୁ ପ୍ରତ୍ୟକ୍ଷ ଭାବେ ବିକ୍ରି କରିସାରିଥିବା ଜଣାପଡ଼ିଛି।

■ ସଫେଇ କର୍ମଚାରୀଙ୍କ ସମସ୍ୟା ନେଇ ରାଜ୍ୟସ୍ତରୀୟ ସମୀକ୍ଷା ବୈଠକ

# ଉଦ୍‌ବେଗ ପ୍ରକାଶ କଲେ ଜାତୀୟ କମିଶନ ଅଧ୍ୟକ୍ଷ

**ଭୁବନେଶ୍ୱର, ୬।୧୧(ବ୍ୟୁରୋ)**

**ରାଜ୍ୟ ସଫେଇ କର୍ମଚାରୀ କମିଶନ ନିଯୁକ୍ତି ପାଇଁ ପରାମର୍ଶ**

ଓଡ଼ିଶାରେ କାର୍ଯ୍ୟରତ ସଫେଇ କର୍ମଚାରୀଙ୍କ ବହୁ ସମସ୍ୟା ରହିଛି। ସେମାନଙ୍କ ସହ ଆଲୋଚନା ପରେ ଏହା ଜଣାପଡିଛି। ସମସ୍ୟାର ଶୀଘ୍ର ସମାଧାନ କରାଯିବା ଆବଶ୍ୟକ ବୋଲି ଜାତୀୟ ସଫେଇ କର୍ମଚାରୀ କମିଶନ ଅଧ୍ୟକ୍ଷ ମନହର ବଲଜିଭାଇ ଜାଲା କହିଛନ୍ତି। ବୁଧବାର ସଫେଇ କର୍ମଚାରୀଙ୍କ ଉପରେ ରାଜ୍ୟ ଅତିଥି ଭବନରେ ରାଜ୍ୟସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ ଓ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା ପରେ କମିଶନ ଅଧ୍ୟକ୍ଷ ଜାଲା ଖବରଦାତା ସମ୍ମିଳନୀରେ ସଫେଇ କର୍ମଚାରୀଙ୍କ ସମସ୍ୟାକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ସେ କହିଲେ, ସଫେଇ କର୍ମଚାରୀଙ୍କ କଲ୍ୟାଣ ପାଇଁ କେନ୍ଦ୍ର ସରକାର ଏନ୍ଏସ୍-୨୦୧୩ନିୟମ ଲାଗୁ କରିଛନ୍ତି। କାର୍ଯ୍ୟରତ ସଫେଇ କର୍ମଚାରୀଙ୍କ ମୃତ୍ୟୁ କିମ୍ବା କୌଣସି ଦୁର୍ଘଟଣା ଘଟିଲେ ସମ୍ପୃକ୍ତ ସରକାରୀ ଅଥବା ଘରୋଇ ସଂସ୍ଥା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏପରି କି ଦୋଷୀ ବୋଲି ପ୍ରମାଣିତ ହେଲେ ସଂସ୍ଥାର ଅଧିକାରୀଙ୍କୁ ଜେଲ୍ ପଠାଯିବାର ବ୍ୟବସ୍ଥା ରହିଛି। ତେବେ ସଫେଇ କର୍ମଚାରୀଙ୍କ ସମସ୍ୟାର ସମାଧାନ ପାଇଁ ରାଜ୍ୟ ସରକାରଙ୍କ ବରିଷ୍ଠ ପଦାଧିକାରୀଙ୍କ ସହ ଆଲୋଚନା ହୋଇଛି। ସେମାନେ ଏନେଇ ତୁରନ୍ତ ଗୁରୁତ୍ୱାରୋପ କରିବେ ବୋଲି ପ୍ରତିଶ୍ରୁତି ଦେଇଥିବା ସେ କହିଛନ୍ତି।

ଆସନ୍ତା ୩ମାସ ମଧ୍ୟରେ ଜଣେ ରାଜ୍ୟ ସଫେଇ କର୍ମଚାରୀ କମିଶନ ନିଯୁକ୍ତି ଦେବାକୁ କମିଶନ ଅଧ୍ୟକ୍ଷ ପରାମର୍ଶ ଦେବା ସହ ରାଜ୍ୟସ୍ତରୀୟ, ଜିଲାସ୍ତରୀୟ ଓ ବ୍ଲକସ୍ତରୀୟ ମନିଟରିଂ କମିଟି ଗଠନ କରିବା, ସଫେଇ କର୍ମଚାରୀ ରହୁଥିବା ସମସ୍ତ ବସ୍ତିର ଉନ୍ନତିକରଣ, ୨୩୩ଜଣ ବହିଷ୍କୃତ ସଫେଇ କର୍ମଚାରୀଙ୍କୁ ପୁନଃଚାକିରି ଦେବା ସହ ସେମାନଙ୍କୁ ସମସ୍ତ ମୌଳିକ ସୁବିଧା ଦେବା ଆଦି ଉପରେ ଗୁରୁତ୍ୱ ଦେଇଥିଲେ। ଏଥିସହିତ ପେନସନ, ଚାକିରି ସ୍ଥାୟୀ କରିବା, ସର୍ବନିମ୍ନ ୧୫ ହଜାର ଟଙ୍କାର ଦରମା ଦେବା, ଜାତି ପ୍ରମାଣପତ୍ର ପ୍ରଦାନ କରିବା ଆଦି ବିଷୟରେ ବୈଠକରେ ଆଲୋଚନା ହୋଇଥିଲା। ପରବର୍ତ୍ତୀ ସମୟରେ ଏହାର କାର୍ଯ୍ୟକାରିତା ଉପରେ ପୁଣି ଅନୁଧ୍ୟାନ କରାଯାଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି କମିଶନ ଜାଲା କହିଥିଲେ। ଜାତୀୟ ସଫେଇ କର୍ମଚାରୀ କମିଶନଙ୍କ ସମ୍ପାଦକ ମହେନ୍ଦ୍ର କୁମାର, ପରାମର୍ଶଦାତା ପୁରଣ ସିଂ ଓ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

# ‘ପରିବେଶ ସ୍ୱଚ୍ଛ ତ ଜୀବନ ସୁସ୍ଥ’



**ଭୁବନେଶ୍ୱର, ୬।୧୧(ବ୍ୟୁରୋ)**

**ଗଣସଫେଇ, ସ୍ୱାସ୍ଥ୍ୟ ଶିବିରରେ ଜାତୀୟ ସଫେଇ କର୍ମଚାରୀ କମିଶନ ଅଧ୍ୟକ୍ଷ**

ନାଗରିକ ଅଂଶଗ୍ରହଣ ହିଁ କେବଳ ସହର ପରିମଳକୁ ନିଶ୍ଚିତ କରିପାରିବ। ନିଜ ଆଖପାଖ ପରିବେଶ ସ୍ୱଚ୍ଛ ରହିଲେ ଜୀବନ ସୁସ୍ଥ ରହିବ। ସ୍ୱଚ୍ଛତା ବଜାୟ ରଖିବାକୁ ସମସ୍ତେ ଚିନ୍ତା କରିବା ଆବଶ୍ୟକ। ସହର ସ୍ୱଚ୍ଛ ରହିଲେ ତାର ଆଭ୍ୟନ୍ତରୀଣ ସୌନ୍ଦର୍ଯ୍ୟ ସାମ୍ନାକୁ ଆସିବ ବୋଲି ଜାତୀୟ ସଫେଇ କର୍ମଚାରୀ କମିଶନ ଚେୟାରମ୍ୟାନ ମନହର ବଲଜିଭାଇ ଜାଲା କହିଛନ୍ତି। କମିଶନ ଜାଲା ୨ ଦିନିଆ ଭୁବନେଶ୍ୱର ଗସ୍ତରେ ଆସିଥିବା ବେଳେ ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି। ଏହି ଅବସରରେ ବୁଧବାର ପୂର୍ବାହ୍ନରେ ସେ ୱାର୍ଡ ନଂ ୧୪ ସ୍ଥିତ ଏକ ବସ୍ତିରେ ଗଣସଫେଇ କାର୍ଯ୍ୟକ୍ରମରେ ସାମିଲ ହୋଇ ବସ୍ତିବାସିନ୍ଦାଙ୍କୁ ଏହା ସମ୍ବୋଧିତ କରିଛନ୍ତି। ଏହା ବ୍ୟତୀତ ବସ୍ତିରେ ସେମାନଙ୍କୁ କିପରି ମୌଳିକ ସେବା ମିଳୁଛି ସେନେଇ ସେ ପଚାରି ବୁଝିବା ସହ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପ୍ରଶାସକ ସଂଗ୍ରାମଜିତ୍ ନାୟକଙ୍କ ସହ ସଫେଇ କର୍ମଚାରୀଙ୍କୁ ହାଉସିଂ ଯୋଜନା ବାବଦରେ ଆଲୋଚନା କରିଛନ୍ତି।

ପର କମିଶନ ଜାଲା ଓ ତାଙ୍କ ଟିମ୍ ସାମନ୍ତରାପୁର ସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଏମ୍‌ସି ଦ୍ୱାରା କରାଯାଇଥିବା ମାଗଣା ସ୍ୱାସ୍ଥ୍ୟସେବା ଶିବିରରେ ଯୋଗ ଦେଇଥିଲେ। ସଫେଇ କର୍ମଚାରୀଙ୍କ ପାଇଁ ହୋଇଥିବା ଏହି ଶିବିରକୁ ସେ ଉଦ୍‌ଘାଟନ କରିବା ସହ ବିଏମ୍‌ସି ଦ୍ୱାରା କରାଯାଇଥିବା ବିଭିନ୍ନ କାଉଣ୍ଟର ବୁଲି ଦେଖିଥିଲେ ଓ ସଫେଇ କର୍ମଚାରୀଙ୍କ ଭଲମନ୍ଦ ପଚାରି ବୁଝିଥିଲେ। ଏହି ଅବସରରେ ଆୟୋଜିତ ଏ ସାଧାରଣ ସଭାରେ ବିଏମ୍‌ସି କମଶନର ପ୍ରେମଚନ୍ଦ୍ର ଚୌଧାରୀ ଓ ବିଏମ୍‌ସିର ବହୁ ବରିଷ୍ଠ କର୍ମକର୍ତ୍ତା ଯୋଗ ଦେଇଥିଲେ। ଉଲ୍ଲେଖଯୋଗ୍ୟ, ସଫେଇ କର୍ମଚାରୀଙ୍କୁ ବିଏମ୍‌ସି ପକ୍ଷରୁ କେମିତି ସେବା ଯୋଗାଇ ଦିଆଯାଉଛି ତା’ର ଅନୁଧ୍ୟାନ ପୂର୍ବକ କମିଶନ ଜାଲା ଓ ତାଙ୍କ ଟିମ୍ ଭୁବନେଶ୍ୱର ଗସ୍ତରେ ଆସିଛନ୍ତି। ମଙ୍ଗଳବାର ସେ ବିଏମ୍‌ସି ମୁଖ୍ୟାଳୟରେ ସଫେଇ କର୍ମଚାରୀଙ୍କ ସହ ଏକ ସମୀକ୍ଷା ବୈଠକ କରିଥିଲେ। ସଫେଇ କର୍ମଚାରୀଙ୍କୁ ମିଳୁଥିବା ସୁବିଧା, ସ୍ୱାସ୍ଥ୍ୟବସ୍ଥା ଓ ଅଧିକାର ସେମାନଙ୍କୁ ମିଳୁଛି କି ନାହିଁ ସେବିଷୟରେ ଆଲୋଚନା କରିଥିଲେ।




ଭୁବନେଶ୍ୱର ରୋଟାରୀ ଭବନଠାରେ ବୁଧବାର ଲଲାଟେନ୍ଦୁ ବିଦ୍ୟାଧର ମହାପାତ୍ରଙ୍କ ଶ୍ରାଦ୍ଧ ବାର୍ଷିକୀ ସ୍ମୃତିସଭାରେ ଉପସ୍ଥିତ ଅତିଥିମାନେ।

# ‘ଲୁଲୁ ଜଣେ ନିର୍ଭୀକ, ଦୃଢ଼ମନା ନେତା ଥିଲେ’

**ଭୁବନେଶ୍ୱର,୬।୧୧(ବ୍ୟୁରୋ)**

**୩ୟ ଶ୍ରାଦ୍ଧ ବାର୍ଷିକ ପାଳିତ**

ପୂର୍ବତନ ବିଧାୟକ ତଥା ଯୁବନେତା ଲଲାଟେନ୍ଦୁ ବିଦ୍ୟାଧର ମହାପାତ୍ର(ଲୁଲୁ)ଙ୍କ ୩ୟ ଶ୍ରାଦ୍ଧ ବାର୍ଷିକୀ ବୁଧବାର ଲୁଲୁ ମହାପାତ୍ର ରାଜ୍ୟସ୍ତରୀୟ ସ୍ମୃତି କମିଟି ପକ୍ଷରୁ ସ୍ଥାନୀୟ ରୋଟାରୀ ଭବନଠାରେ ଅନୁଷ୍ଠିତ ହୋଇଛି। ଏହି ଉପଲକ୍ଷେ ଆୟୋଜିତ ସ୍ମୃତିସଭାରେ ସ୍ମୃତି କମିଟି ଅଧ୍ୟକ୍ଷ ଶୁଭେନ୍ଦୁ ମହାନ୍ତି ଅଧ୍ୟକ୍ଷତା କରିଥିବାବେଳେ ସଭାପତି ଚିନ୍ମୟ ପ୍ରସାଦ ବେହୁରା ସ୍ୱାଗତ ଭାଷଣ ପ୍ରଦାନ କରିଛନ୍ତି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଲୁଲୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ଏହାପରେ ସର୍ବଧର୍ମ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ବିଧାୟକ ସୁରେଶ କୁମାର ରାଉତରାୟ ଯୋଗଦେଇ କହିଲେ, ଲୁଲୁ ବାବୁ ଜଣେ ନିର୍ଭୀକ, ଦୃଢ଼ମନା ନେତା ଥିଲେ। ରାଜନୀତିରେ ସତ୍ୟରୁ ସେ କେବେ ବିଚ୍ୟୁତ ହେଉ ନ ଥିଲେ। କଂଗ୍ରେସ କିପରି ଅଧିକ ସଙ୍ଗଠିତ ଏବଂ ଜନପ୍ରିୟ ହୋଇପାରିବ ସେନେଇ ସବୁବେଳେ ଉଦ୍ୟମ ଜାରି ରଖିଥିଲେ। ଆଜିର ଯୁବ ସମାଜ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ଦରକାର ବୋଲି ରାଉତରାୟ କହିଛନ୍ତି। ସମ୍ମାନିତ ଅତିଥିଭାବେ ପ୍ରସାଦ ହରିଚନ୍ଦନ, ମହମ୍ମଦ ମୋକିମ୍, ବିଜୟଲକ୍ଷ୍ମୀ ସାହୁ ପ୍ରମୁଖ ଯୋଗଦେଇ କହିଛନ୍ତି, ଲୁଲୁ ବାବୁ ଜଣେ ଉଜ୍ଜ୍ୱଳ ବ୍ୟକ୍ତିତ୍ୱ ଥିଲେ। ତାଙ୍କ ସତ୍ୟବାଦିତା ଓ ନିର୍ଭୀକତା ଯୁବକଙ୍କୁ ଆକୃଷ୍ଟ କରୁଥିଲା। ବିଧାୟକଭାବେ ନିଜ ଅଞ୍ଚଳର ବିକାଶ ପାଇଁ ସେ ବହୁ କାର୍ଯ୍ୟ କରିଛନ୍ତି। ଏହାସହ କୁଆଖାଇ ନଦୀରେ ଲୁଲୁ ମହାପାତ୍ରଙ୍କ ସ୍ମୃତି ଉଦ୍ଦେଶ୍ୟରେ ଶତାଧିକ କଂଗ୍ରେସ କର୍ମୀ ତିଳତର୍ପଣ କରିଛନ୍ତି। ସ୍ଥାନୀୟ କ୍ୟାପିଟାଲ ହସ୍ପିଟାଲରେ ସ୍ମୃତି କମିଟି ଅଧ୍ୟକ୍ଷ ମହାନ୍ତିଙ୍କ ନେତୃତ୍ୱରେ ରୋଗୀମାନଙ୍କୁ ଫଳ ବଣ୍ଟନ ମଧ୍ୟ କରାଯାଇଛି।

### ୮ରୁ ପଞ୍ଚୁକ ମହୋତ୍ସବ

**ପୁରୀ ଅଫିସ, ୬।୧୧:** ପବ୍ଲିକ ଫୋରମ ଆନୁକୂଲ୍ୟରେ ଆସନ୍ତା ୮ତାରିଖରୁ ବଡଦାଣ୍ଡସ୍ଥିତ ମାଉସୀ ମା’ ମନ୍ଦିର ସମ୍ମୁଖରେ ପଞ୍ଚକ ମହୋତ୍ସବ ଆରମ୍ଭ ହେବ। ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ କଥାମୃତ, ଭଜନ ସନ୍ଧ୍ୟା, ସୁନ୍ଦରାକାଣ୍ଡ, ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏଥିସହିତ ହବିଷିଆଳିମାନଙ୍କୁ ବିଭିନ୍ନ ସେବା ଯୋଗାଇ ଦିଆଯିବ ବୋଲି ଗଣମାଧ୍ୟମ ସଂଯୋଜକ ସତ୍ୟ ଦାଶ କହିଛନ୍ତି। ଅନୁଷ୍ଠାନର ସଭାପତି ଆର୍ତ୍ତତ୍ରାଣ ତ୍ରିପାଠୀ, ସିଦ୍ଧେଶ୍ୱର ପଟ୍ଟନାୟକ, ଚିତ୍ତରଞ୍ଜନ ଦାସ, ଜ୍ୟୋତି ପ୍ରକାଶ ଜେନା, ରାମଚନ୍ଦ୍ର ଦୋରା, କାହ୍ନୁ ମହାନ୍ତି ଓ ଗୋପିନାଥ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା ଦାୟିତ୍ୱରେ ରହିଥିବା ସୂଚନା ଦିଆଯାଇଛି।

ଆଇଆର୍‌ସିଟିସିର ଓଡ଼ିଶାରୁ ପ୍ରଥମ ବିମାନ ଟୁର୍

# ଅରୁଣାଚଳ ପ୍ରଦେଶ ବୁଲିବେ ଯାତ୍ରୀ

**ଭୁବନେଶ୍ୱର, ୬।୧୧ (ବ୍ୟୁରୋ)**



ଆ।ଇ।ଆ।ର୍।ସି।ଟି।ସି ଓଡ଼ିଶାରୁ ପ୍ରଥମ କରି ଅରୁଣାଚଳ ପ୍ରଦେଶକୁ ବିମାନ ଟୁର୍ ବ୍ୟବସ୍ଥା କରିଛି। ଉତ୍ତର-ପୂର୍ବର ‘ସପ୍ତ ଭଗିନୀ’ ରାଜ୍ୟ ଭିତରୁ ଅରୁଣାଚଳ ପ୍ରଦେଶ ନିଜ ସୌନ୍ଦର୍ଯ୍ୟରେ ହଜାର ହଜାର ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ଅରୁଣାଚଳ ପ୍ରଦେଶର ବିଭିନ୍ନ ପର୍ଯ୍ୟଟନସ୍ଥଳୀ ବୁଲାଇବା ଲାଗି ୭ଦିନିଆ ଟୁର୍ ପ୍ୟାକେଜ୍ କରାଯାଇଛି। ଯାତ୍ରୀମାନେ ଭାଲୁକପୁଙ୍ଗ, ଡିରାଙ୍ଗ, ତାୱାଙ୍ଗ, ବୋମଡିଲା, ଗୁଆହାଟୀର ବିଭିନ୍ନ ପର୍ଯ୍ୟଟନସ୍ଥଳୀ ବୁଲିପାରିବେ। ସେହିପରି ଅର୍କିଡ ପାରାଡାଇଜ, ଉଷ୍ମ ପ୍ରସ୍ରବଣ, ସେଲା ପାସ, ଗୋଲ୍ଡେନ ନାମଗ୍ୟେଲ ହାଟସେ ମଠ ଭ୍ରମଣ ସହ ବୋମଡିଲା ମଠରେ ରାତ୍ରିଯାପନ ଆଦି ସୁବିଧା ଉପଭୋଗ କରିପାରିବେ। ୩୦ହଜାର ଟଙ୍କାରୁ ୪୩ହଜାର ଟଙ୍କା ପର୍ଯ୍ୟନ୍ତ ସୁବିଧା ଅନୁସାରେ ଯାତ୍ରା ଭଡ଼ା ସ୍ଥିର କରାଯାଇଛି। ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନ ବନ୍ଦରରୁ ଯାତ୍ରା ଆରମ୍ଭ ହେବ। ଯାତ୍ରୀମାନେ ଭୁବନେଶ୍ୱରରୁ ଇଣ୍ଡିଗୋ ବିମାନ ଯୋଗେ ଗୁଆହାଟୀ ଯିବେ। ସେଠାରୁ ଆଇଆର୍‌ସିଟି ଟୁର୍ ଯୋଜନା ଅନୁସାରେ ଯାତ୍ରୀଙ୍କୁ ବୁଲାଇବ। ଆସନ୍ତା ବର୍ଷ ମାର୍ଚ୍ଚ ୨୭ରୁ ଏହି ଯାତ୍ରା ଆରମ୍ଭ ହୋଇ ଏପ୍ରିଲ ୨ ତାରିଖରେ ସରିବ। ଯାତ୍ରୀମାନେ ଅଧିକ ସୂଚନା ସକାଶେ ଆଇଆର୍‌ସିଟିସି ୱେବସାଇଟ (www.irctctourism.com)ରେ ଯୋଗାଯୋଗ କରିବାକୁ କୁହାଯାଇଛି।

### ପରିମଳ ସଚେତନତା ବାର୍ତ୍ତା ଦେବେ ଧର୍ମଗୁରୁ

**କଟକ ଅଫିସ, ୬।୧୧:** ସହରର ପରିମଳ ବ୍ୟବସ୍ଥା ସମ୍ପର୍କରେ ସଚେତନତା ଲାଗି ଧର୍ମଗୁରୁମାନେ ନିଆରା ପଦକ୍ଷେପ ଆରମ୍ଭ କରିଛନ୍ତି। ଜଳଯୋଗାଣ ଓ ପରିମଳ ପରିଷଦ ଏବଂ ସାଇ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ମହାନଦୀ ବିହାରସ୍ଥିତ ସେଲିବ୍ରେସନ ମଣ୍ଡପରେ ବୁଧବାର ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏହାକୁ ଇଂ. ବିକ୍ରମ କେଶରୀ ମିଶ୍ର ଉଦ୍‌ଘାଟନ କରିଥିଲେ। ଏଥିରେ ଶିଖରପୁର ଗୁରୁଦ୍ୱାର, ଓଏମ୍‌ପି ମସ୍‌ଜିଦ୍, ସତ୍ୟସାଇ ସେବା ସଙ୍ଗଠନ, ଠାକୁର ଅନୁକୂଳଚନ୍ଦ୍ର, ସ୍ୱାମୀ ନିଗମାନନ୍ଦ, ଠାକୁର ଅଭିରାମ ପରମହଂସ, ଗାୟତ୍ରୀ ଶକ୍ତିପୀଠ, ଓଡ଼ିଆ ବାପିଷ୍ଟ ଚର୍ଚ୍ଚ ସହିତ ବିଭିନ୍ନ ମଠର ପୂଜକ ଓ ଧର୍ମଗୁରୁ ଉପସ୍ଥିତ ଥିଲେ। ମହାନଦୀବିହାରଠାରେ ଓଡ଼ିଶା ସମନ୍ୱିତ ପରିମଳ ଉନ୍ନତୀକରଣ ପ୍ରକଳ୍ପ ଆଗାମୀ ଦିନରେ ସହରର ପରିବେଶକୁ ସ୍ୱଚ୍ଛ ରଖିବା ସହ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରିବ ବୋଲି କୁହାଯାଇଥିଲା। ଇଂ. ଏନ୍.ଏ.କେ. ଚୌଧୁରୀ, ଅନୁପ ମିଶ୍ର, ପ୍ରଣୟିନୀ ଦାସ, ଗୌରୀଶଙ୍କର ମିଶ୍ର, ଭାନୁପ୍ରସାଦ ପାଣିଗ୍ରାହୀ, ଶ୍ୟାମଳ କିଶୋର ଦାସ, ଡ. ସ୍ମୃତିରଞ୍ଜନ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଶିକ୍ଷାନୁଷ୍ଠାନ ପାଖରେ ତମାଖୁ ବିକ୍ରି ବନ୍ଦ କର

**ଭୁବନେଶ୍ୱର, ୬।୧୧ (ବ୍ୟୁରୋ)**

**ସରକାରଙ୍କୁ ଓଏଚ୍‌ଆର୍‌ସି କମିଶନଙ୍କ ନୋଟିସ**

ବିଭିନ୍ନ ଶିକ୍ଷାନୁଷ୍ଠାନ ନିକଟରେ ଗୁଟ୍‌ଖା ଓ ତମାଖୁ ବିକ୍ରି ନ କରିବା ପାଇଁ ନିର୍ଦ୍ଦେଶନାମା ଜାରି ହୋଇଥିଲେ ମଧ୍ୟ ଏହା ଠିକ୍ ଭାବେ କାର୍ଯ୍ୟକାରୀ ହେଉନାହିଁ। ବ୍ୟବସାୟୀମାନେ ବେଆଇନ ଭାବେ ଏହି ବେପାର ଜାରି ରଖିଛନ୍ତି। ଏ ସଂକ୍ରାନ୍ତରେ ତୁରନ୍ତ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଓଡ଼ିଶା ମାନବ ଅଧିକାର କମିଶନ (ଓଏଚ୍‌ଆର୍‌ସି) ରାଜ୍ୟ ସରକାରଙ୍କ ଗୃହ ବିଭାଗ ପ୍ରମୁଖ ଶାସନ ସଚିବ ଏବଂ ପୋଲିସ କମିଶନରଙ୍କୁ ନୋଟିସ୍ ଜାରି କରିଛନ୍ତି। ସରକାରଙ୍କ ଗାଇଡଲାଇନ କେତେଦୂର ପାଳନ କରାଯାଇଛି ତାହା ଉପରେ ମତାମତ ଉପସ୍ଥାପନ କରିବା ପାଇଁ ଓଏଚ୍‌ଆର୍‌ସି ନିର୍ଦ୍ଦେଶ ଦେଇଛନ୍ତି। ଡିସେମ୍ବର ୧୮ରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଦିନ ଧାର୍ଯ୍ୟ ହୋଇଛି। ତା’ ପୂର୍ବରୁ ଏହି ସବୁ ରିପୋର୍ଟ କମିଶନଙ୍କ ନିକଟରେ ଉପସ୍ଥାପନ କରିବା ପାଇଁ କୁହାଯାଇଛି। ସୂଚନା ମୁତାବକ, ବିଭିନ୍ନ ଶିକ୍ଷାନୁଷ୍ଠାନ ନିକଟରେ ଗୁଟ୍‌ଖା, ତମାଖୁ ତଥା ହୁକ୍କା ଆଦି ନିଶାଦ୍ରବ୍ୟ ବିକ୍ରି ତୁରନ୍ତ ବନ୍ଦ କରିବା ନେଇ ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ ବୁଧବାର ଓଡ଼ିଶା ଅଭିଭାବକ ମହାସଂଘ କମିଶନଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଗୁଟ୍‌ଖା ସେବନ ସ୍ୱାସ୍ଥ୍ୟ ପ୍ରତି ବିପଦ ହୋଇଥିବାରୁ ସ୍କୁଲ, କଲେଜ, ମେଡିକାଲ ଓ ଅନ୍ୟ କେତେକ ସମ୍ବେଦନଶୀଳ ସ୍ଥାନରେ ଏହାର ବିକ୍ରି ଉପରେ କଟକଣା ରହିଛି। ମାତ୍ର ଏହା ଉପରେ ସମ୍ପୂର୍ଣ୍ଣ ରୋକ୍ ଲଗାଯାଇପାରିନାହିଁ। ଏ ନେଇ ମାନବାଧିକାର କର୍ମୀ ବାସୁଦେବ ଭଟ୍ଟ ଓଏଚ୍‌ଆର୍‌ସିଙ୍କ ଦ୍ୱାରସ୍ଥ ହୋଇଥିଲେ। କମିଶନ ଏହି ମାମଲାର ବିଚାର କରି ସରକାରଙ୍କୁ ନୋଟିସ ଜାରି କରିଛନ୍ତି।

# ଶିଶୁ ମୃତ୍ୟୁକୁ ନେଇ ଉତ୍ତେଜନା

**ପୁରୀ ଅଫିସ, ୬।୧୧**

**ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟ**

■ ଚିକିତ୍ସା ଅବହେଳା ଅଭିଯୋଗ ଆଣିଲା ପରିବାର

ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ବୁଧବାର ଜଣେ ଶିଶୁକନ୍ୟାର ମୃତ୍ୟୁ ଘଟିଛି। ଚିକିତ୍ସାରେ ଅବହେଳା ଅଭିଯୋଗ ଆଣି ପରିବାର ଲୋକେ ପ୍ରସୂତି ଓ ଶିଶୁ ଯତ୍ନ କେନ୍ଦ୍ର ଆଗରେ ହୋହଲ୍ଲା କରିଥିଲେ। ଫଳରେ ଉତ୍ତେଜନା ପ୍ରକାଶ ପାଇଥିଲା।

ସୂଚନା ଅନୁଯାୟୀ, ପୁରୀ ଜିଲା ଚନ୍ଦନପୁର ଥାନା ଅଧୀନ ଦଣ୍ଡାସାହିର ଶ୍ରଦ୍ଧା ବାରିକଙ୍କ ୫ମାସର ଶିଶୁକନ୍ୟା ଥଣ୍ଡା କାଶରେ ପୀଡ଼ିତ ହୋଇ ୫ଦିନ ତଳେ ପ୍ରସୂତି ଓ ଶିଶୁ ଯତ୍ନ କେନ୍ଦ୍ରର ଶିଶୁ ୱାର୍ଡରେ ଭର୍ତ୍ତି ହୋଇଥିଲେ। ଶ୍ରଦ୍ଧାଙ୍କ ଭାଇ ବାଙ୍କେଶ୍ୱର କହିଛନ୍ତି, ବୁଧବାର ଅପରାହ୍ନ ୪ଟାରୁ ଶିଶୁକୁ ନିଃଶ୍ୱାସ ନେବାରେ କଷ୍ଟ ଅନୁଭବ ହୋଇଥିଲା। ସେ ଡ୍ୟୁଟିରେ ଥିବା ଷ୍ଟାଫଙ୍କୁ ସେ ଜଣାଇଥିଲେ। ବାରମ୍ବାର ଅନୁରୋଧ ସତ୍ତ୍ୱେ କେହି ଆସି ନ ଥିଲେ। ତେବେ ସନ୍ଧ୍ୟା ରୁଟିନ୍ ଚେକିଂ ବେଳେ ଶିଶୁକନ୍ୟାର ମୃତ୍ୟୁ ହୋଇସାରିଥିବା ଜଣାପଡ଼ିଥିଲା। ୱାର୍ଡରେ ଥିବା ଜନୈକ ଷ୍ଟାଫ୍‌ଙ୍କ ବ୍ୟବହାର ଆଦୌ ଭଲ ନୁହେଁ। ଶିଶୁର ସ୍ୱାସ୍ଥ୍ୟ ଅଥବା କୌଣସି ବିଷୟ ପଚାରିଲେ ସେ ଦୁର୍ବ୍ୟବହାର କରୁଥିଲେ। ଏପରି କି ଇଚ୍ଛା ହେଲେ ଏଠାରେ ଚିକିତ୍ସା କର, ନ ହେଲେ କଟକ ପଠାଇ ଦିଆଯିବ ବୋଲି ଧମକାଉ ଥିଲେ। ବୁଧବାର ଅପରାହ୍ନଠାରୁ ଶିଶୁର ସ୍ୱାସ୍ଥ୍ୟ ଭଲ ନ ଥିବା ପରିବାରବର୍ଗ ଜଣାଇଥିଲେ ମଧ୍ୟ ଡାକ୍ତର ଆସିଲେ ଦେଖାଯିବ କହି କେହି ବି ସେମାନଙ୍କ ଗୁହାରି ଶୁଣି ନ ଥିଲେ। ଫଳରେ ଶିଶୁର ଜୀବନ ଚାଲିଗଲା ବୋଲି କାନ୍ଦି କାନ୍ଦି କହିଛନ୍ତି ବାଙ୍କେଶ୍ୱର। ରାଜ୍ୟ ସରକାରଙ୍କ ୫ଟି କାର୍ଯ୍ୟକ୍ରମର ପ୍ରଭାବ ଏଠାରେ ପଡୁ ନ ଥିବା ଏହି ଘଟଣାରୁ ସ୍ପଷ୍ଟ ହେଉଛି ବୋଲି ସେ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷେ ଅଭିଯୋଗକୁ ଖଣ୍ଡନ କରିଛନ୍ତି ଡା. ରୀତା ଦାଶ। ସମ୍ପୃକ୍ତ ଶିଶୁକନ୍ୟାର ଚିକିତ୍ସାରେ କୌଣସି ଅବହେଳା କରାଯାଇ ନ ଥିବା ସେ କହିଛନ୍ତି। ତେବେ ଭାରପ୍ରାପ୍ତ ଏଡିଏମ୍‌ଓ (ମେଡିକାଲ) ଉମା ବିଶ୍ୱାଳଙ୍କ ମୋବାଇଲ ନଂ. ୯୪୩୯୯୯୪୭୧୦ (ସିୟୁଜି) ଏବଂ ଭାରପ୍ରାପ୍ତ ସିଡିଏମ୍‌ଓ ଡା. ବିରଜା ରଥଙ୍କ ମୋବାଇଲ ନଂ. ୯୪୩୯୯୯୪୭୦୮ (ସିୟୁଜି)କୁ ଫୋନ୍ କରାଯାଇଥିଲେ ମଧ୍ୟ ଦୁଇଟି ଯାକ ଫୋନ୍ ସୁଇଚ୍ ଅଫ୍ ରହିଥିଲା। ଉଲ୍ଲେଖ ଥାଉ କି, କିଛିଦିନ ତଳେ ବ୍ରହ୍ମଗିରି ଅଞ୍ଚଳର ଜଣେ ନାବାଳକଙ୍କର ଚିକିତ୍ସା ଅବହେଳାରୁ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଥିଲା।

# ୩୬୦ ବିଦ୍ୟାର୍ଥୀଙ୍କୁ ଶୂନ ମାର୍କ

**ପରୀକ୍ଷା ଫଳରେ ବିଭ୍ରାଟ**

**କଟକ ଅଫିସ,୬।୧୧:** ଖପୁରିଆସ୍ଥିତ ସରକାରୀ ଆଇଟିଆଇ କଲେଜର ୪ର୍ଥ ସେମିଷ୍ଟର ପରୀକ୍ଷା ଫଳରେ ବିଭ୍ରାଟ ଦେଖାଦେଇଛି। ୩୬୦ ଛାତ୍ରୀଛାତ୍ରଙ୍କୁ ଗୋଟିଏ ପରୀକ୍ଷାରେ ଶୂନ ମାର୍କ ମିଳିଛି। ଯାହାକୁ ନେଇ ବୁଧବାର କଲେଜ ପରିସରରେ ଉତ୍ତେଜନା ଦେଖାଦେଇଥିଲା। ପରୀକ୍ଷା ଖାତାର ପୁନଃ ମୂଲ୍ୟାୟନ ପାଇଁ ଛାତ୍ରୀଛାତ୍ରମାନେ ଦାବି କରିବା ସହ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପାଟିତୁଣ୍ଡ କରିଥିଲେ। ମିଳିଥିବା ସୂଚନା ଅନୁଯାୟୀ, କଲେଜର ଫିଟର, ଇଲେକ୍ଟ୍ରୋନିକ୍ସ ଓ ଏମ୍ଏମ୍‌ଭି ପାଠ୍ୟକ୍ରମର ଛାତ୍ରୀଛାତ୍ରମାନେ ଏଭଳି ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ଉକ୍ତ ୩ ପାଠ୍ୟକ୍ରମର ଇଞ୍ଜିନିୟରିଂ ଡ୍ରଇଂ ପରୀକ୍ଷାରେ ସମସ୍ତ ବିଦ୍ୟାର୍ଥୀ ଶୂନ ମାର୍କ ପାଇଛନ୍ତି। ଏ ନେଇ କଲେଜ ଅଧ୍ୟକ୍ଷ ଡ. ହୃଷୀକେଶ ମହାନ୍ତି କୁହନ୍ତି, ଦୁଇଦିନ ମଧ୍ୟରେ ଏହାର ସମାଧାନ କରାଯିବ। କାଉନସିଲ ସହ ଆଲୋଚନା ଶେଷ ହୋଇଛି। ଘଟଣାର ତଦନ୍ତ ପାଇଁ ଉଚ୍ଚସ୍ତରୀୟ ଅଧିକାରୀଙ୍କ ନିକଟକୁ ଚିଠି ପଠାଯାଇଛି। ଏ ସମ୍ପର୍କରେ ଜାଣିବା ପରେ ଛାତ୍ରୀଛାତ୍ରମାନେ ପାଟିତୁଣ୍ଡରୁ ନିବୃତ୍ତ ରହିଥିଲେ।

## ଚିଲିକାର ଭ୍ରମ



ପୁରୀ ଜିଲା ବ୍ରହ୍ମଗିରି ଜାତୀୟ ରାଜପଥ ପାର୍ଶ୍ୱସ୍ଥ ଏକ କ୍ଷେତରେ ବୁଧବାର ଅପରାହ୍ନରେ ପକ୍ଷୀଙ୍କ ସମାଗମ।



"ଗୃହକର୍ତ୍ତାଙ୍କ ଉପସ୍ଥିତି ସତ୍ତ୍ୱେ ଯେଉଁ ଘରେ ମହିଳା କିମ୍ବା ବାଳକମାନଙ୍କର ଶାସନ ଚାଲେ, ସେପରି ପରିବାର ସହ ସମ୍ପର୍କ ରଖିଲେ ବିପଦର ସମ୍ଭାବନା ରହିଥାଏ।
-କୌଟିଲ୍ୟ ଚାଣକ୍ୟ



## ସଂକ୍ଷେପରେ

### ଓମ୍‌ଫେଡ ପାର୍ଲରରୁ ଚୋରି ସାମଗ୍ରୀ ଜବତ: ୨ ଗିରଫ

**ଭୁବନେଶ୍ୱର, ୬।୧୧(ବ୍ୟୁରୋ):** କ୍ୟାପିଟାଲ ଥାନା ଅଧୀନ କେଶରୀ ନଗର ଅଞ୍ଚଳରେ ଥିବା ଏକ ଓମଫେଡ ପାର୍ଲରରୁ ବିଭିନ୍ନ ସାମଗ୍ରୀ ଓ ଗ୍ୟାସ ସିଲିଣ୍ଡର ଚୋରି ଅଭିଯୋଗରେ ୨ଜଣଙ୍କୁ ମଙ୍ଗଳବାର ପୋଲିସ ଗିରଫ କରିଛି। ସେମାନଙ୍କ ନିକଟରୁ ଚୋରି ସାମଗ୍ରୀ ଜବତ କରାଯାଇଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳର ଦୀପକ କୁମାର (୨୧) ଓ ୟୁନିଟ ୫ କେଶରୀ ନଗର ଅଞ୍ଚଳର ଦୀପକ ବାହାଦୁର (୩୨)। ସୂଚନା ଅନୁଯାୟୀ, କେଶରୀ ନଗର ଅଞ୍ଚଳରେ ହେମନ୍ତ କୁମାର ମହାନ୍ତିଙ୍କ ଓମଫେଡ ପାର୍ଲରରୁ ଗତ ୫ ରାତିରେ ଚୋରି ହୋଇଥିଲା। ଦୁର୍ବୃତ୍ତମାନେ ଦୋକାନ ଭାଙ୍ଗି ସମସ୍ତ ସାମଗ୍ରୀ ଓ ୨ଟି ଗ୍ୟାସ ସିଲିଣ୍ଡର ସହ ନଗଦ ୫ହଜାର ଟଙ୍କା ଚୋରି କରି ନେଇଥିଲେ। ଏ ନେଇ ହେମନ୍ତ ଥାନାରେ ଅଭିଯୋଗ କରିବା ପରେ ପୋଲିସ ୪୦୭/୧୯ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।

### ଲୁଟ୍ ଅଭିଯୋଗରେ ୨ ଗିରଫ

**ପାତ୍ରପଡା, ୬।୧୧ (ଡି.ଏନ.ଏ.)-** ଖଣ୍ଡଗିରି ଥାନା ପୋଲିସ ଲୁଟ ଅଭିଯୋଗରେ ୨ ଯୁବକଙ୍କୁ ବୁଧବାର ଗିରଫ କରିଛି। ସେମାନେ ଉତ୍ତରପ୍ରଦେଶର କ୍ରିଷ୍ଣା ସିଂ(୨୦) ଓ ଖଣ୍ଡଗିରି ମଲିକ କମ୍ପ୍ଲେକ୍ସ ଅଞ୍ଚଳର ଶିଶିର କୁମାର ପଲେଇ(୨୧)। ପୋଲିସ ସୂଚନା ଅନୁଯାୟୀ, ଖଣ୍ଡଗିରି ହାଉସିଂ କଲୋନୀର ନୂତନ ବେହେରା ଗତ ୫ ତାରିଖରେ ନିଜ ଘର ସମ୍ମୁଖରେ ଫୋନ୍‌ରେ କଥା ହେଉଥିବାବେଳେ ଅଭିଯୁକ୍ତ ଦ୍ୱୟ ଏକ ବାଇକ୍‌ରେ ଆସି ମୋବାଇଲ ଫୋନ ଝାମ୍ପି ନେଇଥିଲେ। ନୂତନ ପାଟି କରିବାରୁ ଲୋକେ ଘଟଣାସ୍ଥଳରୁ କ୍ରିଷ୍ଣାଙ୍କୁ କାବୁ କରି ନେଇଥିଲେ। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଶିଶିରଙ୍କୁ ଧରିବା ସହ ନଂ. ୬୩୩/୧୯ରେ ମାମଲା ରୁଜୁ କରିଥିଲା।

### ୯ରେ ଉତ୍କଳ ମ୍ୟାନେଜମେଣ୍ଟ ଆଲୁମିନି

**ଭୁବନେଶ୍ୱର, ୬।୧୧(ବ୍ୟୁରୋ):** ଉତ୍କଳ ବିଶ୍ୱବିଦ୍ୟାଳୟ ଏମ୍‌ବିଏ ବିଭାଗର ପୁରାତନ ଛାତ୍ର ସଙ୍ଗଠନ ପକ୍ଷରୁ ଆସନ୍ତା ଶନିବାର ବନ୍ଧୁ ମିଳନ ଅନୁଷ୍ଠିତ ହେଉଛି। ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ଏହି ମିଳନ ଉତ୍ସବରେ ବର୍ତ୍ତମାନର ବେକାରୀ ସମସ୍ୟା ଓ ଆର୍ଥିକ ମାନ୍ଦାବସ୍ଥା ବିଷୟରେ ଆଲୋଚନା ହେବ। ଏହି ବିଭାଗରୁ ଉତ୍ତୀର୍ଣ୍ଣ ହୋଇ ଗୁରୁତ୍ୱପୂର୍ଣ୍ଣ ପଦ ପଦବୀରେ ଥିବା ବ୍ୟକ୍ତିବିଶେଷମାନେ କାର୍ଯ୍ୟକ୍ରମରେ ଯୋଗ ଦେବେ। ଜେଏସଡବ୍ଲ୍ୟୁ ସିଇଓ ବେଦରାଜ ତ୍ରିପାଠୀ, ଫ୍ୟୁଚର ଗ୍ରୁପ୍‌ର ମଦନ ମୋହନ ମହାପାତ୍ର, ଆଇଓସିଏଲ ଜିଏମ୍ ଦେବି ପ୍ରସାଦ ଶତପଥୀ, ଟାଟା ଷ୍ଟିଲ୍‌ର ଦେବବ୍ରତ ଦାସ, ରାଜ୍ୟସଭା ସଦସ୍ୟ ସସ୍ମିତ ପାତ୍ର, ନାଲକୋର ସଦାଶିବ ସାମନ୍ତରାୟ, ଓପିଟିସିଏଲର ସି.ଏସ. ପ୍ରଧାନ ଓ ସତ୍ୟନାରାୟଣ ପ୍ରଧାନ ପ୍ରମୁଖ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ବୋଲି ଉତ୍କଳ ମ୍ୟାନେଜମେଣ୍ଟ ଆଲୁମିନା ଆସୋସିଏଶନ ପକ୍ଷରୁ କୁହାଯାଇଛି।

### ଧାନରେ ମାଟିଆ ଗୁଣ୍ଡି ପୋକ: ଚିନ୍ତାରେ ଚାଷୀ

**ନରାଜ, ୬।୧୧(ଡି.ଏନ୍.ଏ.)-** କଟକ-ବାଙ୍କୀ ମୁଖ୍ୟରାସ୍ତାକୁ ଲାଗିରହିଛି ବାଆଁରା ଅଞ୍ଚଳର 'ବାଟି ସୋଅରା' ଚାଷ ଜମି ଅଞ୍ଚଳ। ଏଠାରେ ବାଆଁରା ଓ କୁଅମଡା ଗ୍ରାମର ଚାଷୀମାନେ ଧାନ ଫସଲ କରିଥାନ୍ତି। ଯେହେତୁ ବାଆଁରା ପଞ୍ଚାୟତଟି ଚନ୍ଦକା-ଡମପଡା ହସ୍ତୀ ଅଭୟାରଣ୍ୟଠାରୁ ମାତ୍ର ୨କି.ମି ମଧ୍ୟରେ ଅବସ୍ଥିତ। ବିଭିନ୍ନ ସମୟରେ ହାତୀମାନେ ଆସି ଧାନ ଫସଲ ନଷ୍ଟ କରିଥାନ୍ତି। ଅପରପକ୍ଷେ ଏହି ଅଞ୍ଚଳରେ ଗୋରୁମାନଙ୍କୁ ନ ବାନ୍ଧି ବାହାରେ ଛାଡିଦେଉ ଥିବାରୁ ସେମାନେ ପଶି ଧାନଫସଲ ଖାଇ ନଷ୍ଟ କରିଥାନ୍ତି। ସେଥିପାଇଁ 'ବାଟି ସୋଅରା' ରେ ଚାଷୀମାନେ ଦୀର୍ଘ ବର୍ଷଧରି ଧାନଫସଲ କରୁ ନ ଥିଲେ। ମାତ୍ର ଚଳିତବର୍ଷ କେତେକ ଚାଷୀ ଏକତ୍ରିତ ହୋଇ ଚାଷ କରିଛନ୍ତି। ଧାନ ଫସଲ ମଧ୍ୟ ଭଲ ହୋଇଥିଲା। କିନ୍ତୁ କିଛିଦିନ ପରେ ଧାନରେ 'ମାଟିଆ ଗୁଣ୍ଡି' ପୋକ ଲାଗିଥିବା ଚାଷୀମାନେ ଦେଖିବାକୁ ପାଇଥିଲେ। ଏଥିପାଇଁ ଚାଷୀମାନେ ଏବେ ଚିନ୍ତାରେ ପଡିଯାଇଛନ୍ତି। କାରଣ ଏହା ଦ୍ୱାରା ଧାନ ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବ। ବୁଧବାର ଡମପଡା ବ୍ଲକ ଗ୍ରାମ କୃଷିସେବକ ମାଧବୀ ନନ୍ଦ ଓଝା, କୃଷକ ସାଥୀ ଡମ୍ବରୁଧର ସ୍ୱାଇଁ ପ୍ରମୁଖ କୃଷିକ୍ଷେତ୍ର ପରିଦର୍ଶନ କରି ଚାଷୀମାନଙ୍କୁ ଆବଶ୍ୟକୀୟ ପରାମର୍ଶ ଦେଇଛନ୍ତି।

## ଅମରେଶ ହତ୍ୟାକାଣ୍ଡ ଘଟଣା

# ମୁଖ୍ୟ ଅଭିଯୁକ୍ତ ସମେତ ୩ ଗିରଫ

- ବାଣ ଫୁଟା ଓ ପୂର୍ବ ଶତ୍ରୁତା ଥିଲା କାରଣ
- ଏବେ ବି ପୋଲିସ ପଞ୍ଝାରୁ ଦୂରରେ ୧୦ରୁ ଊର୍ଦ୍ଧ୍ୱ ଅଭିଯୁକ୍ତ
- ସମ୍ପୃକ୍ତ ଫେରାର ଅଭିଯୁକ୍ତଙ୍କୁ ଖୁବଶୀଘ୍ର ଗିରଫ କରାଯିବ: ଡିସିପି

**ଭୁବନେଶ୍ୱର, ୬।୧୧(ବ୍ୟୁରୋ)**

ଅମରେଶ ନାୟକ ହତ୍ୟାକାଣ୍ଡ ଘଟଣାର ୧୦ଦିନ ପରେ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ଆଉ ୨ ସହଯୋଗୀଙ୍କୁ ପୋଲିସ ରାଜଧାନୀ ଉପକଣ୍ଠ ଅଞ୍ଚଳରୁ ଗିରଫ କରିଛି। ଦୀପାବଳି ରାତିରେ ଏୟାରଫିଲ୍ଡ ଥାନା ଅଧୀନ ଏକାମ୍ର କଲେଜ ପଡ଼ିଆ ନିକଟରେ ଭୋଜି ଚାଲିଥିବାବେଳେ ବାଣ ଫୁଟା ଓ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଏହି ହତ୍ୟାକାଣ୍ଡ ଘଟିଥିବା ଡିସିପି ଅନୁପ କୁମାର ସାହୁ ବୁଧବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏଥିସହ ହତ୍ୟାକାଣ୍ଡରେ ସମ୍ପୃକ୍ତ କାଠ ଫାଳିଆ ଓ ପଥର ଜବତ କରାଯାଇଛି। ଫେରାର ଅନ୍ୟ ଅଭିଯୁକ୍ତମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଡିସିପି ସାହୁ କହିଛନ୍ତି। ଗିରଫ ମୁଖ୍ୟ ଅଭିଯୁକ୍ତ ହେଲେ ପୁରୁଣା ଭୁବନେଶ୍ୱର ହରଚଣ୍ଡୀ ସାହି ଅଞ୍ଚଳର ଶଙ୍କର ବସ୍ତିଆ(୨୪) ଏବଂ ୨ ସହଯୋଗୀ କପିଳପ୍ରସାଦ ଉପରସାହି ଅଞ୍ଚଳର ଜଗଦୀଶ ଗଜେନ୍ଦ୍ର (୨୨) ଓ ସୁନ୍ଦରପଦା ବେହେରା ସାହି ଅଞ୍ଚଳର ଜିତେନ୍ଦ୍ର କୁମାର ମଲ୍ଲିକ (୨୧)।

ଡିସିପିଙ୍କ ସୂଚନା ମୁତାବକ, ମୃତ ଅମରେଶ ଏବଂ ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ଶଙ୍କରଙ୍କ ମଧ୍ୟରେ ଖୁବ ଭଲ ସମ୍ପର୍କ ଥିଲା। ଏପରି କି ଶଙ୍କରଙ୍କ ସମେତ ଅମରେଶଙ୍କୁ ଆକ୍ରମଣ କରିଥିବା ଅନ୍ୟ ଅଭିଯୁକ୍ତମାନେ ମଧ୍ୟ ଏକାଠି ଚଳୁଥିଲେ। ପରବର୍ତ୍ତୀ ସମୟରେ ଅମରେଶଙ୍କର ଅନ୍ୟମାନଙ୍କ ସହ ସମ୍ପର୍କ ଦୃଢ ହେବା ପରେ ସେମାନଙ୍କ ସମ୍ପର୍କରେ ତିକ୍ତତା ଆସିଥିଲା। ଅମରେଶ ଓ ଶଙ୍କର ଦୁଇଟି ଗୋଷ୍ଠୀରେ ବିଭାଜନ ହୋଇଥିଲେ। ଉଭୟ ଗୋଷ୍ଠୀ ନିଜର ପତିଆରା ଦେଖାଇବା ନେଇ ସେମାନଙ୍କ ମଧ୍ୟରେ ଛକାପଞ୍ଝା ଲାଗିରହିଥିଲା। ଗତ ୨୭ ତାରିଖ ଦୀପାବଳି ରାତିରେ ଅମରେଶ ତାଙ୍କର ସହଯୋଗୀ କୁଟୁଲୁ, କିକି ଏବଂ ଅନ୍ୟମାନଙ୍କ ସହ ଭୋଜିଭାତର ଆୟୋଜନ କରି ବାଣ ଫୁଟାଇ ଦୀପାବଳି ପାଳନ କରୁଥିଲେ। ବାଣ ଫୁଟାଇବା ବେଳେ ବାଣର କିଛି ଅଂଶ ଛିଟିକି ନିକଟରେ ଭୋଜି କରୁଥିବା ପିଣ୍ଟୁ ପ୍ରଧାନୀଙ୍କ ସମର୍ଥକଙ୍କ ଉପରେ ପଡ଼ିବାରୁ ଯୁକ୍ତିତର୍କ ହୋଇ ବିବାଦ ଉପୁଜିଥିଲା। ଖବର ପାଇ ଶଙ୍କର ତାଙ୍କ ସହଯୋଗୀ ରଘୁଆ, ଜଗଦୀଶ, ପିଣ୍ଟୁ, ସୋହେଲ, କୁନା ନନ୍ଦ, ରାଜେଶ ନାୟକ ଓରଫ ବବଲୁ, ଜଗଦୀଶ ଗଜେନ୍ଦ୍ର , ଜିତେନ୍ଦ୍ର ମଲ୍ଲିକ, ବିକାଶ ଜେନା, ଉକା ପ୍ରମୁଖଙ୍କୁ ଧରି ଘଟଣାସ୍ଥଳରେ ପହଞ୍ଚିବା ପରେ ବିବାଦ ଉଗ୍ରରୂପ ଧାରଣ କରିଥିଲା। ଶଙ୍କର ଓ ତାଙ୍କ ସହଯୋଗୀମାନେ ଅମରେଶଙ୍କୁ କାଠ ଫାଳିଆ, ପଥର ଏବଂ ଅନ୍ୟାନ୍ୟ ଅସ୍ତ୍ରରେ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଅମରେଶଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତେବେ ପରବର୍ତ୍ତୀ ସମୟରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣାସ୍ଥଳରେ ଉପସ୍ଥିତ ଥିବା ୨ଜଣ ପ୍ରତ୍ୟକ୍ଷଦର୍ଶୀଙ୍କ ଭିଡିଓ ରେକର୍ଡିଂ ସହ ବୟାନ ନିଆଯାଇଛି। ଗିରଫ ୩ ଜଣ ଅଭିଯୁକ୍ତଙ୍କ ବିରୋଧରେ ଉଚିତ ପ୍ରମାଣ ପୋଲିସକୁ ମିଳିବା ପରେ ସେମାନଙ୍କୁ ଗିରଫ କରାଯାଇଛି। ପ୍ରାଥମିକ ତଦନ୍ତରୁ ଏହି ଘଟଣାରେ ୧୦ ଜଣଙ୍କ ସମ୍ପୃକ୍ତି ରହିଥିବା ସ୍ପଷ୍ଟ ହୋଇଥିବା ବେଳେ ୩ ଜଣଙ୍କୁ ଗିରଫ କରାଯାଇଛି। ଏ ନେଇ ତଦନ୍ତ ଜାରି ରହିଥିବାରୁ ରାଜନୈତିକ ବ୍ୟକ୍ତି ବା ଅନ୍ୟମାନଙ୍କର ସଂପୃକ୍ତି ନେଇ ଏବେ କିଛି ସ୍ପଷ୍ଟ କରାଯାଇପାରିବ ନାହିଁ। ପୋଲିସର ଏକ ସ୍ୱତନ୍ତ୍ର ଟିମ ଏହା ଉପରେ କାର୍ଯ୍ୟ କରୁଥିବାବେଳେ ସମସ୍ତ ରିପୋର୍ଟ ଆସିବା ପରେ ଅନ୍ୟମାନଙ୍କ ସମ୍ପୃକ୍ତି ନେଇ ସ୍ପଷ୍ଟ ହୋଇପାରିବ ବୋଲି ଡିସିପି ସାହୁ କହିଛନ୍ତି।

## ଗଠନ ହେଲା ବୈଷୟିକ ଛାତ୍ର ସଂଗଠନ ଏଓଟିଏସଓ




ବିଧାୟକ ସମ୍ବିତ୍ ରାଉତରାୟ ଏଓଟିଏସ୍‌ଓର ଲୋଗୋ ଉନ୍ମୋଚନ କରୁଛନ୍ତି।

**ଭୁବନେଶ୍ୱର, ୬।୧୧(ବ୍ୟୁରୋ)**

ବୈଷୟିକ ଶିକ୍ଷାର ବିକାଶ, ବିଭିନ୍ନ ସମସ୍ୟାର ସମାଧାନ ଓ ଛାତ୍ର ଏକତାକୁ ନଜରରେ ରଖି ଅଖିଳ ଓଡ଼ିଶା ବୈଷୟିକ ଛାତ୍ର ସଂଗଠନ (ଏଓଟିଏସ୍‌ଓ) ଗଠନ କରାଯାଇଛି। ବୁଧବାର ରୋଟାରୀ କ୍ଲବ୍‌ଠାରେ ଏହାର ଲୋଗୋ ଉନ୍ମୋଚିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପାରାଦୀପ ବିଧାୟକ ସମ୍ବିତ ରାଉତରାୟ ଓ ଏଓଟିଏସଓ ପ୍ରତିଷ୍ଠାତା ତଥା ଉଠା ଜଳସେଚନ ନିଗମ ଅଧ୍ୟକ୍ଷ ଅମରେଶ ପତ୍ରୀ ଯୋଗଦେଇଥିଲେ। ସମ୍ମାନିତ ଅତିଥି ବିଜେଡି ସଂଯୋଜକ ଡ. ହରିଶ ଚୌଧୁରୀ ଓ ଅନୁଷ୍ଠାନର ବରିଷ୍ଠ ଉପଦେଷ୍ଟା ଦୁଷ୍ମନ୍ତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଦୁଷ୍ମନ୍ତ ପଟ୍ଟନାୟକ, ପଲ୍ଲବ ଲିମା, ମଳୟ ରଞ୍ଜନ ପତି, ନିହାର ରଞ୍ଜନ ବେହେରା ଏଓଟିଏସଓର ବରିଷ୍ଠ ଉପଦେଷ୍ଟା ରହିଥିବାବେଳେ ସୌମ୍ୟ ସାର୍ଥକ ରାୟ, ଚନ୍ଦ୍ରକାନ୍ତ ରାୟ ଓ ଦୀପକ କୁମାର ସାହୁ ଉପଦେଷ୍ଟା ରହିଛନ୍ତି। ଆକାଶ ମହାପାତ୍ର, ମହୀକ୍ଷିତା ମିଶ୍ର ସହ-ଉପଦେଷ୍ଟା ଓ ଦୀପ୍ତିରଞ୍ଜନ ପାଳ, ପିନାକି ଦାସ ଏବଂ ଦିପ୍ତେନ୍ଦୁ ଚୌଧୁରୀ ପ୍ରତିଷ୍ଠାତା ସଦସ୍ୟ ରହିଛନ୍ତି।

## ୟୁନିଟ ୮ କଲ୍ୟାଣମଣ୍ଡପ ସ୍ଥାନରେ ପାର୍କ ଦାବି

**ଭୁବନେଶ୍ୱର, ୬।୧୧(ବ୍ୟୁରୋ)**

ୱାର୍ଡ ୩୯ସ୍ଥିତ ସର୍ବପୁରାତନ ୟୁନିଟ ୮ କଲ୍ୟାଣ ମଣ୍ଡପକୁ ଭଙ୍ଗାଯାଇ ଅବ୍ୟବହୃତ ଅବସ୍ଥାରେ ପକାଇ ଦିଆଯାଇଛି। ଉକ୍ତ ସ୍ଥାନରେ ଏବେ ସରକାରୀ ବାସଗୃହ ନିର୍ମାଣ ହେବା କଥା ସରକାରୀ ସୂତ୍ରରୁ ଶୁଣିବାକୁ ମିଳୁଛି। ହେଲେ ସ୍ଥାନୀୟ ବାସିନ୍ଦା ଓ ବିଭିନ୍ନ ସଙ୍ଗଠନ ସେଠାରେ ଏକ ପାର୍କ କରିବାକୁ ବୁଧବାର ଖବରଦାତା ସମ୍ମିଳନୀରେ ପ୍ରକାଶ ପାଇଛି। ସମାଜିକ କର୍ମୀ ମିଳନ ପାଇକରାୟ ସଭାରେ ଅଧ୍ୟକ୍ଷତା କରି କହିଥିଲେ, ରାଜ୍ୟ ସଚିବାଳୟ ଓ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ଅନତି ଦୂରରେ ଥିବା ସତ୍ତ୍ୱେ ଦୀପତଳ ଅନ୍ଧାର ଭଳି ସବୁ ପ୍ରକାର ମୌଳିକ ସୁବିଧାରୁ ୱାର୍ଡବାସୀ ବଞ୍ଚିତ ହେଉଛନ୍ତି। ୱାର୍ଡରେ ସର୍ବସାଧାରଣଙ୍କ ନିମନ୍ତେ ପାର୍କ, ଖେଳ ପଡ଼ିଆ, ଡାକ୍ତରଖାନା, ବ୍ୟାୟାମ ଶାଳା, ପାଠାଗାର ଓ ୱାଟର୍ ଏଟିଏମ୍ ଭଳି ମୌଳିକ ସୁବିଧା ଯୋଗାଇ ଦିଆଯାଇନାହିଁ। ସେହିପରି ଅଞ୍ଚଳର ସର୍ବସାଧାରଣଙ୍କ ଦୃଢ ବିରୋଧ ସତ୍ତ୍ୱେ ମଧ୍ୟ ସର୍ବପୁରାତନ କଲ୍ୟାଣ ମଣ୍ଡପକୁ ଭଙ୍ଗାଯାଇ ଅବ୍ୟବହୃତ ଅବସ୍ଥାରେ ପକାଇ ଦିଆଯାଇଛି। ପାର୍କ ନ ଥିବାରୁ ଏହି ଅଞ୍ଚଳର ବରିଷ୍ଠ ନାଗରିକମାନେ ରାସ୍ତା କଡରେ ବିପଦଜନକ ଅବସ୍ଥାରେ ବ୍ୟାୟାମ କରୁଛନ୍ତି। ଉକ୍ତ ଖାଲି ସ୍ଥାନରେ ଏକ ସର୍ବସାଧାରଣ ପାର୍କ ନିର୍ମାଣ ପାଇଁ ନୂଆ ସାହି ବରିଷ୍ଠ ନାଗରିକ କଲ୍ୟାଣ ସଂଘ, ମହାବୀର ସାମାଜିକ ସଙ୍ଗଠନ, କସ୍ତୁରୀ ମହିଳା ସଙ୍ଗଠନ ଓ ନୂଆସାହି ଆଞ୍ଚଳିକ ବିକାଶ କେନ୍ଦ୍ର ଓ ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଲିଖିତ ଭାବେ ରାଜ୍ୟ ସରକାର ତଥା ବିଏମ୍‌ସିର ଦୃଷ୍ଟି ଆକର୍ଷଣ କରିଥିଲେ। ହେଲେ ଏଯାବତ୍ ଏ ନେଇ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଯଦି ଅଗାମୀ ଦିନରେ ଉକ୍ତ ଖାଲିଥିବା ସ୍ଥାନରେ ସର୍ବସାଧାରଣଙ୍କ ନିମନ୍ତେ ପାର୍କ କରା ନ ଯାଏ ତେବେ ସମସ୍ତ ବାସିନ୍ଦା ବିକଳ୍ପ ପନ୍ଥା ବାଛିବାକୁ ବାଧ ହେବେ ବୋଲି ସମ୍ମିଳନୀରେ ମତ ପ୍ରକାଶ ପାଇଛି।




ଭଞ୍ଜ କଳାମଣ୍ଡପଠାରେ ଆୟୋଜିତ ଗୁରୁ ବନମାଳୀ ମହାରଣାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ମର୍ଦ୍ଦଳ ବାଦନ କରୁଛନ୍ତି।

## ଗୁରୁ ବନମାଳୀ ମହାରଣାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ

# ମର୍ଦ୍ଦଳରେ ଗୁରୁଙ୍କୁ ଶ୍ରଦ୍ଧାଞ୍ଜଳି

**ଭୁବନେଶ୍ୱର, ୬।୧୧(ବ୍ୟୁରୋ)**

ଓଡ଼ିଶୀ ମର୍ଦ୍ଦଳ ଗୁରୁ ସ୍ୱର୍ଗତ ବନମାଳୀ ମହାରଣାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ବୁଧବାର ଭଞ୍ଜକଳାମଣ୍ଡପରେ ମର୍ଦ୍ଦଳ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଦିବସବ୍ୟାପୀ ଆୟୋଜିତ ଏହି ଉତ୍ସବରେ ଗୁରୁ ବନମାଳୀ ମହାରଣାଙ୍କ ଶିଷ୍ୟାଶିଷ୍ୟ ତଥା ବିଭିନ୍ନ ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା ଏକକ, ଯୁଗ୍ମ ଓ ବୃନ୍ଦ ମର୍ଦ୍ଦଳ ବାଦନ ପରିବେଷିତ ହୋଇଥିଲା। କାର୍ଯ୍ୟକ୍ରମର ସନ୍ଧ୍ୟା ଅଧିବେଶନରେ ଅତିଥିଭାବେ ପଦ୍ମଶ୍ରୀ ଡ. ପ୍ରିୟମ୍ବଦା ମହାନ୍ତି ହେଜ୍‌ମାଦି, ପଦ୍ମବିଭୂଷଣ ରଘୁନାଥ ମହାପାତ୍ର, ସଂସ୍କୃତି ବିଭାଗ ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ, ବିଭାଗୀୟ ନିର୍ଦ୍ଦେଶକ ବିଜୟ କୁମାର ନାୟକ, ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରର ମୁଖ୍ୟ କାର୍ଯ୍ୟନିର୍ବାହୀ ଡ. ସଙ୍ଗୀତା ଗୋସାଇଁ ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ଡ.ବିଜୟ କୁମାର ଜେନା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଦେଶ ବିଦେଶରେ ପ୍ରତିଷ୍ଠିତଗୁରୁ ବନମାଳୀ ମହାରଣାଙ୍କ ଛାତ୍ରୀଛାତ୍ରମାନେ ମର୍ଦ୍ଦଳ ବାଦନ ମାଧ୍ୟମରେ ନିଜ ଗୁରୁଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏହି ଅବସରରେ ସ୍ୱର୍ଗତ ଗୁରୁ ବନମାଳୀ ମହାରଣାଙ୍କ ଉପରେ ନିର୍ମିତ ଏକ ବୃତ୍ତଚିତ୍ର ପ୍ରଦର୍ଶିତ ହୋଇଥିଲା। ଗୁରୁ ବନମାଳୀ ମହାରଣାଙ୍କ ପ୍ରତିମୂର୍ତ୍ତି ସ୍ଥାପନ ସହ ସରକାରଙ୍କ ଦ୍ୱାରା ତାଙ୍କ ଜୟନ୍ତୀ ପାଳନ କରିବା ପାଇଁ ଅନୁରୋଧ କରାଯାଇଥିଲା। ସନ୍ଧ୍ୟାରେ ବିଶେଷ ପ୍ରସ୍ତୁତିରେ ଡ. ଜଗନ୍ନାଥ କୁଅଁର ଓ ଶିଷ୍ୟ, ଗୁରୁ ସଚ୍ଚିଦାନନ୍ଦ ଦାସ ଓ ସାଥୀଙ୍କ ଦ୍ୱାରା ବୃନ୍ଦ ମର୍ଦ୍ଦଳ ବାଦନ ପରିବେଷିତ ହୋଇଥିଲା। ଏହାସହ ଗୁରୁ କାଳନ୍ଦୀ ଚରଣ ପରିଡ଼ା ଏବଂ ଗୁରୁ ବିଭୂତି ଭୂଷଣ ବଳବନ୍ତରାୟ ଓ ଶିଷ୍ୟଙ୍କ ଦ୍ୱାରା ପରିବେଷିତ ବୃନ୍ଦ ମର୍ଦ୍ଦଳ ଅନ୍ୟତମ ପ୍ରମୁଖ ଆକର୍ଷଣ ସାଜିଥିଲା। ଇଂ ଶ୍ରୀନିବାସ ଘଟୁଆରୀ ଏବଂ ଡ.ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

## ନବମ ପ୍ରତିଭା ସମ୍ମାନ ସମାରୋହ

### ୬ଜଣଙ୍କୁ ପ୍ରତିଭା ସମ୍ମାନ

**ଭୁବନେଶ୍ୱର, ୬।୧୧(ବ୍ୟୁରୋ)**

ନିମାପଡ଼ା ନିକଟସ୍ଥ ଶ୍ରୀମୁଖ ଗ୍ରାମରେ ରାଧାକୃଷ୍ଣ ଦେବଙ୍କ ବାର୍ଷିକ ଉତ୍ସବ ଓ ନବମ ପ୍ରତିଭା ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ନୀଳମଣି ବେହେରା ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ ଏହି ସମାରୋହରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ରାଜ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧ୍ୟକ୍ଷ ସୁବାସ ସିଂହ ଓ ସିନେ ସମୀକ୍ଷକ ଦିଲ୍ଲୀପ ହାଲି ସମ୍ମାନିତ ଅତିଥିଭାବେ ଯୋଗଦେଇ କଳା, ସଂସ୍କୃତି ଓ ସମାଜସେବା କ୍ଷେତ୍ରରେ ନୀଳମଣି ବେହେରାଙ୍କ ଅବଦାନ ଅତୁଳନୀୟ ବୋଲି ମତବ୍ୟକ୍ତ କରିଥିଲେ। ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ଟ୍ରଷ୍ଟ ସଭାପତି ସୁରେନ୍ଦ୍ର ବେହେରା ଧନ୍ୟବାଦ ଦେଇଥିଲେ। ୬ ସାମାଜିକ କର୍ମୀଙ୍କୁ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଡ. ରଜନୀ ରଞ୍ଜନ ସଂଯୋଜନା କରିଥିଲେ।

## ଉଦ୍ୟୋଗ ବିକାଶ ଦିଗରେ ସିଡ୍‌ବୀର ପଦକ୍ଷେପ

### ୫ ରାଜ୍ୟରେ ସ୍ୱାବଲମ୍ବନ କେନ୍ଦ୍ର ସ୍ଥାପନ କଲା

**ଭୁବନେଶ୍ୱର, ୬।୧୧**

ସ୍ମଲ ଇଣ୍ଡଷ୍ଟ୍ରିଜ ଡେଭଲପମେଣ୍ଟ ବ୍ୟାଙ୍କ ଅଫ୍ ଇଣ୍ଡିଆ (ସିଡବୀ) ପକ୍ଷରୁ ଉଦ୍ୟୋଗ ବିକାଶ ଦିଗରେ ନୂଆ ପଦକ୍ଷେପ ଗ୍ରହଣ କରାଯାଇଛି। ଦେଶ ମଧ୍ୟରେ ବ୍ୟବସାୟ ମନୋବୃତ୍ତିକୁ ଦୃଢ କରିବା ଲାଗି ଏହି ବ୍ୟାଙ୍କ ୫ଟି ରାଜ୍ୟରେ ୧୦୦ ସ୍ୱାବଲମ୍ବନ କେନ୍ଦ୍ର (ଏସ୍‌ସିକେ) ସ୍ଥାପନ କରିବାକୁ ନିଷ୍ପତ୍ତି ନେଇଛି। ଦେଶରେ ଅଧିକ ନିଯୁକ୍ତି ସୃଷ୍ଟି ଲାଗି ଉଦ୍ୟୋଗୀଙ୍କ ଗଢି ତୋଳିବା ଦିଗରେ ଏଭଳି ପଦକ୍ଷେପ ସହାୟକ ହେବ ବୋଲି ବ୍ୟାଙ୍କ ପକ୍ଷରୁ କୁହାଯାଇଛି। ଏହି ଅଭିଯାନରେ ଓଡିଶା ସମେତ ତେଲେଙ୍ଗାନା, ଉତ୍ତରପ୍ରଦେଶ, ବିହାର ଏବଂ ଝାଡଖଣ୍ଡ ଭଳି ରାଜ୍ୟ ଯୋଡି ହୋଇଛନ୍ତି। ୭୦୦୦ ନୂତନ ସଂସ୍ଥା ସ୍ଥାପନ ଲାଗି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି।

## ଦୟା ୱେଷ୍ଟ କେନାଲ ବନ୍ଧ ଖୋଳା ନେଇ ଜନ ଅସନ୍ତୋଷ

**ପୁରୁଣା ଭୁବନେଶ୍ୱର, ୬।୧୧ (ଡି.ଏନ.ଏ.)**

ପୁରୁଣା ଭୁବନେଶ୍ୱର ଅଞ୍ଚଳରେ ଦୟା ପଶ୍ଚିମ କେନାଲ ବନ୍ଧ ତାଡି ଅନେକ ସ୍ଥାନରେ ୫ରୁ ୬ ଫୁଟ ଗଭୀର ଗାତ ଖୋଳି ଖୁଣ୍ଟ ପକାଇବା ନେଇ ଅପ୍ରିତିକର ପରିସ୍ଥିତି ଉପୁଜୁଛି। ଦୟା ପଶ୍ଚିମ କେନାଲ ପାର୍ଶ୍ୱ ଜନସାଧାରଣ ଜଣେ ଠିକାଦାରଙ୍କୁ ଘେରି ଏହାକୁ ବିରୋଧ କରିଥିଲେ। ଗ୍ୟାରେଜ ଛକଠାରୁ ସୁନ୍ଦରପଦା ପର୍ଯ୍ୟନ୍ତ କେନାଲ ବନ୍ଧ ଅନେକ ଥର ଭାଙ୍ଗିବା ଯୋଗୁ ଗୌରୀ ନଗର, କେଦାରଗୌରୀ ଆପାର୍ଟମେଣ୍ଟ, ରାଧାକୃଷ୍ଣ ନଗର, ଶ୍ରୀରାମ ନଗର ଆଦି ଅଞ୍ଚଳ ଜଳମଗ୍ନ ହୋଇଛି। ଏସବୁ ସତ୍ତ୍ୱେ କର୍ତ୍ତୃପକ୍ଷ ଏହି ଦୁର୍ବଳ ବନ୍ଧ ପ୍ରତି ଦୃଷ୍ଟି ନ ଦେବା, ବନ୍ଧ ଖୋଳି ବେଆଇନ ବସ୍ତି ନିର୍ମାଣ ଯୋଗୁ ଏ ଅଞ୍ଚଳବାସୀ ବର୍ଷାଦିନେ ଓ କେନାଲ ପାଣି ଛାଡ଼ିବା ସମୟରେ ଏକ ପ୍ରକାର ଭୟଭୀତ ହୋଇ ରହୁଛନ୍ତି। ବିଭାଗୀୟ କର୍ତ୍ତୃପକ୍ଷଙ୍କ ଏଭଳି ଅବହେଳାର ସୁଯୋଗ ନେଇ କେତେକ ଘରୋଇ କମ୍ପାନୀ କେବୁଲ ପକାଇବା, ପାଇପ ବିଛାଇବା ଓ ଖୁଣ୍ଟ ପକାଇବା ଆଳରେ ବନ୍ଧର ଅନେକ ସ୍ଥାନ ତାଡି ଦୁର୍ବଳ କରି ସାରିଲେଣି। କେତେକ ସ୍ଥାନରେ ଗାତ ଖୋଳିଲା ପରେ ନିର୍ମାଣ ନ ହେବା ଯୋଗୁ ଠିକାଦାର ଏହାକୁ ଖୋଲା ଛାଡ଼ି ଦେଇଛନ୍ତି। ବନ୍ଧର ଉଭୟପାର୍ଶ୍ୱରେ ଅନେକ ଜବରଦଖଲକାରୀ ବନ୍ଧ ଖୋଳି ଘର କରିବା ଯୋଗୁ ଏହା ବନ୍ଧ ପ୍ରତି ବିପଦ ସୃଷ୍ଟି କରୁଛି। ବାରମ୍ବାର ଏହି ବନ୍ଧର ସୁରକ୍ଷା ନେଇ ପୁରୁଣା ଭୁବନେଶ୍ୱର ଅଞ୍ଚଳର ସାମାଜିକ ସଙ୍ଗଠନଗୁଡିକ ଧାରଣା ଏବଂ ଆନ୍ଦୋଳନ କରିଛନ୍ତି। ୬ ମାସ ତଳେ କୈବର୍ତ୍ତସାହିଠାରେ ଏଭଳି କାର୍ଯ୍ୟରେ ରାସ୍ତା ଖୋଳିବାକୁ ନେଇ ପୂର୍ତ୍ତ ବିଭାଗ ବିରୋଧ ଏବଂ ଅଭିଯୋଗ କରିବା ପରେ ଲିଙ୍ଗରାଜ ଥାନା ପୋଲିସ ଘଟଣାସ୍ଥଳରୁ ଏକ ଡୋଜର ଜବତ କରିଥିଲା। ୧୫ ଦିନ ପରେ ଏହି ଘଟଣାର ଠିକାଦାରଙ୍କୁ ସଚେତନ କରାଯିବା ପରେ ଡୋଜରକୁ ଛଡା ଯାଇଥିଲା। ଘଟଣା ମନରୁ ନ ଲିଭୁଣୁ କିଛି ଅସାଧୁ କର୍ମଚାରୀଙ୍କୁ ହାତ କରି କେତେକ ଘରୋଇ କମ୍ପାନୀର ଠିକାଦାର ଏହି ବନ୍ଧ ତାଡିବା ସହ କଲୋନି ରାସ୍ତା ଖୋଳି ପୁଣି ମନମୁଖି ପୂର୍ବବତ୍ କାର୍ଯ୍ୟ କରୁଥିବା ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଜନ ଅସନ୍ତୋଷ ଦେଖାଦେଇଛି।

## ଦାମୋଦର ନନ୍ଦ ରାଜ୍ୟ ବ୍ୟାଙ୍କ ଅଫିସର୍ସ ଆସୋସିଏଶନ ସଭାପତି



**ଭୁବନେଶ୍ୱର, ୬।୧୧(ବ୍ୟୁରୋ)**

ସେଣ୍ଟ୍ରାଲ ବ୍ୟାଙ୍କ୍ ଅଫିସର୍ସ ଆସୋସିଏଶନ୍‌ର ସାଧାରଣ ସମ୍ପାଦକ ତଥା ଏଆଇବିଓସିର କେନ୍ଦ୍ରୀୟ କମିଟି ସଦସ୍ୟ ଦାମୋଦର ନନ୍ଦ ରାଜ୍ୟ ବ୍ୟାଙ୍କ୍ ଅଫିସର୍ସ ଆସୋସିଏଶନର ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ଏହି ଅବସରରେ ଏସ୍‌ବିଆଇ ଆସୋସିଏଶନର କାର୍ଯ୍ୟାଳୟରେ ଅନୁଷ୍ଠିତ ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ବିଦାୟୀ ସଭାପତି ମନୋରଞ୍ଜନ ଦାସ, ରାଜ୍ୟ ସମ୍ପାଦକ ସବ୍ୟସାଚୀ ସ୍ୱାଇଁ, ସର୍ବଭାରତୀୟ ସଭାପତି ସମ୍ବିତ୍ ମିଶ୍ର, ଉପସଭାପତି ପି.କେ ମେକାପ, ଏସବିଆଇ ଆସୋସିଏଶନ ସଭାପତି ଅରୁଣ ବିଶୋଇ ପ୍ରମୁଖ ବେତନ ରାଜିନାମା, ବ୍ୟାଙ୍କ ମିଶ୍ରଣ ଓ ସର୍ବନିମ୍ନ ବେତନ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ନୂତନ ସଭାପତି ଦାମୋଦର ସଂଗଠିତ ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ କରିଛନ୍ତି।

# ୨୭ବର୍ଷ ପରେ ଗାଁକୁ ଫେରିଲେ ଆର୍ତ୍ତତ୍ରାଣ

**ବାଲିଅନ୍ତା, ୬।୧୧(ଡି.ଏନ୍.ଏ.)**

ଗତ ୨୭ବର୍ଷ ପୂର୍ବେ ଘରୁ ଲୁଚିପଳାଇଥିବା ଜଣେ ବ୍ୟକ୍ତି ଶେଷରେ ମଙ୍ଗଳବାର ସନ୍ଧ୍ୟାରେ ନିଜ ଗ୍ରାମକୁ ଫେରିଛନ୍ତି। ସେ ହେଲେ ରାଜଧାନୀ ଉପକଣ୍ଠ ବାଲିଅନ୍ତା ବ୍ଲକ ଅନ୍ତର୍ଗତ ଭିଙ୍ଗାରପୁର ଶାସନ ଗ୍ରାମର ଶିବ ମହାନ୍ତି ଓ ସୀତା ମହାନ୍ତିଙ୍କ ଦ୍ୱିତୀୟ ପୁଅ ଆର୍ତ୍ତତ୍ରାଣ ମହାନ୍ତି(୫୬)। ସୁଦୂର ମଥୁରାରେ ଦୀର୍ଘ ବର୍ଷ ଧରି ରହିବା ପରେ ନିଜ ଜନ୍ମମାଟିକୁ ବାହୁଡ଼ିଛନ୍ତି ଆର୍ତ୍ତତଣ। ଏତେ ବର୍ଷ ପରେ ଆର୍ତ୍ତତ୍ରାଣ ଫେରିଥିବାରୁ ବହୁ ବନ୍ଧୁବାନ୍ଧବଙ୍କ ସମେତ ଗାଁଲୋକଙ୍କ ଭିଡ଼ ଜମିଥିବାବେଳେ ପରିବାର ଲୋକଙ୍କୁ ପାଖରେ ଦେଖି ସେ ଆତ୍ମବିଭୋର ହୋଇପଡିଥିଲେ। ଯୁବକ ସମୟରେ ଆର୍ତ୍ତତ୍ରାଣ ସୌଖିନ ଜୀବନ ବିତାଉଥିଲେ। ତେବେ ପରିବାରରେ ଆର୍ଥିକସ୍ଥିତି ଦୁର୍ବଳ ହୋଇପଡିବାରୁ ତାଙ୍କ ମା ବାପା ସବୁବେଳେ ରୋଜଗାର କରିବାକୁ କହୁଥିଲେ। ଫଳରେ ମାଟ୍ରିକ ପାସ ପରେ ଆର୍ତ୍ତତ୍ରାଣ କିଛିଦିନ ଛୋଟ ପିଲାଙ୍କୁ ପାଠ ପଢ଼ାଉଥିଲେ। ତଥାପି ମା'ଙ୍କ ସବୁଦିନିଆ ଗାଳି ଓ ଆକଟ

**ରାଗି ଘରୁ ଚାଲିଯାଇଥିଲେ**

ଶୁଣିବାକୁ ପଡୁଥିଲା। ଶେଷରେ ସେ ରାଗିଯାଇ ୧୯୯୩ରେ କାହାକୁ କିଛି ନ କହି ଘରୁ ପଳାଇଥିଲେ। କିଛିଦିନ କେନ୍ଦ୍ରାପଡ଼ାରେ ରହିବା ପରେ ଶେଷରେ ମଥୁରା ସହରକୁ ପଳାଇଥିଲେ। ସେଠାକୁ ଯାଇ ଷ୍ଟେଶନରେ ସେଭଳି କିଛିଦିନ କଟାଇଥିଲେ। ପରେ ଜଣେ ସହୃଦୟ ବ୍ୟକ୍ତି ଏକ ଫଳଦୋକାନରେ ମଜୁରିଆ ଭାବେ ରଖିଥିଲେ। ଅପରପକ୍ଷେ ପରିବାର ଲୋକେ ତାଙ୍କୁ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର ପତ୍ତା ପାଇପାରି ନ ଥିଲେ।



ଶେଷରେ ମାବାପା, ଭାଇମାନେ ସେ ବଞ୍ଚିଥିବା ଆଶାଛାଡ଼ି ଦେଇଥିଲେ। ନିଖୋଜ ପୁଅକୁ ଝୁରି ଝୁରି ଶେଷରେ ମାବାପା ଦେହତ୍ୟାଗ କରିଥିଲେ। ଗତ ୩ଦିନ ତଳେ ଆର୍ତ୍ତତ୍ରାଣ ମଥୁରାରୁ ଟ୍ରେନ ଯୋଗେ ଆସି ଭୁବନେଶ୍ୱର ଷ୍ଟେଶନରେ ଓହ୍ଲାଇଥିଲେ। ସେଠାରୁ ପ୍ରାୟ ଦୁଇ ଦିନ ପରେ ଭିଙ୍ଗାରପୁର ଆସୁଥିବା ଏକ ଗାଡ଼ିରେ ବସି ଘରକୁ ଫେରିଥିଲେ। ଗାଁରେ ପହଞ୍ଚିବାବେଳେ ତାଙ୍କର ଅଧିକ ଦାଢ଼ି, ମଇଳା ପ୍ୟାଣ୍ଟ ଶାର୍ଟ ପିନ୍ଧିଥିଲେ। ତାଙ୍କୁ ଏଭଳି ଅବସ୍ଥାରେ ଦେଖି ଗ୍ରାମବାସୀ ମାନସିକ ବିକାରଗ୍ରସ୍ତ ବ୍ୟକ୍ତି ଭାବିଥିଲେ। ଗ୍ରାମର କେତେଜଣ ଲୋକଙ୍କୁ ଚିହ୍ନିବା ସହ ଜଣେ ମହିଳାଙ୍କୁ ଜାଣିପାରି ତାଙ୍କ ନାମ ଆରତି ବୋଲି ଡାକିଥିଲେ। ମହିଳା ଜଣଙ୍କ ମଧ୍ୟ ତାଙ୍କୁ ଆର୍ତ୍ତତାଣ ବୋଲି ଜାଣି ତାଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ଏହି କଥା ଗ୍ରାମରେ ପ୍ରଚାର ହେବା ପରେ ତାଙ୍କୁ ଦେଖିବା ପାଇଁ ଭିଡ ଜମିଥିଲା। ଏ ନେଇ ଆର୍ତ୍ତତ୍ରାଣଙ୍କୁ ଭେଟିବାରୁ କୁହନ୍ତି, ଗାଳି ଦେବାରୁ ଘରୁ ପଳାଇଯାଇଥିଲି। ପରେ ପରିବାର ଓ ଗାଁ କଥା ବାରମ୍ବାର ମନେ ପଡୁଥିଲା। ଏହି କଥା ମାଲିକଙ୍କୁ ଜଣାଇବାରୁ ସେ ୧୫୦୦ଟଙ୍କା ଦେଇ ଟ୍ରେନରେ ବସାଇ ଥିଲେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଗୁରୁବାର, ନଭେମ୍ବର ୭/୨୦୧୯ Bhubaneswar, Thursday, November 7/2019

## ସଂକ୍ଷେପରେ

### ବାରିପଦା ନାବାଳିକା ବଳାତ୍କାର ଓ ହତ୍ୟା ମାମଲା ୧୩ରେ ଚୂଡ଼ାନ୍ତ ଶୁଣାଣି

**କଟକ ଅଫିସ, ୬।୧୧:** ବାରିପଦା ନାବାଳିକା ବଳାତ୍କାର ଓ ହତ୍ୟା ମାମଲାରେ ନିମ୍ନ ଅଦାଲତ ଅଭିଯୁକ୍ତଙ୍କୁ ଫାଶୀ ଦଣ୍ଡରେ ଦଣ୍ଡିତ କରିଛନ୍ତି। ତେବେ ହାଇକୋର୍ଟଙ୍କ ଅନୁମତି ପାଇଁ ଏହି ଆଦେଶ ଆସିଥିବାବେଳେ ବୁଧବାର ହାଇକୋର୍ଟ ବିଚାରପତି ଜଷ୍ଟିସ୍ ଏସ୍.କେ. ମିଶ୍ର ଏବଂ ବିଚାରପତି ଜଷ୍ଟିସ୍ ଏ.କେ. ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହାର ଶୁଣାଣି କରିଥିଲେ। ଆସନ୍ତା ୧୩ରେ ଏହି ମାମଲାର ଚୂଡ଼ାନ୍ତ ଶୁଣାଣି ହେବ। ମାମଲାର ବିବରଣୀରୁ ପ୍ରକାଶ, ୨୦୧୮ ଜୁନ୍ ୧୮ରେ ବେତନଟୀ ଥାନା ଅଞ୍ଚଳର ଜାମିନ୍‌କାନ୍ତ ମହନ୍ତ ଜଣେ ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା କରିଥିଲେ। ଏହି ମାମଲାର ବିଚାରକରି ବାରିପଦା ପୋକ୍ସୋ ଅଦାଲତ ଅଭିଯୁକ୍ତଙ୍କୁ ଫାଶୀଦଣ୍ଡରେ ଦଣ୍ଡିତ କରିଥିଲେ। ଏହି ମାମଲାରେ ସରକାରଙ୍କ ପକ୍ଷରୁ ଆଇନଜୀବୀ ଜନ୍ମେଜୟ କଟକିଆ ମାମଲା ପରିଚାଳନା କରୁଛନ୍ତି।

### ବିଧାୟକ ପ୍ରାର୍ଥୀଙ୍କ ଗିରଫ ପ୍ରତିବାଦରେ ଧାରଣା

**ଭୁବନେଶ୍ୱର, ୬।୧୧(ବ୍ୟୁରୋ):** ଗତ ନଭେମ୍ବର ୧ରେ ବଡ଼ଗଡ଼ ଜିଲା ପୋଲିସ ସିପିଆଇ (ଏମ୍-ଏଲ୍) ସୋରଡ଼ା ବିଧାୟକ ପ୍ରାର୍ଥୀ ତଥା ଅଖିଳ ଭାରତ କ୍ଷେତ ମଜଦୁର୍ କିଷାନ୍ ସଭାର ଜିଲା ସଭାପତି ନିରାକାର ନାୟକଙ୍କୁ ଗିରଫ କରିଥିଲା। ଏହାର ପ୍ରତିବାଦ କରି ବୁଧବାର ବାମପନ୍ଥୀ ଦଳ ଗୁଡିକ ପକ୍ଷରୁ ଏକ ପ୍ରତିବାଦ ଶୋଭାଯାତ୍ରା ମାଷ୍ଟରକ୍ୟାଣ୍ଟିନ୍‌ଠାରେ ଅନୁଷ୍ଠିତ ହୋଇଥିଲା। ନିରାକାରଙ୍କ ଗିରଫକୁ ନିନ୍ଦା କରାଯିବା ସହ ତାଙ୍କୁ ତୁରନ୍ତ ନିଃସର୍ତ୍ତରେ ଖଲାସ୍ କରିବାକୁ ଉପସ୍ଥିତ ନେତାମାନେ ଦାବି କରିଥିଲେ।

# କ୍ୟାପିଟାଲ ହସ୍ପିଟାଲରେ ହେବ ହାର୍ଟ ଅପରେଶନ୍

- ସେଣ୍ଟର ଅଫ୍ ଏକ୍ସଲେନ୍ସରେ ପରିଣତ ହେବ
- ପ୍ରତିଷ୍ଠା ହେବ ଗୋଟିଏ ଅତିରିକ୍ତ କ୍ୟାଥ୍ ଲ୍ୟାବ୍

**ଭୁବନେଶ୍ୱର, ୬।୧୧(ବ୍ୟୁରୋ)**

କ୍ୟାପିଟାଲ ହସ୍ପିଟାଲରେ ହାର୍ଟ-ସର୍ଜରି ୟୁନିଟ୍ ଆରମ୍ଭ ହେବ। ଫଳରେ ଏଠାରେ ହାର୍ଟ ଅପରେଶନ୍, ଓପନ ହାର୍ଟ ସର୍ଜରି, କମ୍ପ୍ଲେକ୍ସ ଆଞ୍ଜିଓଗ୍ରାଫି, ଡିଭାଇସ୍ କ୍ଲୋଜର, ଇଲେକ୍ଟ୍ରୋ ଫିଜିଓଲୋଜିକାଲ ଷ୍ଟଡି ସମ୍ଭବ ହୋଇପାରିବ। ଏନେଇ କ୍ୟାପିଟାଲ ହସ୍ପିଟାଲ ପରିସରରେ ଆବଶ୍ୟକ ଭିତ୍ତିଭୂମିର ଉନ୍ନତିକରଣ କରାଯିବ। ଏଥି ନିମନ୍ତେ ଆବଶ୍ୟକୀୟ ଗୃହ ଉପଲବ୍ଧ ଥିବାବେଳେ ଅପରେଶନ୍ ଥିଏଟର ପାଇଁ ଆନୁଷଙ୍ଗିକ ଚିକିତ୍ସା ସରଞ୍ଜାମ ଓ ଯନ୍ତ୍ରପାତି ଖୁବ୍‌ଶୀଘ୍ର ଯୋଗାଇଦିଆଯିବ। ବର୍ତ୍ତମାନ କ୍ୟାପିଟାଲ ହସ୍ପିଟାଲକୁ ଦୈନିକ ପ୍ରାୟ ୩୦୦୦ରୁ ୩୫୦୦ ରୋଗୀ ବହିର୍ବିଭାଗରେ ଚିକିତ୍ସା ପାଇଁ ଆସୁଥିବାବେଳେ କାର୍ଡିଓଲୋଜି ବହିର୍ବିଭାଗରେ ପ୍ରତିଦିନ ୧୦୦ରୁ ଅଧିକ ରୋଗୀ ପରାମର୍ଶ ପାଇଁ ଆସୁଛନ୍ତି।

ଉଲ୍ଲେଖଯୋଗ୍ୟ, କ୍ୟାପିଟାଲ ହସ୍ପିଟାଲରେ ହାର୍ଟ-ସର୍ଜରୀ କେନ୍ଦ୍ର ଖୋଲିବା ପାଇଁ ପୂର୍ବରୁ ଶ୍ରୀ ସତ୍ୟସାଇ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହାୟର ମେଡିକାଲ ସାଇନ୍ସସ, କାର୍ଡିଆକ୍ ସାଇନ୍ସେସ୍ ବିଭାଗ ଅଧ୍ୟକ୍ଷ ଡା. ପ୍ରଭାତ କୁମାର ଦାସଙ୍କୁ ଏଠାରେ ଯୋଗଦେବା ପାଇଁ ସରକାର ଅନୁରୋଧ କରିଥିଲେ। ରାଜ୍ୟ


କ୍ୟାପିଟାଲ୍ ହସ୍ପିଟାଲରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ଓ ଅନ୍ୟମାନେ।

ସରକାରଙ୍କ ଅନୁରୋଧ ରକ୍ଷା କରି ଡା. ଦାସ ଭୁବନେଶ୍ୱର ପହଞ୍ଚିଥିଲେ। ବୁଧବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ନବ କିଶୋର ଦାସଙ୍କ ସହ ଡା. ଦାସ କ୍ୟାପିଟାଲ ହସ୍ପିଟାଲରେ ହାର୍ଟ ଅପରେଶନ୍ ପାଇଁ ଚିହ୍ନଟ ସ୍ଥଳ ବୁଲି ସନ୍ତୋଷ ପ୍ରକାଶ କରିଛନ୍ତି। ଖୁବ୍‌ଶୀଘ୍ର ଏଠାରେ ହାର୍ଟ ଅପରେଶନ୍ ଆରମ୍ଭ ହେବ ବୋଲି ଡା. ଦାସ ମତ ଦେଇଛନ୍ତି। ଏଥିପ୍ରତି ସରକାରଙ୍କ ଆନ୍ତରିକତା ସହ ସାହାଯ୍ୟ ଓ ସହଯୋଗ ମଧ୍ୟ ରହିଛି। ଖୁବ୍‌ଶୀଘ୍ର ଅପରେଶନ୍ ଥିଏଟର ପାଇଁ ଆନୁଷଙ୍ଗିକ ବ୍ୟବସ୍ଥା କରାଯିବା ଫଳରେ ଏହା କାର୍ଡିଆକ୍ ସେଣ୍ଟର ଅଫ୍ ଏକ୍ସଲେନ୍ସରେ ପରିଣତ ହୋଇପାରିବ। ଏଠାରେ ଗୋଟିଏ ଅତିରିକ୍ତ କ୍ୟାଥ୍ ଲ୍ୟାବ୍ ପ୍ରତିଷ୍ଠା କରାଯିବା ଫଳରେ ଅଳ୍ପ ସମୟ ମଧ୍ୟରେ ଜଟିଳ ଆଞ୍ଜିଓପ୍ଲାଷ୍ଟି, ଯେମିତି କି ହାର୍ଟର ହୋଲ୍‌କୁ ବିନା ଅପରେଶନ୍‌ରେ ବନ୍ଦ କରାଯାଇପାରିବ। ଏହା ସହ ହାର୍ଟର ଅନିୟମିତ ସଞ୍ଚାଳନକୁ କରେଣ୍ଟ ଦେଇ ଠିକ୍ କରାଯାଇପାରିବା ଓ ଗୁରୁତର ହୃଦ୍‌ରୋଗୀଙ୍କ ପାଇଁ ଓପନ୍-ହାର୍ଟ-ସର୍ଜରି ଓ ଶିଶୁମାନଙ୍କ ହାର୍ଟ ସମ୍ବନ୍ଧୀୟ ଅସୁସ୍ଥତାର ମଧ୍ୟ ଚିକିତ୍ସା କରାଯାଇପାରିବ।

ସେହିପରି ଭବିଷ୍ୟତରେ ଆହୁରି ଦକ୍ଷ ହାର୍ଟ ବିଶେଷଜ୍ଞ ଏଠାରେ ଯୋଗଦେବେ ବୋଲି ମନ୍ତ୍ରୀ କହିଛନ୍ତି। ସରକାର ହାର୍ଟକେୟାର କ୍ଷେତ୍ରରେ କ୍ୟାପିଟାଲ ହସ୍ପିଟାଲକୁ ଉତ୍କର୍ଷ କେନ୍ଦ୍ରଭାବେ ପରିଣତ କରିବା ପାଇଁ ସବୁ ପ୍ରକାର ବିହିତ ପଦକ୍ଷେପ ଗ୍ରହଣ କରୁଛନ୍ତି। ଖୁବ୍‌ଶୀଘ୍ର ଏ ସମ୍ପର୍କରେ ଆଉ ଏକ ଉଚ୍ଚସ୍ତରୀୟ ବୈଠକ ଡକାଯାଇ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ ବୋଲି ମନ୍ତ୍ରୀ ଦାସ କହିଛନ୍ତି। କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ ଡା. ଆଶୋକ କୁମାର ପଟ୍ଟନାୟକ ହସ୍ପିଟାଲ ପରିସରରେ ହାର୍ଟ-ଅପରେଶନ୍ ପାଇଁ ଗୃହ ନିର୍ମାଣ କାର୍ଯ୍ୟ ସରିଥିବା ସୂଚନା ଦେଇଛନ୍ତି। ଖୁବ୍‌ଶୀଘ୍ର ଅପରେଶନ୍ ଥିଏଟରକୁ କାର୍ଯ୍ୟକ୍ଷମ କରାଯିବ। ଏହି ଅବସରରେ ଡା. ଆର୍.ଏସ୍.ଏନ୍ ମୂର୍ତ୍ତି, ଡା. ପି.କେ. ରଥ ପ୍ରମୁଖ ଉପସ୍ଥିତ ଥିଲେ।

# ଜେଲରେ ଦୁରବସ୍ଥା ମାନସିକ ରୋଗୀଙ୍କ ସମସ୍ୟା ବଢାଉଛି

### ଓଏଚ୍ଆର୍‌ସିଙ୍କ ନିକଟରେ ଅଭିଯୋଗ

**ଭୁବନେଶ୍ୱର,୬।୧୧(ବ୍ୟୁରୋ):** ଓଡିଶାର ଜେଲଗୁଡ଼ିକରେ ରହୁଥିବା କଏଦୀଙ୍କ ମଧ୍ୟରୁ ଶତକଡା ୫ ଭାଗ ମାନସିକ ରୋଗର ଶିକାର ହେଉଛନ୍ତି। ଏନ୍‌ସିଆର୍‌ବି (ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ) ରିପୋର୍ଟ-୨୦୧୭ରେ ଏହା ପ୍ରକାଶ ପାଇବା ପରେ ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏ ସଂକ୍ରାନ୍ତ ସ୍ଥିତି ଅନୁଧ୍ୟାନ ପାଇଁ ଏକ ସ୍ୱାଧୀନ ତଥା ସ୍ୱତନ୍ତ୍ର ବିଶେଷଜ୍ଞ କମିଟି ଗଠନ କରିବାକୁ ରାଜ୍ୟ ମାନବାଧିକାର କମିଶନ(ଓଏଚ୍ଆର୍‌ସି)ଙ୍କ ନିକଟରେ ପିଟିଶନ ହୋଇଛି। ବୁଧବାର ଆଇନଜୀବୀ ବିଜୟ କୁମାର ପଣ୍ଡା ଓ ବିଶ୍ୱପ୍ରିୟ କାନୁନ୍‌ଗୋ ଲିଖିତ ଭାବେ କମିଶନଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଜେଲର ଦୂରବସ୍ଥା କାରଣରୁ ଏଭଳି ରୋଗ କଏଦୀଙ୍କ ଜୀବନକୁ ପ୍ରଭାବିତ କରୁଛି। ଏହାକୁ ଗୁରୁତ୍ୱର ସହ ଗ୍ରହଣ କରିବାକୁ ସେମାନେ ନିବେଦନ କରିଛନ୍ତି। ମାନସିକ ରୋଗରେ ଆକ୍ରାନ୍ତ କଏଦୀମାନେ ସାଧାରଣ ମଣିଷ ଭଳି ବଞ୍ଚିବାର ଅଧିକାର ରହିଛି। ତେଣୁ ଜେଲରେ ମାନସିକ ରୋଗର ଉନ୍ନତ ଚିକିତ୍ସା ନିମନ୍ତେ ବ୍ୟବସ୍ଥା କରିବାର ଆବଶ୍ୟକ ରହିଛି। ସେହିଭଳି କଏଦୀଙ୍କ ମାନସିକ ରୋଗର କାରଣ ଓ ଯତ୍ନ ସମ୍ପର୍କରେ ଅନୁଧ୍ୟାନ ପାଇଁ କମିଟିକୁ ନିର୍ଦ୍ଦେଶ ଦେବା ସହ ଏହି ସୁପାରିଶକୁ ଏକ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ କାର୍ଯ୍ୟକାରୀ କରିବାକୁ କମିଶନ ସରକାରଙ୍କୁ ନିର୍ଦ୍ଦେଶ ଦେବା ଲାଗି ଉଭୟ ଆଇନଜୀବୀ ପ୍ରାର୍ଥନା କରିଛନ୍ତି।

# ଚଳନ୍ତା କାର୍‌ରେ ଯୁବତୀଙ୍କୁ ବଳାତ୍କାର କରି ଫିଙ୍ଗିଦେଲେ ଦୁର୍ବୃତ୍ତ

- ମୁମୂର୍ଷୁ ଅବସ୍ଥାରେ ଜିଲା ହସ୍ପିଟାଲରେ ଭର୍ତ୍ତି
- ଖଣ୍ଡଗିରି ଥାନାକୁ ଏଫ୍ଆଇଆର୍ ସ୍ଥାନାନ୍ତର କଲା ଖୋର୍ଦ୍ଧା ପୋଲିସ
- ତ୍ୱରିତ ତଦନ୍ତ ଦାବି କଲା ଭାଜପା ମହିଳା ମୋର୍ଚ୍ଚା

**ଖୋର୍ଦ୍ଧା ଅଫିସ,୬।୧୧**

ଚଳନ୍ତା କାରରେ ବଳାତ୍କାର କରି ଜଣେ ଯୁବତୀଙ୍କୁ ରାସ୍ତା କଡ଼ରେ ଫିଙ୍ଗି ଦେଇ ଚାଲିଗଲେ ଦୁର୍ବୃତ୍ତ। ଖୋର୍ଦ୍ଧା ଆଦର୍ଶ ଥାନା ଅନ୍ତର୍ଗତ ପିଏନ୍ କଲେଜ ନିକଟ ଶ୍ମଶାନ ପାଖରୁ ଉକ୍ତ ଯୁବତୀଙ୍କୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରାଯାଇ ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏଭଳି ଏକ ଅଭାବନୀୟ ଘଟଣା ବୁଧବାର ସନ୍ଧ୍ୟାରେ ଘଟିଛି। ଖବରପାଇ ଖୋର୍ଦ୍ଧା ଏସ୍‌ପି ଅଜୟ କୁମାର ସ୍ୱାଇଁ, ଏସ୍‌ଡିପିଓ, ଖୋର୍ଦ୍ଧା ଆଦର୍ଶ ଥାନା ଆଇଆଇସି ହସ୍ପିଟାଲରେ ପହଞ୍ଚି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ପୀଡ଼ିତାଙ୍କ ଅଭିଯୋଗକୁ ଗ୍ରହଣ କରି ତଦନ୍ତ ନିମନ୍ତେ ଖଣ୍ଡଗିରି ଥାନାକୁ ସ୍ଥାନାନ୍ତର କରିଛନ୍ତି।

ମିଳିଥିବା ସୂଚନା ଅନୁସାରେ ନୟାଗଡ଼ ଜିଲା ଗଣିଆ ଅଞ୍ଚଳର ପୀଡ଼ିତା ଯୁବତୀ ଜଣକ ଖୋର୍ଦ୍ଧାରେ ରୁହନ୍ତି। ବୁଧବାର କୌଣସି କାର୍ଯ୍ୟରେ ସେ ଭୁବନେଶ୍ୱର ଯାଇଥିଲେ। ଅପରାହ୍ନରେ ଖଣ୍ଡଗିରି ଛକରୁ ଏକ କାର୍‌ରେ ଲିଫ୍ଟ ମାଗି ଖୋର୍ଦ୍ଧା ଫେରୁଥିଲେ। ଫେରିବା ସମୟରେ କାର୍‌ରେ ଥିବା ଯୁବକମାନେ ତାଙ୍କୁ ବଳାତ୍କାର କରିବା ସହ ସେ ପିନ୍ଧିଥିବା ପୋଷାକକୁ ଚିରି ଦେଇଥିଲେ। ଯୁବତୀଜଣକ ଚିତ୍କାର କରିବାରୁ ଦୁର୍ବୃତ୍ତମାନେ ତାଙ୍କୁ ଖୋର୍ଦ୍ଧା ନିକଟସ୍ଥ ୧୬ନଂ ଜାତୀୟ ରାଜପଥ ପାର୍ଶ୍ୱ ଶ୍ମଶାନ ନିକଟରେ କାର୍‌ରୁ ଠେଲିଦେଇ ଚାଲି ଯାଇଥିଲେ। ଯୁବତୀଜଣକ ମୁମୂର୍ଷୁ ଅବସ୍ଥାରେ ପଡ଼ି କାନ୍ଦୁ ଥିବାବେଳେ କିଛି ଲୋକ ଶୁଣି ସେଠାରେ ପହଞ୍ଚିଥିଲେ। କାରଣ ପଚାରିବାରୁ ଯୁବତୀ ଜଣକ ଆଉ ବଞ୍ଚିବାକୁ ଚାହୁଁ ନାହିଁ, ମୁଁ ଆତ୍ମହତ୍ୟା କରିବାକୁ ଚାହୁଁଛି ବୋଲି କହି ଭୋ ଭୋ କାନ୍ଦିଥିଲେ। ପରେ ପାରିପାର୍ଶ୍ୱିକ ଅବସ୍ଥାକୁ ଦେଖି ଲୋକମାନେ ସ୍ଥାନୀୟ ପୋଲିସ, ଆମ୍ବୁଲାନ୍ସ ଏବଂ ଦମ୍‌କଳକୁ ଖବର ଦେଇଥିଲେ। ପରେ ଦମକଳ ବାହିନୀ ସେଠାରେ ପହଞ୍ଚି ପୀଡ଼ିତା ଯୁବତୀଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳରେ ଭର୍ତ୍ତି କରିଥିଲେ। ଖବର ପାଇ ପୀଡ଼ିତାଙ୍କ ମା' ହସ୍ପିଟାଲରେ ପହଞ୍ଚିବା ପରେ ଯୁବତୀ ଜଣକ ସବୁ କଥା ପୋଲିସ ନିକଟରେ ପ୍ରକାଶ କରିଥିଲେ। ପୀଡ଼ିତାଙ୍କ ବୟାନ ଓ ଅଭିଯୋଗକୁ ଭିତ୍ତି କରି ଖୋର୍ଦ୍ଧା ପୋଲିସ ଘଟଣାର ପରବର୍ତ୍ତୀ ତଦନ୍ତ ପାଇଁ ଏଫଆଇଆରକୁ ଖଣ୍ଡଗିରି ଥାନାକୁ ହସ୍ତାନ୍ତର କରିଥିଲା। ଖଣ୍ଡଗିରି ଆଇଆଇସି ଖୋର୍ଦ୍ଧା ହସ୍ପିଟାଲରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ପୀଡ଼ିତା ଖଣ୍ଡଗିରିରୁ ଲିଫ୍ଟ ମାଗି ଆସିବାବେଳେ ଘଟଣା ଘଟିଥିବାରୁ ଅଭିଯୋଗକୁ ସେଠାକୁ ସ୍ଥାନାନ୍ତର କରାଗଲା ବୋଲି ଖୋର୍ଦ୍ଧା ପୋଲିସ କହିଛି। ଭାଜପା ମହିଳା ମୋର୍ଚ୍ଚାର ଖୋର୍ଦ୍ଧା ମଣ୍ଡଳ ସଭାନେତ୍ରୀ ମୀନା ଦାସ ହସ୍ପିଟାଲ ଯାଇ ପୀଡିତାଙ୍କ ସହ ଆଲୋଚନା କରିଛନ୍ତି। ଏହା ଏକ ସମ୍ବେଦନଶୀଳ ଘଟଣା ହୋଇଥିବାରୁ ପୋଲିସ ତୁରନ୍ତ ତଦନ୍ତ କରି ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାସ ଦାବି କରିଛନ୍ତି।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୭ ନଭେମ୍ବର, ୨୦୧୯



ଗୃହକର୍ତ୍ତାଙ୍କ ଉପସ୍ଥିତି ସତ୍ତ୍ୱେ ଯେଉଁ ଘରେ ମହିଳା କିମ୍ବା ବାଳକମାନଙ୍କର ଶାସନ ଚାଲେ, ସେପରି ପରିବାର ସହ ସମ୍ପର୍କ ରଖିଲେ ବିପଦର ସମ୍ଭାବନା ରହିଥାଏ।
-କୌଟିଲ୍ୟ ଚାଣକ୍ୟ



## ସଂକ୍ଷେପରେ

### ଅଗ୍ନିକାଣ୍ଡରେ ୨ ବଖରା ଜଳିଗଲା



**ମାହାଙ୍ଗା,୬।୧୧(ସ୍ୱ.ପ୍ର.):** ମାହାଙ୍ଗା ତହସିଲ ବାଜପୁରା ପଞ୍ଚାୟତ ଅନ୍ତର୍ଗତ ପଇ ଗୋପାଳପୁର ଗ୍ରାମରେ ମଙ୍ଗଳବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଗ୍ରାମର ସ୍ୱର୍ଗତ ଅରକ୍ଷିତ ସାମଲଙ୍କ ଝିଅ ମମତା ସାମଲଙ୍କ ଚାଳ ଛପର ଘର ସମ୍ପୂର୍ଣ୍ଣ ଜଳିଯାଇଛି। ଘରେ ଥିବା ସମସ୍ତ ଆସବାବପତ୍ର ଜଳିପୋଡି ନଷ୍ଟ ହୋଇଯାଇଛି। ନିଆଁରେ ଘରେ ଥିବା ୭ ଛେଳି ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ମାହାଙ୍ଗା ଅଗ୍ନିଶମ ସେବା ସଂସ୍ଥା କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ମାତ୍ର ସେତେବେଳକୁ ସବୁ ଜଳି ପୋଡି ନଷ୍ଟ ହୋଇଯାଇଥିଲା। ଖବରପାଇ ସମସରପୁର ରାଜସ୍ୱ ନିରୀକ୍ଷକ ସେଠାରେ ପହଞ୍ଚି ତଦନ୍ତ କରିବା ସହ ତହସିଲ ପକ୍ଷରୁ ପଲିଥିନ ଓ ଆର୍ଥିକ ସହାୟତା ଯୋଗାଇଦେଇଛନ୍ତି।

### ବଜାରରୁ ଯୁବକ ନିଖୋଜ

**ମାହାଙ୍ଗା,୬।୧୧(ସ୍ୱ.ପ୍ର.):** ମାହାଙ୍ଗା ଥାନା ଜଳେଶ୍ୱରପୁର ପଞ୍ଚାୟତ ଅନ୍ତର୍ଗତ କାହ୍ନପୁର ଗ୍ରାମର ଜଣେ ଯୁବକ କୁଆଁପାଳ ବଜାରକୁ ଯାଇ ନିଖୋଜ ହୋଇଯାଇଛନ୍ତି। ସେ ହେଲେ, ସ୍ୱର୍ଗତ ଆଦିକନ୍ଦ ମହାନ୍ତିଙ୍କ ପୁତ୍ର ଯତିନ୍ଦ୍ର ମହାନ୍ତି (୩୫)। ଏନେଇ ତାଙ୍କ ବଡ ଭାଇ ଧରଣୀଧର ମହାନ୍ତି ମାହାଙ୍ଗା ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ଯତିନ୍ଦ୍ର ଶନିବାର ପୂର୍ବାହ୍ନରେ କୁଆଁପାଳ ବଜାର ଯାଉଥିବା କହି ଘରୁ ବାହାରିଥିଲେ। ମାତ୍ର ବିଳମ୍ବିତ ରାତି ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ। ମାତ୍ର ନ ମିଳିବାରୁ ଥାନାରେ ଅଭିଯୋଗ କରାଯାଇଥିଲା। ଯତିନ୍ଦ୍ରଙ୍କ ବାତରୋଗ ଥିବା ପରିବାର ପକ୍ଷରୁ କୁହାଯାଇଛି। ଘରୁ ଯିବା ସମୟରେ ସେ ଆକାଶୀ ରଙ୍ଗର ସାର୍ଟ ଓ କଳା ରଙ୍ଗର ଫୁଲ ପ୍ୟାଣ୍ଟ ପିନ୍ଧିଥିଲେ ବୋଲି ଅଭିଯୋଗ ପତ୍ରରେ ଦର୍ଶାଯାଇଛି।

### ଅବକାରୀ ଚଢ଼ାଉ : ଚୋରା ମଦ ବ୍ୟବସାୟୀ ଗିରଫ

**ମାହାଙ୍ଗା,୬।୧୧(ସ୍ୱ.ପ୍ର.):** ମାହାଙ୍ଗା ଥାନା ଅନ୍ତର୍ଗତ ଲଳିତଗିରି ଗ୍ରାମରେ ଅବକାରୀ ଚଢ଼ାଉ କରାଯାଇ ଜଣେ ଚୋରା ମଦ ବ୍ୟବସାୟୀଙ୍କୁ ଗିରଫ କରାଯାଇକୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତ ଜଣକ ହେଲେ ପୀତାମ୍ବର ସାମଲ। ଚଢ଼ାଉ ବେଳେ ତାଙ୍କ ଘରୁ ୪୦ଟି ଆସକାଫଟି ଜବତ ହୋଇଛି। ଏନେଇ ବିଭାଗ ପକ୍ଷରୁ ମାମଲା (ନଂ.୪୭/୧୯) ରୁଜୁ ହୋଇଛି। ପୀତାମ୍ବର ଘରେ ଚୋରା ମଦ ବ୍ୟବସାୟ କରୁଥିବା ଖବରପାଇ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ନିଶ୍ଚିନ୍ତକୋଇଲି ଅବକାରୀ ବିଭାଗ ସବଇନ୍ସପେକ୍ଟର ଏସ.ଏସ. ରାଓଙ୍କ ନେତୃତ୍ୱରେ କନଷ୍ଟେବଲ ବିଶ୍ୱଜିତ ବିଶ୍ୱାଳ ଓ ପୂର୍ଣ୍ଣଚନ୍ଦ୍ର ମାଝି ପ୍ରମୁଖ ଏହି ଚଢ଼ାଉରେ ସାମିଲ ହୋଇଥିଲେ।

### ଧାରଣାରୁ ଓହରିଲେ ଆଶାକର୍ମୀ

**ନରସିଂହପୁର,୬।୧୧(ଡି.ଏନ୍.ଏ.):** କାନପୁର ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟରତ ପ୍ରୋଗାମ ଅଧିକାରୀଙ୍କ ବଦଳିକୁ ବିରୋଧ କରି ଆଶାକର୍ମୀଙ୍କ ପକ୍ଷରୁ ୩ ଦିନ ଧରି ଚାଲିଥିବା ଧାରଣା ବୁଧବାର ପ୍ରତ୍ୟାହୃତ ହୋଇଯାଇଛି। କାନପୁର ଥାନା ଅଧିକାରୀ ସସ୍ମିତା ରଣା ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବା ସହ ସରକାରୀ କାର୍ଯ୍ୟରେ ବାଧା ନ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହା ପରେ ଆଶାକର୍ମୀମାନେ ଧାରଣାରୁ ଓହରିଯାଇଛନ୍ତି। ସୂଚନାଯୋଗ୍ୟ, ପ୍ରୋଗ୍ରାମ ଅଧିକାରୀ ସଞ୍ଜୟ କୁମାର ପରିଡାଙ୍କ ନିଶ୍ଚିନ୍ତକୋଇଲି ବ୍ଲକକୁ ବଦଳି ହୋଇଯାଇଛି। ଏହି ବଦଳିକୁ ବାତିଲ କରିବା ପାଇଁ ଆଶାକର୍ମୀଙ୍କ ପକ୍ଷରୁ ଧାରଣା ଦିଆଯାଇଥିଲା। ସେମାନେ କାନପୁର ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରର କାର୍ଯ୍ୟାଳୟରେ ତାଲା ପକାଇ ଧାରଣାରେ ବସିଥିଲେ।

## କଟକ ଜିଲାରେ ବହୁ ଅଯୋଗ୍ୟ ହିତାଧିକାରୀ

# ୩୮,୯୦୦ ଧରାପଡ଼ିଛନ୍ତି: ଆହୁରି ଅଛନ୍ତି ଅନେକ

**କଟକ ଅଫିସ, ୬।୧୧**

କଟକ ଜିଲାର ପ୍ରତି ବ୍ଲକରେ ମାଳମାଳ ଅଯୋଗ୍ୟ ହିତାଧିକାରୀ। ଗତ ସେପ୍ଟେମ୍ବର ୨୫ରୁ ଅକ୍ଟୋବର ୧୦ ମଧ୍ୟରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପକ୍ଷରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଉପରେ କ୍ଷେତ୍ର ନିରୀକ୍ଷଣ କରାଯାଇଥିଲା। ଏହି ନିରୀକ୍ଷଣରେ ୩୮,୯୦୦ ଅଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରି ସେମାନଙ୍କୁ ତାଲିକାରୁ ବାଦ୍ ଦିଆଯାଇଥିଲା। ଏହି ଅଯୋଗ୍ୟ ହିତାଧିକାରୀଙ୍କ ମଧ୍ୟରେ ମାହାଙ୍ଗା ବ୍ଲକରେ ୧୫,୩୮୪, କଣ୍ଟାପଡ଼ା ବ୍ଲକରେ ୮୫, ଆଠଗଡ଼ ବ୍ଲକରେ ୪୧୫୯, ବଡ଼ମ୍ବା ବ୍ଲକରେ ୨୦୬୬, ବାଙ୍କୀ ବ୍ଲକରେ ୬୦୮, ଡମପଡ଼ା ବ୍ଲକରେ ୧୬୮୭, ବାରଙ୍ଗ ବ୍ଲକରେ ୩୪୮, କଟକ ସଦର ବ୍ଲକରେ ୩୨୮୭, ନରସିଂହପୁର ବ୍ଲକରେ ୧୭୪୨, ନିଆଳି ବ୍ଲକରେ ୧୬୪୫, ନିଶ୍ଚିନ୍ତକୋଇଲି ବ୍ଲକରେ ୫୭୪୯, ସାଲେପୁର ବ୍ଲକରେ ୧୧୭୧, ଟାଙ୍ଗୀ-ଚୌଦ୍ୱାର ବ୍ଲକରେ ୬୦୮ ଓ ତିଗିରିଆ ବ୍ଲକରେ ୩୬୧ ଜଣଙ୍କୁ ଠାବ କରାଯାଇଥିଲା। ମାତ୍ର ଏହା ପରେ ବି ଅଯୋଗ୍ୟ ହିତାଧିକାରୀମାନେ ଘର ନେବାରେ ସଫଳ ହୋଇଛନ୍ତି। ଯାହାର ପ୍ରମାଣ ମାହାଙ୍ଗା ଓ ବଡ଼ମ୍ବା ବ୍ଲକରୁ ମିଳିଛି। ଏବେ ପୁଣିଥରେ ଜିଲାର ୧୪ଟି ବ୍ଲକରେ ଥିବା ୩୭୩ ପଞ୍ଚାୟତରେ ଅଯୋଗ୍ୟ ହିତାଧିକାରୀଙ୍କୁ ଖୋଜା ଚାଲିଛି। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଜଣେ ଅଧିକାରୀଙ୍କ ସୂଚନା ଅନୁଯାୟୀ, ଚାଲିଥିବା ଯାଞ୍ଚରେ ବହୁ ସଂଖ୍ୟକ ଅଯୋଗ୍ୟ ବାହାରିଲେଣି। ସେମାନଙ୍କ ମଧ୍ୟରୁ ଅଧିକାଂଶ ଯୋଜନା ବାବଦୀୟ ସମସ୍ତ ଅର୍ଥ ଉଠାଇ ନେଇଥିବା ଜଣାପଡ଼ିଛି। ଏଭଳି ସ୍ଥିତିରେ ଜିଲାର ବିଡିଓମାନଙ୍କୁ ଦୈନିକ ଗୃହ ନିର୍ମାଣ ସମ୍ପୂର୍ଣ୍ଣ କରିବା ପାଇଁ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପକ୍ଷରୁ ଯେଉଁ ଟାର୍ଗେଟ ଦିଆଯାଇଛି, ତାହା ଉପରେ ଲକ୍ଷ୍ୟ ପକାଇଲେ ଅତ୍ୟନ୍ତ ଦୟନୀୟ ଚିତ୍ର ସାମ୍ନାକୁ ଆସୁଛି। ଆଠଗଡ଼ ବ୍ଲକକୁ ଦୈନିକ ୪୨ଟି ଘର ସମ୍ପୂର୍ଣ୍ଣ କରିବା ପାଇଁ ଟାର୍ଗେଟ ଦିଆଯାଇଥିବାବେଳେ ସଫଳତା ହାର ୧.୯୩ ରହିଛି। ସେହିପରି ବଡ଼ମ୍ବା ବ୍ଲକକୁ ଦୈନିକ ୫୮ଟି ଘର ସମ୍ପୂର୍ଣ୍ଣ କରିବାକୁ ଟାର୍ଗେଟ ଥିବାବେଳେ ସଫଳତା ୦.୭୬ ରହିଛି। ବାଙ୍କୀକୁ ୨୬ଟି ଘର ନିର୍ମାଣ ପାଇଁ ଟାର୍ଗେଟ ଦିଆଯାଇଥିବାବେଳେ ସେଠାରେ ସଫଳତା ୧.୦୪ ରହିଛି। ଏହିଭଳି ଭାବେ ଦେଖିଲେ ଦୈନିକ ସଫଳତା ହାର ୧୩.୨୫ ରହିଛି। ମୁଖ୍ୟତଃ ଗୃହ ନିର୍ମାଣ ତଦାରଖ ଦାୟିତ୍ୱରେ ଥିବା ପଞ୍ଚାୟତ ନିର୍ବାହୀ ଅଧିକାରୀମାନଙ୍କ ଯୋଗୁ ଏଭଳି ପରିସ୍ଥିତି ଉପୁଜିଛି। ହିତାଧିକାରୀ ହାତଗୁଞ୍ଜା ନ ଦେବା ପର୍ଯ୍ୟନ୍ତ ସେମାନଙ୍କ ଆକାଉଣ୍ଟକୁ କିସ୍ତି ଟଙ୍କା ପଇଠ କରାଯାଉ ନ ଥିବା କେତେଜଣ ହିତାଧିକାରୀ ନାମ ଗୋପନ ରଖି କହିଛନ୍ତି। ସୂଚନାଥାଉ କି, ଜିଲାରେ ମାହାଙ୍ଗା ଓ ବଡମ୍ବା ବ୍ଲକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟାପକ ଦୁର୍ନୀତିକୁ ନେଇ ଏବେ ଖୋଳତାଡ଼ ଚାଲିଛି। ରାଜ୍ୟ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ତଦନ୍ତ କରାଯିବା ପରେ ଏହି ଦୁଇଟି ବ୍ଲକରେ ହୋଇଥିବା ଆଖିବୁଜା ଅନିୟମିତତା ସାମ୍ନାକୁ ଆସିଥିଲା। ବଡ଼ମ୍ବା ବ୍ଲକ ଘଟଣାରେ ଥାନାରେ ମାମଲା ରୁଜୁ ହୋଇଥିବାବେଳେ ମାହାଙ୍ଗା ଘଟଣାରେ ତଦନ୍ତ ପାଇଁ ଭିଜିଲାନ୍ସକୁ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପକ୍ଷରୁ ସୁପାରିସ କରାଯାଇଛି। ସେହିପରି ମାହାଙ୍ଗା ଘଟଣାରେ ଅଭିଯୁକ୍ତଙ୍କ ବିରୋଧରେ ଫୌଜଦାରି ମାମଲା ରୁଜୁ କରିବା ପାଇଁ ଗ୍ରାମାଞ୍ଚଳ ଏସ୍‌ପିଙ୍କୁ ମଧ୍ୟ ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପକ୍ଷରୁ ଚିଠି କରାଯାଇଛି। ଏହି ଦୁଇଟି ବ୍ଲକରେ ହୋଇଥିବା ଦୁର୍ନୀତି ସାମ୍ନାକୁ ଆସିବା ପରେ ଏବେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପକ୍ଷରୁ ସମଗ୍ର ଜିଲାରେ ଖୋଳତାଡ଼ ଆରମ୍ଭ ହୋଇଛି। ଏ ସମ୍ପର୍କରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ମହମ୍ମଦ ଅବଦାଲ ଅଖତାର କୁହନ୍ତି, ଅଯୋଗ୍ୟ ହିତାଧିକାରୀଙ୍କୁ ଖୋଜି ବାହାର କରିବା ପାଇଁ ବିଡିଓମାନଙ୍କୁ କୁହାଯାଇଛି। ରିପୋର୍ଟ ମିଳିବା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

> ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଜଣେ ହିତାଧିକାରୀଙ୍କୁ ଗୃହ ନିର୍ମାଣ ବାବଦରେ ୧ ଲକ୍ଷ ୨୦ହଜାର ଟଙ୍କାର ଆର୍ଥିକ ସହାୟତା ସରକାର ଯୋଗାଉଛନ୍ତି। ନିୟମ କହୁଛି, ଯଦି ହିତାଧିକାରୀ ୪ ମାସ ମଧ୍ୟରେ ଗୃହ ନିର୍ମାଣ ଶେଷ କରନ୍ତି ତେବେ ତାଙ୍କୁ ଅଧିକ ୨୦ହଜାର ଟଙ୍କା ଓ ୬ ମାସ ମଧ୍ୟରେ ଶେଷ କଲେ ୧୦ହଜାର ଟଙ୍କା ବୋନସ ଆକାରରେ ରାଜ୍ୟ ସରକାର ଯୋଗାଇଦେବେ। ମାତ୍ର ଯୋଜନାକୁ ସରକାରୀ ସ୍ତରରେ ବାଟମାରଣା କରାଯାଉଛି। ଫଳରେ ଅନେକ ଯୋଗ୍ୟ ହିତାଧିକାରୀ ଯୋଜନାରୁ ବଞ୍ଚିତ ହେଉଥିବାବେଳେ ଅଯୋଗ୍ୟମାନେ ଏଥିରୁ ଫାଇଦା ମାରୁଛନ୍ତି।

**ଆବାସ ଦୁର୍ନୀତି**

## ଜିଲା ପ୍ରକଳ୍ପ ନିର୍ଦ୍ଦେଶକଙ୍କ ନରସିଂହପୁର ଗସ୍ତ

### ବିଭିନ୍ନ ସରକାରୀ ଯୋଜନାର ତଦାରଖ

**ନରସିଂହପୁର,୬।୧୧(ଡି.ଏନ୍.ଏ.)**

କଟକ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଶେଖ୍ ଅବଦୁଲ ଅଖତାର ବୁଧବାର ନରସିଂହପୁର ବ୍ଲକ ଆସି ବିଭିନ୍ନ ସରକାରୀ ଯୋଜନାର ତଦାରଖ କରିଛନ୍ତି। ବ୍ଲକରେ ଚାଲୁଥିବା ପ୍ରଧାନମନ୍ତ୍ରୀ ଆବାସ ଓ ପାଇଖାନା ନିର୍ମାଣ ଯୋଜନା ଭଳି ଅନେକ ସରକାରୀ ଯୋଜନାରେ ଅନିୟମିତତା ହୋଇଥିବା ନେଇ ପୂର୍ବରୁ ଅଭିଯୋଗ ହୋଇଥିଲା। ଏହାର ତଦନ୍ତ କରିବା ନିମନ୍ତେ ଅଖତାର ପ୍ରଥମେ ବାଲିସାହି ପଞ୍ଚାୟତ ଗସ୍ତ କରିଥିଲେ। ତାଙ୍କର ଏହି ଗସ୍ତ ସମୟରେ ନରସିଂହପୁର ବିଡିଓ ପ୍ରଶାନ୍ତ କୁମାର ତରାଇ ଓ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଅଖତାର ପ୍ରଧାନମନ୍ତ୍ରୀ ଆବସ ଯୋଜନା, ପାଇଖାନା ନିର୍ମାଣ, ଅଙ୍ଗନୱାଡ଼ି କେନ୍ଦ୍ର ଓ ଅନ୍ୟାନ୍ୟ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ଏହାପରେ ସେ ସାଗରପଞ୍ଚାୟତ ଗସ୍ତ କରି ବିଭିନ୍ନ ସରକାରୀ ଯୋଜନାର ସମୀକ୍ଷା କରିଥିଲେ।

## ଉଦ୍ଧାର ଯୁବତୀଙ୍କୁ ବଳାତ୍କାର ଅଭିଯୋଗ ଘଟଣା

### ବୟାନ ରେକର୍ଡ କଲେ ଗ୍ରାମାଞ୍ଚଳ ଏସ୍‌ପି

**ବାଙ୍କୀ,୬।୧୧(ସ୍ୱ.ପ୍ର.)**

କଟକ ଜିଲା ବାଙ୍କୀ ଥାନା ଅନ୍ତର୍ଗତ ଗୋପାଳପୁର ପଞ୍ଚାୟତର ଅପହୃତା ଯୁବତୀ ଉଦ୍ଧାର ପରେ ମଙ୍ଗଳବାର ବଳାତ୍କାର ଅଭିଯୋଗ ଆଣିଥିଲେ। ଏନେଇ ଗ୍ରାମାଞ୍ଚଳ ଆରକ୍ଷୀ ଅଧୀକ୍ଷକ(ଏସ୍‌ପି) ରାଧାବିନୋଦ ପାଣିଗ୍ରାହୀ ବୁଧବାର ଥାନାରେ ପହଞ୍ଚି ପୀଡିତାଙ୍କ ବୟାନ ରେକର୍ଡ କରିଛନ୍ତି। ସୂଚନାଯୋଗ୍ୟ, ସୋମବାର ଅପହୃତା ଯୁବତୀଙ୍କୁ ଖୋର୍ଦ୍ଧା କାଇପଦରରୁ ବାଙ୍କୀ ପୋଲିସ ଉଦ୍ଧାର କରିଥିଲା। ଥାନାରେ ଉଦ୍ଧାର ଯୁବତୀଙ୍କ ବୟାନ ପରେ ଘଟଣାର ମୋଡ଼ ବଦଳି ଯାଇଥିଲା। ଅପହରଣ ପରେ ତାଙ୍କୁ ବଳାତ୍କାର କରାଯାଇଥିଲା ବୋଲି ସେ ଅଭିଯୋଗ କରିଥିଲେ। ବାଙ୍କୀ ସରକାରୀ ଡାକ୍ତରଖାନାରେ ପୀଡ଼ିତାଙ୍କ ଡାକ୍ତରୀମାଇନା ସମ୍ପୂର୍ଣ୍ଣ ହେବାପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଅପରପକ୍ଷେ ଏହି ଅଭିଯୋଗରେ ଗିରଫ ହୋଇଥିବା ଜ୍ୟୋତି ପ୍ରକାଶ ରାଉତ ଓ ସୁଶୀଲ କୁମାର ସାହୁଙ୍କୁ ପୋଲିସ ଉପଖଣ୍ଡ ବିଚାର ବିଭାଗୀୟ କୋର୍ଟରେ ହାଜିର କରାଇଛି। ଜାମିନ୍ ନାମଞ୍ଜୁର ହେବାରୁ ଉଭୟଙ୍କୁ କଟକସ୍ଥିତ ଚୌଦ୍ୱାର ଜେଲକୁ ପଠାଇ ଦିଆଯାଇଛି। ଗ୍ରାମାଞ୍ଚଳ ଏସ୍‌ପି ପାଣିଗ୍ରାହୀ ପୀଡିତାଙ୍କ ସମେତ ତାଙ୍କ ପରିବାର ସଦସ୍ୟଙ୍କ ସହ ଏହି ବିଷୟରେ ଆଲୋଚନା କରିଛନ୍ତି। ମୁଖ୍ୟ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ଏନେଇ ଭାଜପା ରାଜ୍ୟ ମହିଳା ମୋର୍ଚ୍ଚାର ଉପ ସଭାପତି ସ୍ମୃତି ପଟ୍ଟନାୟକ, ରାଜ୍ୟ ମହିଳା ସମ୍ପାଦିକା ରଶ୍ମିରେଖା ଦାସ, ଜିଲା ସଭାନେତ୍ରୀ ଯାଜ୍ଞସେନୀ ଜେନା , ବାଙ୍କୀ ଭାଜପା ନେତା ଶୁଭ୍ରାଂଶୁ ମୋହନ ପାଢୀ ପ୍ରମୁଖ ଥାନାରେ ପହଞ୍ଚି ତଦନ୍ତ ଦାୟିତ୍ୱରେ ଥିବା ବାଙ୍କୀ ଡିଏସ୍‌ପି ପ୍ରସନ୍ନ କୁମାର ବିଶ୍ୱାଳ ଓ ଥାନା ଅଧିକାରୀ ସମୀର କୁମାର ପଣ୍ଡାଙ୍କ ସହ ଆଲୋଚନା କରିଛନ୍ତି। ଦୋଷୀମାନଙ୍କୁ ତୁରନ୍ତ ଧରିବା ପାଇଁ ସେମାନେ ଦାବି କରିଛନ୍ତି।

## ମା'ଚର୍ଚ୍ଚିକା ପୀଠର ଉନ୍ନତି ପାଇଁ ଆଲୋଚନା

**ବାଙ୍କୀ,୬।୧୧(ସ୍ୱ.ପ୍ର.)**

ବାଙ୍କୀର ଅଧିଷ୍ଠାତ୍ରୀ ଦେବୀ ମା'ଚର୍ଚ୍ଚିକାଙ୍କ ପୀଠର ଉନ୍ନତିକରଣ ନିମନ୍ତେ ଆଲୋଚନା ହୋଇଛି। ଏଥିରେ ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଓ ରାଜ୍ୟ ପର୍ଯ୍ୟଟନ ଅଧିକାରୀ ସୁଜାତା ପଟ୍ଟନାୟକ ଯୋଗଦେଇ ଯାତ୍ରୀମାନଙ୍କ ସୁବିଧା ନିମନ୍ତେ ମଣ୍ଡପ ନିର୍ମାଣ, ମନ୍ଦିର ବେଢ଼ା ପ୍ରଶସ୍ତୀକରଣ, ପାନୀୟ ଜଳଯୋଗାଣ, ମୁଖ୍ୟ ଦ୍ୱାର ଉନ୍ନତିକରଣ ଓ ମନ୍ଦିର ଚାରିପାଖେ ବୃକ୍ଷରୋପଣ ଏବଂ ଶୌଚାଳୟ ଆଦି କାର୍ଯ୍ୟକ୍ରମ କରିବା ପାଇଁ ଗୁରୁତ୍ୱ ଦେଇଥିଲେ। ଏହି ଅବସରରେ ତ୍ରିପାଠୀ ଓ ପଟ୍ଟନାୟକ ମା'ଚର୍ଚ୍ଚିକାଙ୍କ ମନ୍ଦିର ପରିଦର୍ଶନ କରିବା ସହ ଡମପଡ଼ା ବ୍ଲକ ଅନ୍ତର୍ଗତ ଗୟଳବାଙ୍କ ଗ୍ରାମର ପ୍ରସିଦ୍ଧ ରାମଚଣ୍ଡୀ ମନ୍ଦିର, ବୈଦେଶ୍ୱରର ପ୍ରସିଦ୍ଧ ରାମନାଥ ଓ ବୈଦ୍ୟନାଥ ମନ୍ଦିର ବୁଲିଥିଲେ। ଉକ୍ତ ପୀଠଗୁଡ଼ିକର ଉନ୍ନତି କରଣ ନିମନ୍ତେ ରାଜ୍ୟ ସରକାରଙ୍କ ଅନୁଦାନ କିପରି ଖର୍ଚ୍ଚ କରାଯିବ ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ସମୟରେ ମା'ଚର୍ଚ୍ଚିକା ମନ୍ଦିରର ଟ୍ରଷ୍ଟି କାଳନ୍ଦୀଚରଣ ମହାପାତ୍ର, ପ୍ରତାପ ଚନ୍ଦ୍ର ମହାପାତ୍ର, ନୀଳମଣି ମହାପାତ୍ର, ବେଣୁଧର ରଣା, ବିଦ୍ୟାଧର ରଣା, ଋଷି ରଣା ପ୍ରମୁଖ ଉପସ୍ଥିତ ଥିଲେ।

## ନିର୍ମାଣ ଠିକାଦାର ସଂଘର କାର୍ଯ୍ୟବନ୍ଦ ପ୍ରସ୍ତୁତି



ପ୍ରସ୍ତୁତି ବୈଠକରେ ନିର୍ମାଣ ଠିକାଦାର ସଂଘର କର୍ମକର୍ତ୍ତା।

**ବାଙ୍କୀ,୬।୧୧(ବି.ପ୍ର.)**

ରାଜ୍ୟ ସରକାର ଠିକାଦାର ମାରଣା ନୀତି ଅବଲମ୍ବନ କରୁଥିବା ଅଭିଯୋଗ କରି ନିଖିଳ ଓଡିଶା ଠିକାଦାର ମହାସଂଘ ପକ୍ଷରୁ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଆରମ୍ଭ ହୋଇଛି। ଏନେଇ ମହାସଂଘ ପକ୍ଷରୁ ହୋଇଥିବା ୧୦ ଦଫା ଦାବିକୁ ବାଙ୍କୀ ଠିକାଦାର ସଂଘ ସମର୍ଥନ ଜଣାଇଛି। ଏହି ପରିପ୍ରେକ୍ଷୀରେ ବାଙ୍କୀ ବ୍ରହ୍ମେଇ ଠାକୁରାଣୀ ପୀଠରେ ବୁଧବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବାଙ୍କୀ ନିର୍ମାଣ ଠିକାଦାରମାନେ ସାମିଲ ହୋଇ ଶୁକ୍ରବାର ପ୍ରତାପନଗରସ୍ଥିତ ଧାକୁଲେଇ ପୀଠରେ ଅନୁଷ୍ଠିତ ହେବାକୁ ଥିବା ଜିଲାସ୍ତରୀୟ ଠିକାଦାର ସଂଘ ବୈଠକରେ ଯୋଗଦେବା ପାଇଁ ସ୍ଥିର କରିଛନ୍ତି। ସେମାନଙ୍କ ଦାବିଗୁଡ଼ିକ ମଧ୍ୟରେ ୨୦୧୪ରେ ସ୍ଥିରୀକୃତ ସିଡ୍ୟୁଲ୍ ରେଟ୍‌ର ୨୦୧୯ ମୂଲ୍ୟଭିତ୍ତିରେ ପୁନଃଆକଳନ, ଭାରତ ସରକାରଙ୍କର ଷ୍ଟାଣ୍ଡାର୍ଡ ଡାଟାବୁକ୍‌ର ତୁରନ୍ତ ପ୍ରଚଳନ, ଭାରତ ସରକାରଙ୍କ ଟେଣ୍ଡର ନିୟମାବଳୀର ତୁରନ୍ତ ପ୍ରଚଳନ, ରାଜ୍ୟ ସରକାରଙ୍କ ବିଭିନ୍ନ କାର୍ଯ୍ୟରେ ୧୪.୯୯ ପ୍ରତିଶତ କାଟ ମୂଲ୍ୟରସମ୍ପୂର୍ଣ୍ଣ ପ୍ରତ୍ୟାହାର, ହାଇକୋର୍ଟଙ୍କ ବର୍ଦ୍ଧିତ ମୂଲ୍ୟ ସମ୍ପର୍କିତ ନିର୍ଦ୍ଦେଶ ଅନୁଯାୟୀ ପ୍ରାପ୍ୟ ପ୍ରଦାନ, ଶ୍ରମିକ ମଜୁରିର ଉଚିତ୍ ନିର୍ଦ୍ଧାରଣ, ଠିକାଦାରଙ୍କୁ ତତ୍‌ସମ୍ପର୍କିତ ପ୍ରାପ୍ୟ ପ୍ରଦାନ,ତେଲେଙ୍ଗାନା ସରକାରଙ୍କ ନୀତି ଅନୁଯାୟୀ ଜିଏସଟି ପାଇଁ ୧୦% ଅଧିକ ପ୍ରାପ୍ୟ ପ୍ରଦାନ, ଲାଇସେନ୍ସ କ୍ଷମତା ଅନୁଯାୟୀ କାର୍ଯ୍ୟାଦେଶ, ପୂର୍ବ ବ୍ୟବସ୍ଥା ଅନୁଯାୟୀ ବିଭିନ୍ନ ସଞ୍ଚୟ ପତ୍ର ମାଧ୍ୟମରେ ସିକ୍ୟୁରିଟି ପ୍ରଦାନ, ବ୍ୟବସ୍ଥା ନ ଥାଇ ନିର୍ମାଣ ସାମଗ୍ରୀ ପରିବହନ ସମୟରେ ଅନୁମତି ପତ୍ର ଏବଂ ରୟାଲଟି ରସିଦ୍ ଦାଖଲ ନିର୍ଦ୍ଦେଶର ତୁରନ୍ତ ପ୍ରତ୍ୟାହାର ଆଦି ଅନ୍ତର୍ଭୁକ୍ତ ରହିଛି। ଏସବୁ ଦାବି ପୂରଣ ନ ହେଲେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ବାଙ୍କୀ ଠିକାଦାର ସଂଘର ସଭାପତି ପ୍ରଭାତ ଦାସ କହିଛନ୍ତି। ଏହି ପ୍ରସ୍ତୁତି ବୈଠକରେ ଠିକାଦାର ରଜନୀକାନ୍ତ ମିଶ୍ର, ଜିତେନ କୁମାର ମହାପାତ୍ର, ସତ୍ୟରଞ୍ଜନ ସାହୁ, ସତ୍ୟବାଦୀ ଜେନା, ସୁଶିଲ କୁମାର ସାହୁ,ରମେଶ କୁମାର ଦଳେଇ,ସୂର୍ଯ୍ୟକାନ୍ତ ରାଉତ,ପ୍ରସନ୍ନ ବେହେରା ଓ ବିଜୟ କୁମାର ମହାପାତ୍ରଙ୍କ ସମେତ ୪୦ରୁ ଊର୍ଦ୍ଧ୍ୱ କାର୍ଯ୍ୟରତ ନିର୍ମାଣ ଠିକାଦାର ସାମିଲ ହୋଇଥିଲେ।





ଆନ୍ତଃ ମହାବିଦ୍ୟାଳୟ ବଲ-ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ଅତିଥିଙ୍କ ଗହଣରେ ବାଙ୍କୀ ମହାବିଦ୍ୟାଳୟ ଚାମ୍ପିୟନ ଖେଳାଳି।

## ତିଗିରିଆରେ ସମାବେଶ ପାଇଁ ସ୍ମାରକପତ୍ର

**ନବନିର୍ମାଣ କୃଷକ ସଂଗଠନ**

**ତିଗିରିଆ, ୬।୧୧ (ଡି.ଏନ୍.ଏ.)**

ଭୁବନେଶ୍ୱରସ୍ଥିତ ବରମୁଣ୍ଡା ପଡ଼ିଆରେ ନବନିର୍ମାଣ କୃଷକ ସଂଗଠନର ଏକ ବିଶାଳ ସମାବେଶ ଅନୁଷ୍ଠିତ ହୋଇଥିଲା। ଏନେଇ ତିଗିରିଆ ବ୍ଲକର ବହୁ ଚାଷୀ ପାଞ୍ଚଗାଁ କଲ୍ୟାଣ ମଣ୍ଡପରେ ଏକତ୍ରିତ ହେବାପରେ ସମାବେଶରେ ଯୋଗଦେଇଥିଲେ। ସମାବେଶରେ ତିଗିରିଆ ବ୍ଲକରେ କୃଷି, ଶିକ୍ଷା ଓ ସ୍ୱାସ୍ଥ୍ୟରେ ବିଭିନ୍ନ ସମସ୍ୟା ଥିବା ଅଭିଯୋଗ ହୋଇଥିଲା। ବ୍ଲକରେ ଏକ ବିଶାଳ ସମ୍ମିଳନୀ ଆୟୋଜନ କରିବାକୁ ଜିଲା ସଂଯୋଜକଙ୍କ ମାଧ୍ୟମରେ ସଂଗଠନର ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ବ୍ଲକ ଯୁବ ସଂଯୋଜକ ଅଜିତ ଦାଶ ଏହାର ନେତୃତ୍ୱ ନେଇଥିଲେ। ଏଥିରେ ତ୍ରିବିକ୍ରମ ଦାଶ, ଜୟକୃଷ୍ଣ ବେହେରା, ସଚ୍ଚିନ୍ଦ୍ର ଦାଶ, ନଣ୍ଡା ପ୍ରଧାନ, ବ୍ରଜ ପ୍ରଧାନ, ମହରଗ ପ୍ରଧାନ ଓ ବ୍ରଜ ବେହେରା ପ୍ରମୁଖ ସାମିଲ ହୋଇଥିଲେ।

## ବିଜୁ ସେତୁର ଶିଳାନ୍ୟାସ ଉତ୍ସବ

**ସାଲେପୁର,୬।୧୧(ଡି.ଏନ୍.ଏ)**

ସାଲେପୁର ବ୍ଲକ୍ ଅନ୍ତର୍ଗତ ମଧ୍ୟକଚ୍ଛ ପଞ୍ଚାୟତସ୍ଥିତ କେନ୍ଦ୍ରାପଡ଼ା କେନାଲ୍‌ର ବାରବୋଡ଼ିଆ ଜେନାସାହି ନିକଟରେ ବିଜୁ ସେତୁର ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗ୍ରାମ୍ୟଉନ୍ନୟନ ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ଜ୍ୟୋତିରେଖା ନାୟକ, ସୁବାଶିଷ ପ୍ରଧାନ, ମଧ୍ୟକଚ୍ଛ ସରପଞ୍ଚ ସୋଫିଆ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ଆନ୍ତଃ ମହାବିଦ୍ୟାଳୟ ବଲ-ବ୍ୟାଡମିଣ୍ଟନ ପ୍ରତିଯୋଗିତା

### ବାଙ୍କୀ ମହାବିଦ୍ୟାଳୟ ଚାମ୍ପିୟନ

**ବାଙ୍କୀ,୬।୧୧(ବି.ପ୍ର.)**

ଢେଙ୍କାନାଳ ଜିଲା ମଠକରଗୋଲା ମହାବିଦ୍ୟାଳୟ କ୍ରୀଡା ପ୍ରାଙ୍ଗଣରେ ଚାଲିଥିବା ୨ ଦିନିଆ ଆନ୍ତଃ ମହାବିଦ୍ୟାଳୟ ବଲ-ବ୍ୟାଡମିଣ୍ଟନ ପ୍ରତିଯୋଗୀତା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତାରେ ବାଙ୍କୀ ମହାବିଦ୍ୟାଳୟ ବିଜୟୀ ହୋଇ ଚାମ୍ପିୟନ ଟ୍ରଫି ହାସଲ କରିଛି। ଏହି ପ୍ରତିଯୋଗିତାରେ ୧୦ ମହାବିଦ୍ୟାଳୟର ପ୍ରତିଯୋଗୀ ଅଂଶଗହଣ କରିଥିଲେ। ଏଥିରେ ବିଜୁ ପଟ୍ଟନାୟକ କଲେଜ, ଲକ୍ଷ୍ମୀନାରାୟଣ ସାହୁ ମହାବିଦ୍ୟାଳୟ ଜଗତପୁର, ମହାପୁରୁଷ ହାଡିଦାସ କଲେଜ ଛତିଆ, ଜିରାଳ କଲେଜ, ରଘୁନାଥଜୀଉ କଲେଜ କଟକ, ବିଏସ୍ କଲେଜ ଯାଜପୁର, ପଟ୍ଟାମୁଣାଇ କଲେଜ ପଟ୍ଟାମୁଣ୍ଡାଇ, ମଠକରଗୋଲା କଲେଜ ଢେଙ୍କାନାଳ, ପଟିଆ କଲେଜ ଭୁବନେଶ୍ୱର ଓ ବାଙ୍କୀ ସ୍ୱୟଂ ଶାସିତ ମହାବିଦ୍ୟାଳୟ ସାମିଲ ହୋଇଥିଲେ ବୋଲି ବାଙ୍କୀ ମହାବିଦ୍ୟାଳୟ କ୍ରୀଡା ଅଧ୍ୟାପକ ରବିନାରାୟଣ ପ୍ରଧାନ ସୂଚନା ଦେଇଛନ୍ତି। ପ୍ରତିଯୋଗିତାରେ ବାଙ୍କୀ ମହାବିଦ୍ୟାଳୟ ପକ୍ଷରୁ ଅନୁପ କୁମାର ନାୟକ,ଜ୍ୟୋତି ରଞ୍ଜନ ବେହେରା,ସ୍ୱାଧୀନ ମହାପାତ୍ର, ପ୍ରସିଦ୍ଧ କୁମାର ବେଉରା, ସୁରେନ୍ଦ୍ର ବେହେରା,ସାଇ ଶଙ୍କର ଦେଓ, ନିହାରେଂଶୁ ସାହୁ, ଆଶିଷ କୁମାର ପଣ୍ଡା ପ୍ରମୁଖ ଭାଗ ନେଇଥିଲେ । ଜିତେନ୍ଦ୍ରଚନ୍ଦ୍ର ଦେଓ, ଅବନୀ କୁମାର ବେହେରା, ପ୍ରଦୀପ କୁମାର ମନ୍ତ୍ରୀ ଓ ସତ୍ୟଜିତ୍ ରଏ ପ୍ରମୁଖ ଏଥିରେ ଉପସ୍ଥିତ ରହି କ୍ରୀଡାବିତ୍‌ମାନଙ୍କୁ ଉତ୍ସାହିତ କରିଥିଲେ ।

## ନିଜିଗଡ଼ କାଳୀପୂଜା ଭସାଣି ଶେଷ

**ତିଗିରିଆ,୬।୧୧(ଡି.ଏନ୍.ଏ.)**

ତିଗିରିଆ ନିଜିଗଡ଼ସ୍ଥିତ ପ୍ରସିଦ୍ଧ କାଳୀ ପୂଜା ଯାତ୍ରାର ଭସାଣି ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନିଜିଗଡର ସମୁଦାୟ ୧୬ ପୂଜାମଣ୍ଡପରେ ପୂଜା ପାଉଥିବା ବିଗ୍ରହଗୁଡ଼ିକୁ ବିଦାୟ ଦିଆଯାଇଛି। ଦୀପାବଳିଠାରୁ ଆରମ୍ଭ ହୋଇଥିବା ଏହି ପୂଜା ଶାନ୍ତି ଶୃଙ୍ଖଳାର ସହ ଶେଷ ହୋଇଛି। ନିଜିଗଡ ଗ୍ରାମର ଥାନାଛକର କାଳୀ ମେଢ, ରାଜବାଟୀର ଶିବ ମେଢ ସମେତ ମଝିସାହି ତଳଗଡ, ନୁଆସାହି ଉପରଗଡ, ନୂଆ ସାହି ତଳଗଡ, ପାଖ ଲୋକସାହି, ମଡେଲ ବସ୍ତି, ବ୍ରାହ୍ମଣ ସାହି, ବଡଦାଣ୍ଡ ସାହି, ମହାବୀର ବଜାର, ମହାରାଜା କ୍ଲବ, ମୁଣ୍ଡିଆ ସାହି, ନବୀସ ସାହି, ନୂଆସାହି ଉପରଗଡ ଓ ଶବରସାହି ଆଦିରେ ଭସାଣୀ ଉତ୍ସବ ଆୟୋଜିତ ହୋଇଯାଇଛି। ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ, ନିଜିଗଡର ବିଭିନ୍ନ ପୂଜାମଣ୍ଡପରେ ପୂଜା ପାଉଥିବା ବିଗ୍ରହଗୁଡିକୁ ରାଜବାଟୀ ପଡ଼ିଆରେ ଏକତ୍ରିତ କରାଯାଇଥିଲା। ଏହାପରେ ମେଢଗୁଡିକୁ ପୂର୍ବରୁ ଦିଆଯାଇଥିବା କ୍ରମିକ ସଂଖ୍ୟା ମୁତାବକ ଧାଡିରେ ଭସାଣି ପାଇଁ ନିଆଯାଇଥିଲା। ଏହି ସମୟରେ କାଳୀପୂଜା ଶାନ୍ତି କମିଟି ସଭାପତି, ସମ୍ପାଦକଙ୍କ ସମେତ ବିଭିନ୍ନ ପୂଜାମଣ୍ଡପର ସଭାପତି ଓ ସମ୍ପାଦକମାନେ ଉପସ୍ଥିତ ଥିଲେ। ଚଳିତ ବର୍ଷ ପ୍ରଶାସନ ତରଫରୁ ଡିଜେ ସାଉଣ୍ଡ ସିଷ୍ଟମ ଉପରେ କଟକଣା କରାଯାଇଥିବାରୁ ବିଭିନ୍ନ ପୂଜାମଣ୍ଡପମାନଙ୍କ ପକ୍ଷରୁ ଢୋଲ, ଚାଙ୍ଗୁ, ବଡକାଠ ଆଦି ପାରମ୍ପରିକ ବାଦ୍ୟ ସହାୟତାରେ ମେଢ଼ଗୁଡ଼ିକୁ ଶୋଭାଯାତ୍ରାରେ ମଣିମା ପୋଖରୀ ପର୍ଯ୍ୟନ୍ତ ନିଆଯାଇ ସେଠାରେ ବିସର୍ଜନ କରାଯାଇଥିଲା। ଏହି ଭସାଣି ଉତ୍ସବରେ ତିଗିରିଆ ଥାନା ପକ୍ଷରୁ ଥାନା ଅଧିକାରୀ ରବୀନ୍ଦ୍ର କୁମାର ଭୁଜବଳଙ୍କ ସମେତ ଆଠଗଡ, ବଡମ୍ବା, ମାଣିଆବନ୍ଧ ଓ ନରସିଂହପୁର ଥାନାର କର୍ମଚାରୀ ଉପସ୍ଥିତ ଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ୩ ପ୍ଲାଟୁନ୍ ଅତିରିକ୍ତ ପୋଲିସ୍ ଫୋର୍ସ ମୁତୟନ କରାଯାଇଥିଲା।





ବିଭିନ୍ନ ଦେବଦେବୀଙ୍କ ବିଗ୍ରହକୁ ଭସାଣି ଶୋଭାଯାତ୍ରାରେ ନିଆଯାଉଛି।



ଗୃହକର୍ତ୍ତାଙ୍କ ଉପସ୍ଥିତିସତ୍ତ୍ୱେ ଯେଉଁ ଘରେ ମହିଳା କିମ୍ବା ବାଳକମାନଙ୍କର ଶାସନ ଚାଲେ, ସେପରି ପରିବାର ସହ ସମ୍ପର୍କ ରଖିଲେ ବିପଦର ସମ୍ଭାବନା ରହିଥାଏ।
-କୌଟିଲ୍ୟ ଚାଣକ୍ୟ



## ■ କଟକ ଜିଲାରେ ବହୁ ଅଯୋଗ୍ୟ ହିତାଧିକାରୀ

# ୩୮,୯୦୦ ଧରାପଡ଼ିଛନ୍ତି: ଆହୁରି ଅଛନ୍ତି ଅନେକ

**କଟକ ଅଫିସ, ୬।୧୧**

କଟକ ଜିଲାର ପ୍ରତି ବ୍ଲକରେ ମାଳମାଳ ଅଯୋଗ୍ୟ ହିତାଧିକାରୀ। ଗତ ସେପ୍ଟେମ୍ବର ୨୫ରୁ ଅକ୍ଟୋବର ୧୦ ମଧ୍ୟରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପକ୍ଷରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଉପରେ କ୍ଷେତ୍ର ନିରୀକ୍ଷଣ କରାଯାଇଥିଲା। ଏହି ନିରୀକ୍ଷଣରେ ୩୮,୯୦୦ ଅଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରି ସେମାନଙ୍କୁ ତାଲିକାରୁ ବାଦ୍ ଦିଆଯାଇଥିଲା। ଏହି ଅଯୋଗ୍ୟ ହିତାଧିକାରୀଙ୍କ ମଧ୍ୟରେ ମାହାଙ୍ଗା ବ୍ଲକରେ ୧୫,୩୮୪, କଣ୍ଟାପଡ଼ା ବ୍ଲକରେ ୮୫, ଆଠଗଡ଼ ବ୍ଲକରେ ୪୧୫୯, ବଡ଼ମ୍ବା ବ୍ଲକରେ ୨୦୬୬, ବାଙ୍କୀ ବ୍ଲକରେ ୬୦୮, ଡମପଡ଼ା ବ୍ଲକରେ ୧୬୮୭, ବାରଙ୍ଗ ବ୍ଲକରେ ୩୪୮, କଟକ ସଦର ବ୍ଲକରେ ୩୨୮୭, ନରସିଂହପୁର ବ୍ଲକରେ ୧୭୪୨, ନିଆଳି ବ୍ଲକରେ ୧୬୪୫, ନିଶ୍ଚିନ୍ତକୋଇଲି ବ୍ଲକରେ ୫୭୪୯, ସାଲେପୁର ବ୍ଲକରେ ୧୧୭୧, ଟାଙ୍ଗୀ-ଚୌଦ୍ୱାର ବ୍ଲକରେ ୬୦୮ ଓ ତିଗିରିଆ ବ୍ଲକରେ ୩୬୧ ଜଣଙ୍କୁ ଠାବ କରାଯାଇଥିଲା। ମାତ୍ର ଏହା ପରେ ବି ଅଯୋଗ୍ୟ ହିତାଧିକାରୀମାନେ ଘର ନେବାରେ ସଫଳ ହୋଇଛନ୍ତି। ଯାହାର ପ୍ରମାଣ ମାହାଙ୍ଗା ଓ ବଡ଼ମ୍ବା ବ୍ଲକରୁ ମିଳିଛି। ଏବେ ପୁଣିଥରେ ଜିଲାର ୧୪ଟି ବ୍ଲକରେ ଥିବା ୩୭୩ ପଞ୍ଚାୟତରେ ଅଯୋଗ୍ୟ ହିତାଧିକାରୀଙ୍କୁ ଖୋଜା ଚାଲିଛି। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଜଣେ ଅଧିକାରୀଙ୍କ ସୂଚନା ଅନୁଯାୟୀ, ଚାଲିଥିବା ଯାଞ୍ଚରେ ବହୁ ସଂଖ୍ୟକ ଅଯୋଗ୍ୟ ବାହାରିଲେଣି। ସେମାନଙ୍କ ମଧ୍ୟରୁ ଅଧିକାଂଶ ଯୋଜନା ବାବଦୀୟ ସମସ୍ତ ଅର୍ଥ ଉଠାଇ ନେଇଥିବା ଜଣାପଡ଼ିଛି। ଏଭଳି ସ୍ଥିତିରେ ଜିଲାର ବିଡିଓମାନଙ୍କୁ ଦୈନିକ ଗୃହ ନିର୍ମାଣ ସମ୍ପୂର୍ଣ୍ଣ କରିବା ପାଇଁ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପକ୍ଷରୁ ଯେଉଁ ଟାର୍ଗେଟ ଦିଆଯାଇଛି, ତାହା ଉପରେ ଲକ୍ଷ୍ୟ ପକାଇଲେ ଅତ୍ୟନ୍ତ ଦୟନୀୟ ଚିତ୍ର ସାମ୍ନାକୁ ଆସୁଛି। ଆଠଗଡ଼ ବ୍ଲକକୁ ଦୈନିକ ୪୨ଟି ଘର ସମ୍ପୂର୍ଣ୍ଣ କରିବା ପାଇଁ ଟାର୍ଗେଟ ଦିଆଯାଇଥିବାବେଳେ ସଫଳତା ହାର ୧.୯୩ ରହିଛି। ସେହିପରି ବଡ଼ମ୍ବା ବ୍ଲକକୁ ଦୈନିକ ୫୮ଟି ଘର ସମ୍ପୂର୍ଣ୍ଣ କରିବାକୁ ଟାର୍ଗେଟ ଥିବାବେଳେ ସଫଳତା ୦.୭୬ ରହିଛି। ବାଙ୍କୀକୁ ୨୬ଟି ଘର ନିର୍ମାଣ ପାଇଁ ଟାର୍ଗେଟ ଦିଆଯାଇଥିବାବେଳେ ସେଠାରେ ସଫଳତା ୧.୦୪ ରହିଛି। ଏହିଭଳି ଭାବେ ଦେଖିଲେ ଦୈନିକ ସଫଳତା ହାର ୧୩.୨୫ ରହିଛି। ମୁଖ୍ୟତଃ ଗୃହ ନିର୍ମାଣ ତଦାରଖ ଦାୟିତ୍ୱରେ ଥିବା ପଞ୍ଚାୟତ ନିର୍ବାହୀ ଅଧିକାରୀମାନଙ୍କ ଯୋଗୁ ଏଭଳି ପରିସ୍ଥିତି ଉପୁଜିଛି। ହିତାଧିକାରୀ ହାତଗୁଞ୍ଜା ନ ଦେବା ପର୍ଯ୍ୟନ୍ତ ସେମାନଙ୍କ ଆକାଉଣ୍ଟକୁ କିଛି ଟଙ୍କା ପଇଠ କରାଯାଉ ନ ଥିବା କେତେଜଣ ହିତାଧିକାରୀ ନାମ ଗୋପନ ରଖି କହିଛନ୍ତି।

ସୂଚନାଥାଉ କି, ଜିଲାରେ ମାହାଙ୍ଗା ଓ ବଡ଼ମ୍ବା ବ୍ଲକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟାପକ ଦୁର୍ନୀତିକୁ ନେଇ ଏବେ ଖୋଳତାଡ଼ ଚାଲିଛି। ରାଜ୍ୟ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ତଦନ୍ତ କରାଯିବା ପରେ ଏହି ଦୁଇଟି ବ୍ଲକରେ ହୋଇଥିବା ଆଖିବୁଜା ଅନିୟମିତତା ସାମ୍ନାକୁ ଆସିଥିଲା। ବଡ଼ମ୍ବା ବ୍ଲକ ଘଟଣାରେ ଥାନାରେ ମାମଲା ରୁଜୁ ହୋଇଥିବାବେଳେ ମାହାଙ୍ଗା ଘଟଣାରେ ତଦନ୍ତ ପାଇଁ ଭିଜିଲାନ୍ସକୁ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପକ୍ଷରୁ ସୁପାରିସ କରାଯାଇଛି। ସେହିପରି ମାହାଙ୍ଗା ଘଟଣାରେ ଅଭିଯୁକ୍ତଙ୍କ ବିରୋଧରେ ଫୌଜଦାରି ମାମଲା ରୁଜୁ କରିବା ପାଇଁ ଗ୍ରାମାଞ୍ଚଳ ଏସ୍‌ପିଙ୍କୁ ମଧ୍ୟ ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପକ୍ଷରୁ ଚିଠି କରାଯାଇଛି। ଏହି ଦୁଇଟି ବ୍ଲକରେ ହୋଇଥିବା ଦୁର୍ନୀତି ସାମ୍ନାକୁ ଆସିବା ପରେ ଏବେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପକ୍ଷରୁ ସମଗ୍ର ଜିଲାରେ ଖୋଳତାଡ଼ ଆରମ୍ଭ ହୋଇଛି। ଏ ସମ୍ପର୍କରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ମହମ୍ମଦ ଅବଦାଲ ଅଖତାର କୁହନ୍ତି, ଅଯୋଗ୍ୟ ହିତାଧିକାରୀଙ୍କୁ ଖୋଜି ବାହାର କରିବା ପାଇଁ ବିଡିଓମାନଙ୍କୁ କୁହାଯାଇଛି। ରିପୋର୍ଟ ମିଳିବା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

> ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଜଣେ ହିତାଧିକାରୀଙ୍କୁ ଗୃହ ନିର୍ମାଣ ବାବଦରେ ୧ ଲକ୍ଷ ୨୦ହଜାର ଟଙ୍କାର ଆର୍ଥିକ ସହାୟତା ସରକାର ଯୋଗାଉଛନ୍ତି। ନିୟମ କହୁଛି, ଯଦି ହିତାଧିକାରୀ ୪ ମାସ ମଧ୍ୟରେ ଗୃହ ନିର୍ମାଣ ଶେଷ କରନ୍ତି ତେବେ ତାଙ୍କୁ ଅଧିକ ୨୦ହଜାର ଟଙ୍କା ଓ ୬ ମାସ ମଧ୍ୟରେ ଶେଷ କଲେ ୧୦ହଜାର ଟଙ୍କା ବୋନସ ଆକାରରେ ରାଜ୍ୟ ସରକାର ଯୋଗାଇଦେବେ। ମାତ୍ର ଯୋଜନାକୁ ସରକାରୀ ସ୍ତରରେ ବାଟମାରଣା କରାଯାଉଛି। ଫଳରେ ଅନେକ ଯୋଗ୍ୟ ହିତାଧିକାରୀ ଯୋଜନାରୁ ବଞ୍ଚିତ ହେଉଥିବାବେଳେ ଅଯୋଗ୍ୟମାନେ ଏଥିରୁ ଫାଇଦା ମାରୁଛନ୍ତି।

**ଆବାସ ଦୁର୍ନୀତି**

### ପ୍ରଧାନମନ୍ତ୍ରୀ ଆବାସ ତାଲିକାରେ ବ୍ୟାପକ ଦୁର୍ନୀତି
## ଭାଜପାର ତଦନ୍ତ ଦାବି

**କଟକ ଅଫିସ, ୬।୧୧**

କଟକ ସଦର ବ୍ଲକ ଅଧୀନ ୨୩ ପଞ୍ଚାୟତରୁ ଗତିରାଉତପାଟଣା ଓ ଫକୀରପଡ଼ାରେ ପ୍ରଧାନମନ୍ତ୍ରୀ ଆବାସର ଜିଓ ଟ୍ୟାଗିଂ ତାଲିକା ହୋଇନାହିଁ। ବାକି ୨୧ ପଞ୍ଚାୟତରେ ପକ୍କାଘର ପାଇବାକୁ ୨୩୩୯ ଜଣଙ୍କର ତାଲିକା ପ୍ରସ୍ତୁତି କରିଛନ୍ତି ବିଡିଓ। ଏହି ତାଲିକାରେ ବ୍ୟାପକ ଅନିୟମିତତା ହୋଇଛି। ୪୦୦ରୁ ଅଧିକ ଅଯୋଗ୍ୟ ଲୋକଙ୍କୁ ତାଲିକାରେ ନିଆଯାଇଥିବାବେଳେ ପ୍ରକୃତ ଗରିବ ଲୋକ ଓ ଫନୀ କ୍ଷତିଗ୍ରସ୍ତ ପରିବାରକୁ ବାଦ୍ ଦିଆଯାଇଛି ବୋଲି ଭାଜପା ରାଜ୍ୟ ସମ୍ପାଦକ ଦିଲୀପ ମଲ୍ଲିକ କହିଛନ୍ତି। ଗତ ୨୪ ତାରିଖ ପୂର୍ବରୁ କ୍ଷତିଗ୍ରସ୍ତ ଓ ପ୍ରକୃତ ଗରିବ ଲୋକ ବ୍ଲକରେ ତଥା କଟକ ପ୍ରକଳ୍ପ ଅଧିକାରୀଙ୍କ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ। ଏହା ସତ୍ତ୍ୱେ କଟକ ସଦରରେ ପୁନଃ ସର୍ବେକ୍ଷଣ ନ ହେବା ଦୁର୍ଭାଗ୍ୟଜନକ। ୨୩ ପଞ୍ଚାୟତରେ ଆଉ ଥରେ ତାଲିକାର ନିରପେକ୍ଷ ତଦନ୍ତ କରାଯାଇ ଅଯୋଗ୍ୟ ହିତାଧିକାରୀଙ୍କୁ ବାଦ୍ ଦେଇ ଯୋଗ୍ୟ ଲୋକଙ୍କୁ ତାଲିକାଭୁକ୍ତ କରିବାକୁ ମଲ୍ଲିକ ଦାବି କରିଛନ୍ତି।

## ସଂକ୍ଷେପରେ

### ୫ଟଙ୍କା ଟିକସ ଆଦାୟ ବନ୍ଦ ହେଉ

**ଖୁଣ୍ଟୁଣୀ,୬।୧୧(ଡି.ଏନ୍.ଏ):** ଧବଳେଶ୍ୱର ଦେବଙ୍କ ଦର୍ଶନ ପାଇଁ ଆସୁଥିବା ଶ୍ରଦ୍ଧାଳୁଙ୍କୁ ଶୁକ୍ରବାର ଠାରୁ ଝୁଲାପୋଲ ଟିକସ ୨ଟଙ୍କା ପରିବର୍ତ୍ତେ ୫ଟଙ୍କା ଦେବାକୁ ଜିଲା ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ହୋଇଛି। ଏହି ନିଷ୍ପତ୍ତିକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ନିଷ୍ପତ୍ତିକୁ ବନ୍ଦ ରଖିବାକୁ କଖଡିର ପୂର୍ବତନ ସରପଞ୍ଚ ସୁଶାନ୍ତ ନାୟକଙ୍କ ନେତୃତ୍ୱରେ ସାମାଜିକ କର୍ମୀ ନିରାକାର ନାୟକ, ଅନନ୍ତ ଚରଣ ପୃଷ୍ଟି, ରବୀନ୍ଦ୍ର ପ୍ରଧାନ, ମନୋଜ ରାଉତ, ଜ୍ଞାନରଞ୍ଜନ ମହାନ୍ତି, କାର୍ତ୍ତିକ ଖଣ୍ଡୁଆଙ୍କ ସମେତ ବହୁ କର୍ମୀଙ୍କ ଦସ୍ତଖତ ସମ୍ବଳିତ ଏକ ଦାବିପତ୍ର ମଙ୍ଗଳବାର ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପଠାଯାଇଛି। ଏ ସମ୍ପର୍କରେ ଦେବୋତ୍ତର ସୁପରଭାଇଜର କରୁଣାକର ବେହେରା କୁହନ୍ତି, ଏହି ଧାର୍ଯ୍ୟ ଟିକସ କେବଳ ପଞ୍ଚକ ୫ଦିନ ଆଦାୟ କରାଯିବା ପାଇଁ ନିଷ୍ପତ୍ତି ହୋଇଛି। ଏଥିରେ ଆତଙ୍କିତ ହେବାର ନାହିଁ। ସୂଚନାଥାଉ କି, ଅକ୍ଟୋବର ୧୭ରେ ହୋଇଥିବା ପ୍ରସ୍ତୁତି ବୈଠକରେ ଚଳିତବର୍ଷ ପଞ୍ଚକ ଓ ବଡଓଷା ପାଇଁ ଝୁଲାପୋଲରେ ଯିବାକୁ ହେଲେ ୫ଟଙ୍କା ଧାର୍ଯ୍ୟ କରାଯାଇଥିବା ଜିଲାପାଳ ଘୋଷଣା କରିଥିଲେ।

### ପଣ୍ଡିତ ନୀଳକଣ୍ଠ ଦାସ, ଫଡ୍ଡୁରାନନ୍ଦଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ

**କଟକ ଅଫିସ, ୬।୧୧:** ସାମାଜିକ ଅନୁଷ୍ଠାନ ସମୀଚୀନ ଆନୁକୂଲ୍ୟରେ ମର୍କତନଗରଠାରେ ପଣ୍ଡିତ ନୀଳକଣ୍ଠ ଦାସ ଓ ବ୍ୟଙ୍ଗକବି ଫଡ୍ଡୁରାନନ୍ଦଙ୍କ ଶ୍ରାଦ୍ଧବାର୍ଷିକୀ ବୁଧବାର ପାଳିତ ହୋଇଯାଇଛି। ସାମାଜିକ କର୍ମୀ ଗୋବିନ୍ଦ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଟକ ମହାନଗର ନାଗରିକ ମହାସଭାର ସଭାପତି ଡା. ରବି ରଞ୍ଜନ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ପଣ୍ଡିତ ନୀଳକଣ୍ଠ ଦାସ ଗୋପବନ୍ଧୁଙ୍କ ଦ୍ୱାରା ପ୍ରଭାବିତ ହୋଇ ସେବାକୁ ବ୍ରତ ଭାବେ ଗ୍ରହଣ କରିଥିଲେ। ସେହିପରି କଟକ ମେଡ଼ିକାଲ ସ୍କୁଲରେ ପଢୁଥିବା ସମୟରେ ଫଡ୍ଡୁରାନନ୍ଦଙ୍କ ସାହିତ୍ୟ ପ୍ରତି ମନ ଢ଼ଳିଥିଲା। ଓଡ଼ିଆ ବାଣୀଭଣ୍ଡାରକୁ ତାଙ୍କର ଦାନ ଅତୁଳନୀୟ ବୋଲି ଡା. ସାହୁ କହିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ଡା. ପରିଣୀତା ଦାସ ଯୋଗ ଦେଇଥିଲେ। ଡା. ରେଣୁକା ପରିଜା, ଗୀତିସୁଧା ସାହୁ, ପବିତ୍ର ମହାନ୍ତି ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସୁଲୋଚନା ମହାରଣା ଧନ୍ୟବାଦ ଦେଇଥିଲେ।

### ବାରିକ ସମାଜ ପକ୍ଷରୁ ଜିଲାପାଳଙ୍କୁ ସ୍ମାରକପତ୍ର

**କଟକ ଅଫିସ, ୬।୧୧:** ସମାଜର ସଂସ୍କାର ପାଇଁ ବାରିକମାନଙ୍କ ବହୁତ ଅବଦାନ ରହିଛି। ସବୁ ବର୍ଗର ପରିବାରଙ୍କର ଶୁଭଅଶୁଭ କାର୍ଯ୍ୟରେ ବାରିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ। ଯେଉଁଥିପାଇଁ ରାଜାଙ୍କ ସମୟରୁ ବାରିକଙ୍କୁ ଉଚ୍ଚ ସମ୍ମାନରେ ଭୂଷିତ କରାଯାଇଥାଏ। କିନ୍ତୁ ବାରିକ ସମାଜରେ ଉପାଧିପ୍ରାପ୍ତ ଭଣ୍ଡାରି ଶବ୍ଦକୁ କଦର୍ଥ କରାଯାଇଛି। ବିଭିନ୍ନ ଗଣମାଧ୍ୟମ, ପତ୍ରପତ୍ରିକାରେ, ବକ୍ତୃତା ସମୟରେ ବ୍ୟବହାର ହେଉଥିବା ଲୋକକଥା ଯଥା ମାର ମାର ଭଣ୍ଡାରିଆକୁ ମାର, ଭଣ୍ଡାରି ମୁଣ୍ଡରେ ଅଠା, କାହିଁ ରାମ ରାଜା କାହିଁ ରାମିଆ ଭଣ୍ଡାରି ଇତ୍ୟାଦି ଶବ୍ଦ ବ୍ୟବହାରକୁ ବନ୍ଦ କରାଯାଉ। କୌଣସି ଗୋଟିଏ ଘଟଣାକୁ ବ୍ୟବହାର କରି ଯେକୌଣସି ଜାତି ସମ୍ପ୍ରଦାୟକୁ ବ୍ୟଙ୍ଗ କଲେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ବାରିକ ବୃତ୍ତିକୁ ସ୍ୱତନ୍ତ୍ର ମର୍ଯ୍ୟାଦା ଦେବାସହ କୁଶଳୀ କାରିଗରକୁ ଭତ୍ତା ପ୍ରଦାନ କରାଯାଉ। ଏହିପରି ବିଭିନ୍ନ ଦାବି ନେଇ ବୁଧବାର ବାରିକ ସମାଜ ପକ୍ଷରୁ ଏକ ସ୍ମାରକପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି।

### ଜିଲାସ୍ତରୀୟ ସଞ୍ଚୟ ପକ୍ଷ ପାଳନ

**କଟକ ଅଫିସ, ୬।୧୧:** ଜିଲାସ୍ତରୀୟ ସଞ୍ଚୟ ପକ୍ଷ ପାଳନ ପରିପ୍ରେକ୍ଷୀରେ ବୁଧବାର ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ ଅଧକ୍ଷତା କରି କହିଥିଲେ, ପ୍ରତିଦିନ ରୋଜଗାରରୁ କିଛି କିଛି ଭବିଷ୍ୟତ ପାଇଁ ସଞ୍ଚୟ କଲେ, ଆବଶ୍ୟକ ବେଳେ ଏହି ଅର୍ଥ ଆପଣଙ୍କର ବହୁ ଉପକାରରେ ଆସିବ। ଏହି ବୈଠକରେ କଟକ ଜିପିଓର ବରିଷ୍ଠ ପୋଷ୍ଟ ମାଷ୍ଟର ମହମ୍ମଦ ନୋମାନ, ଡାକ ବିଭାଗ କଟକ ସିଟି ଡିଭିଜନର ସହକାରୀ ଅଧକ୍ଷା ସ୍ମିତା ମହାପାତ୍ର, ଅକ୍ଷୟ ଷଡଙ୍ଗୀ, ଅମ୍ବରୀଶ ସାମଲ ଓ ଶୁଭଶ୍ରୀ ଶୁଚିସ୍ମିତା ନନ୍ଦ ଉପସ୍ଥିତ ଥିଲେ।



କଟକ ବାଖରାବାଦସ୍ଥିତ ଗାନ୍ଧୀଭବନରେ ସଂଗ୍ରାମୀ, ସାମ୍ୟବାଦୀ ନେତା ପ୍ରହ୍ଲାଦ ସେଠୀଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ତାଙ୍କ ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିବା ବ୍ୟକ୍ତିବୃନ୍ଦ।

### ଆଜିଠୁ ବ୍ଲକରେ ପୁଣି ଜିଓ ଟ୍ୟାଗିଂ

**କଣ୍ଟାପଡ଼ା,୬।୧୧(ଡି.ଏନ୍.ଏ)**

ବାତ୍ୟା 'ଫନୀ'ରେ ବାସଗୃହ ହରାଇଥିବା ପରିବାରଗୁଡ଼ିକୁ ସ୍ୱତନ୍ତ୍ର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ ପାଇଁ ଗୁରବାର ଠାରୁ କଣ୍ଟାପଡା ବ୍ଲକର ବିଭିନ୍ନ ପଞ୍ଚାତରେ ଜିଓଟ୍ୟାଗିଂ କରାଯିବାକୁ ସ୍ଥିର କରାଯାଇଛି। ଏହି କାର୍ଯ୍ୟ ୧୭ତାରିଖରେ ଶେଷ ହେବ ବୋଲି ବ୍ଲକର ଜଣେ ଅଧିକାରୀ କହିଛନ୍ତି। ପ୍ରତି ପଞ୍ଚାୟତରେ ଜିଓଟ୍ୟାଗିଂ ପାଇଁ ଜଣେ ସମ୍ପ୍ରସାରଣ ଅଧିକାରୀଙ୍କ ସମେତ ୨ଜଣ ଅଙ୍ଗନୱାଡି କର୍ମୀ, ୨ଜଣ ଶିକ୍ଷକ ଓ ଜଣେ ପଞ୍ଚାୟତ ନିର୍ବାହୀ ଅଧିକରୀଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇଛି। ସୂଚନାଯୋଗ୍ୟ, ଫନୀ ପରେ ଜିଓଟ୍ୟାଗିଂ କରାଯାଇ ପଞ୍ଚାୟତ କାର୍ଯ୍ୟାଳୟରେ ହିତାଧିକାରୀଙ୍କ ନାମ ତାଲିକା ପ୍ରକାଶ ପାଇଥିଲା। ଏହି ତାଲିକାରୁ ବାଦ ପଡିଥିବା ବଡପାଟସୁନ୍ଦରପୁର ପଞ୍ଚାୟତର ବହୁ ବିପନ୍ନ କୋର୍ଟରେ ଦ୍ୱାରସ୍ଥ ହୋଇଥିଲେ। ଉକ୍ତ ମାମଲାର ବିଚାରକରି ୨ମାସ ମଧ୍ୟରେ ରିପୋର୍ଟ ପ୍ରଦାନ ପାଇଁ ହାଇକୋର୍ଟ କଟକ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିରୁ ବାଦ ପଡିଥିବା ହିତାଧିକାରୀଙ୍କୁ ନେଇ ସ୍ଥାନୀୟ ଭାଜପା ପକ୍ଷରୁ ବ୍ଲକ ସମ୍ମୁଖରେ ଧାରଣା ଦିଆଯାଇଥିଲା। ପୁନର୍ବାର ତଦନ୍ତ ହେଲେ ଜିଓଟ୍ୟାଗିଂରେ ସାମିଲ ହୋଇଥିବା ବହୁ ଅଯୋଗ୍ୟ ହିତାଧିକାରୀ ବାଦ୍ ପଡିବେ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଶିକ୍ଷକ ସଂଘ ଜିଓ ଟ୍ୟାଗିଂରେ ସାମିଲ ନ ହେବା ପାଇଁ ଲିଖିତ ଭାବେ ବ୍ଲକ ଶିକ୍ଷାଧିକାରୀଙ୍କୁ ଜଣାଇଛନ୍ତି। ଫଳରେ କମ ସଂଖ୍ୟକ କର୍ମଚାରୀଙ୍କୁ ନେଇ ଜିଓଟ୍ୟାଗିଂ କିଭଳି ହେବ ସେ ନେଇ ସାଧାରଣରେ ଚର୍ଚ୍ଚା ହେଉଛି।

### ପଞ୍ଚାୟତ ସମିତି ବୈଠକ ବାତିଲ

**କଟକ ସଦର,୬।୧୧(ଡି.ଏନ୍.ଏ)**

କଟକ ସଦର ପଞ୍ଚାୟତ ସମିତିର ସାଧାରଣ ବୈଠକ ବୁଧବାର ଅଧକ୍ଷା ଶ୍ରୀମନ୍ତିନୀ ବେହେରାଙ୍କ ଆରମ୍ଭ ହୋଇଥିଲା। ବୈଠକରେ ପଞ୍ଚାୟତ ସମିତି ଅଂଶଧନ ବାବଦକୁ ୧କୋଟି ୯ଲକ୍ଷ ୭୦ହଜାର ଟଙ୍କାକୁ କେବଳ ସମିତି ସଭ୍ୟାସଭ୍ୟମାନେ ବାଣ୍ଟିବା ପାଇଁ ପ୍ରସ୍ତାବ ଦିଆଯାଇଥିଲା। କିନ୍ତୁ ହଠାତ୍ ଫକିରପଡ଼ା ସରପଞ୍ଚ ଯତୀନ ରାଉଳ, ନିମେଇସାପୁରର ତ୍ରିଲୋଚନ ସ୍ୱାଇଁ, ଇଲାବତୀ ବିଶୋୟୀ, ଜିଲା ପରିଷଦ ସଭ୍ୟ ଜୀବନ ସାମନ୍ତରାୟ ପ୍ରମୁଖ ବିଡିଓ ଦେବାଶିଷ ପଟ୍ଟନାୟକଙ୍କ ନାମରେ ଥିବା ମାମଲା ପ୍ରତ୍ୟାହାର ପାଇଁ ଜିଦ୍ ଧରିଥିଲେ। ଅନ୍ୟପକ୍ଷରେ ଅଧକ୍ଷାଙ୍କ ପୁରୁଣା ପ୍ରକୋଷ୍ଠକୁ ଖୋଲିବା ପାଇଁ ସରପଞ୍ଚ ଲକ୍ଷ୍ମୀପ୍ରିୟା ସ୍ୱାଇଁ, ଗୋକୁଳ ପ୍ରଧାନ ଓ ବିଶ୍ୱନାଥ ବସ୍ତିଆ ଦାବି କରିଥିଲେ। ବିଡିଓଙ୍କ ନାମରେ ଥିବା ମାମଲା ଉଠାଇବା ପାଇଁ ଅଧକ୍ଷା ବେହେରା ରାଜି ନ ହେବାରୁ ବିଜେଡି ସମର୍ଥିତ ସରପଞ୍ଚ, ସମିତି ସଭ୍ୟାସଭ୍ୟ ଓ ଜିଲା ପରିଷଦ ସଭ୍ୟାସଭ୍ୟମାନେ କକ୍ଷ ତ୍ୟାଗ କରିଥିଲେ। ଫଳରେ ବୈଠକ ବାତିଲ ହୋଇଥିଲା। ସୂଚନାଥାଉ କି, ୨୦୧୮ ମାର୍ଚ୍ଚ ୭ରେ ଶେଷ ବୈଠକ ଅନୁଷ୍ଠିତ ହୋଇଥିଲା।



**ବିଦ୍ୟାଧରପୁର କାଳୀ ଭସାଣି:** ବିସର୍ଜନ ପାଇଁ ମା'ଙ୍କ ମୃଣ୍ମୟୀ ପ୍ରତିମାକୁ ଶୋଭାଯାତ୍ରାରେ ନିଆଯାଉଛି।

## ■ 'ଜିରୋ ଫେଲ' ନୀତି ଆପଣେଇଲା ସ୍ୱେଚ୍ଛାସେବୀ ଅନୁଷ୍ଠାନ

# ପିଲାଙ୍କ ପିଛା ଆଦାୟ ହେଉଛି ୮୦ଟଙ୍କା

**ଟାଙ୍ଗୀ(କଟକ),୬।୧୧(ଡି.ଏନ୍.ଏ)**

ପ୍ରତ୍ୟେକଦିନ ଅପରାହ୍ନ ୫ଟାରୁ ୭ଟା ପାଠପଢା। ବର୍ଷକୁ ୨ହଳ ଡ୍ରେସ, ହଳେ ଜୋତା ସହ ପ୍ରତିଦିନ ଜଳଖିଆରେ ବିସ୍କୁଟ ଖାଇବାକୁ ମିଳିବ। କୌଣସି ଛାତ୍ରୀଛାତ୍ର ପରୀକ୍ଷାରେ ଫେଲ ହେବେ ନାହିଁ। ସରକାରଙ୍କ 'ଜିରୋ ଫେଲ୍' ନୀତିରେ ୫ବର୍ଷ ପର୍ଯ୍ୟନ୍ତ ପାଠପଢ଼ା ଚାଲୁ ରହିବ। ଏଥି ନିମନ୍ତେ ସରକାରଙ୍କ ଅନୁମତି ରହିଛି କହି ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ୬ରୁ ୧୪ବର୍ଷ ପିଲାଙ୍କ ପିଛା ୮୦ଟଙ୍କା ଲେଖାଏ ଆଦାୟ କରୁଛନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି ଟାଙ୍ଗୀ-ଚୌଦ୍ୱାର ବ୍ଲକ ସଫା, କରଞ୍ଜି ଓ ଗରୁଡ଼ଗାଁ ପଞ୍ଚାୟତରେ।

ସୂଚନା ଅନୁଯାୟୀ, ଆଦିବାସୀ ବହୁଳ ଉକ୍ତ ୩ଟି ପଞ୍ଚାୟତର ଛାତ୍ରୀଛାତ୍ରଙ୍କ ଶିକ୍ଷାର ବିକାଶ ନିମନ୍ତେ ପ୍ରତ୍ୟେକ ଗ୍ରାମରେ ସରକାରୀ ପ୍ରାଥମିକ ବିଦ୍ୟାଳୟ ରହିଛି। ଏଥିସହ ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ବିଭାଗ ପକ୍ଷରୁ ବିଶ୍ୱନାହାକାଣୀ, କୁଶପଡ଼ା ଓ ତୁଳସୀପୁର ଠାରେ ୩ଟି ଆବାସିକ ବିଦ୍ୟାଳୟ ପରିଚାଳିତ ହେଉଛି। ଏସବୁ ସତ୍ତ୍ୱେ ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦୁଇ ଘଣ୍ଟିଆ ପାଠପଢ଼ା ଓ ଉକ୍ତ ସୁବିଧା ସହ ଛାତ୍ରୀଛାତ୍ରଙ୍କୁ ବୀମାଭୁକ୍ତ କରିବା କଥା କହି ଟଙ୍କା ଆଦାୟ କରିବାରେ ଲାଗିଛନ୍ତି। ସ୍ଥାନୀୟ ଅଙ୍ଗନୱାଡି କର୍ମୀଙ୍କ ନିକଟରୁ ପିଲାଙ୍କ ତଥ୍ୟ ହାସଲ କରି ସେମାନଙ୍କୁ ପ୍ରଭାବିତକରି ମହିଳାମାନଙ୍କ ଜରିଆରେ ଅର୍ଥ ଆଦାୟ ହେଉଥିବା ସ୍ଥାନୀୟ ବାସିନ୍ଦା ମହେନ୍ଦ୍ର ସାମଲ ଓ ମନୋରଞ୍ଜନ ଛାଟୋଇ କହିଛନ୍ତି। ସାଧାରଣ ବର୍ଗର ପିଲାଙ୍କ ଠାରୁ ୮୦ଟଙ୍କା ଆଦାୟ କରାଯାଉଥିବାବେଳେ ଆଦିବାସୀ ପିଲାମାନଙ୍କ ଠାରୁ ୭୨ଟଙ୍କା ଆଦାୟ ହେଉଥିବା ସାମାଜିକ କର୍ମୀ ମାନସ ଭଗତ କହିଛନ୍ତି । ଏ ସମ୍ପର୍କରେ ଗରୁଡ଼ଗାଁ ସରପଞ୍ଚ ସୁବୋଧ ସାମଲ କୁହନ୍ତି, ଅର୍ଥ ଆଦାୟ ଘଟଣା ସତ। କିନ୍ତୁ ଏପରି ସରକାରୀ ଯୋଜନା ସମ୍ପର୍କରେ ଜାଣି ନ ଥିବା କହିଛନ୍ତି। ସେହିପରି ଅଙ୍ଗନୱାଡି କର୍ମୀ ପିଲାମାନଙ୍କ ତଥ୍ୟ କିପରି ବିନା ନିର୍ଦ୍ଦେଶରେ ଦେଉଥିବା ସମ୍ପର୍କରେ ସରପଞ୍ଚ ସାମଲ ସଡିପିଓ ପଦ୍ମିନୀ ବକ୍ସି ଓ ବିଡିଓ ବିନୋଦ ସେନାପତିଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଉଭୟେ ଏଭଳି ସରକାରୀ ଯୋଜନାକୁ ଅସ୍ୱୀକାର କରିଥିଲେ। ଯଦି କୌଣସି ଅଙ୍ଗନୱାଡି କର୍ମୀ ସଂଶ୍ଳିଷ୍ଟଥିବା ଅଭିଯୋଗ ଆସେ, ତେବେ ନିୟମାନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ।

## ନିର୍ମାଣ ଠିକାଦାର ସଂଘର କାର୍ଯ୍ୟବନ୍ଦ ପାଇଁ ପ୍ରସ୍ତୁତି

**ବାଙ୍କୀ,୬।୧୧(ବି.ପ୍ର.)**

ରାଜ୍ୟ ସରକାର ଠିକାଦାର ମାରଣା ନୀତି ଅବଲମ୍ବନ କରୁଥିବା ଅଭିଯୋଗ କରି ନିଖିଳ ଓଡିଶା ଠିକାଦାର ମହାସଂଘ ପକ୍ଷରୁ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଆରମ୍ଭ ହୋଇଛି। ଏନେଇ ମହାସଂଘ ପକ୍ଷରୁ ହୋଇଥିବା ୧୦ ଦଫା ଦାବିକୁ ବାଙ୍କୀ ଠିକାଦାର ସଂଘ ସମର୍ଥନ ଜଣାଇଛି। ଏହି ପରିପ୍ରେକ୍ଷୀରେ ବାଙ୍କୀ ବ୍ରହ୍ମେଇ ଠାକୁରାଣୀ ପୀଠରେ ବୁଧବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବାଙ୍କୀ ନିର୍ମାଣ ଠିକାଦାରମାନେ ସାମିଲ ହୋଇ ଶୁକ୍ରବାର ପ୍ରତାପନଗରସ୍ଥିତ ଧାକୁଲେଇ ପୀଠରେ ଅନୁଷ୍ଠିତ ହେବାକୁ ଥିବା ଜିଲାସ୍ତରୀୟ ଠିକାଦାର ସଂଘ ବୈଠକରେ ଯୋଗଦେବା ପାଇଁ ସ୍ଥିର କରିଛନ୍ତି। ସେମାନଙ୍କ ଦାବିଗୁଡ଼ିକ ମଧ୍ୟରେ ୨୦୧୪ରେ ସ୍ଥିରୀକୃତ ସିଡ୍ୟୁଲ୍ ରେଟ୍‌ର ୨୦୧୯ ମୂଲ୍ୟଭିତ୍ତିରେ ପୁନଃଆକଳନ, ଭାରତ ସରକାରଙ୍କର ଷ୍ଟାଣ୍ଡାର୍ଡ ଡାଟାବୁକ୍‌ର ତୁରନ୍ତ ପ୍ରଚଳନ, ଭାରତ ସରକାରଙ୍କ ଟେଣ୍ଡର ନିୟମାବଳୀର ତୁରନ୍ତ ପ୍ରଚଳନ, ରାଜ୍ୟ ସରକାରଙ୍କ ବିଭିନ୍ନ କାର୍ଯ୍ୟରେ ୧୪.୯୯ ପ୍ରତିଶତ କାଟ ମୂଲ୍ୟରସମ୍ପୂର୍ଣ୍ଣ ପ୍ରତ୍ୟାହାର, ହାଇକୋର୍ଟଙ୍କ ବର୍ଦ୍ଧିତ ମୂଲ୍ୟ ସମ୍ପର୍କିତ ନିର୍ଦ୍ଦେଶ ଅନୁଯାୟୀ ପ୍ରାପ୍ୟ ପ୍ରଦାନ, ଶ୍ରମିକ ମଜୁରିର ଉଚିତ୍ ନିର୍ଦ୍ଧାରଣ, ଠିକାଦାରଙ୍କୁ ତତ୍‌ସମ୍ପର୍କିତ ପ୍ରାପ୍ୟ ପ୍ରଦାନ,ତେଲେଙ୍ଗାନା ସରକାରଙ୍କ ନୀତି ଅନୁଯାୟୀ ଜିଏସଟି ପାଇଁ ୧୦% ଅଧିକ ପ୍ରାପ୍ୟ ପ୍ରଦାନ, ଲାଇସେନ୍ସ କ୍ଷମତା ଅନୁଯାୟୀ କାର୍ଯ୍ୟାଦେଶ, ପୂର୍ବ ବ୍ୟବସ୍ଥା ଅନୁଯାୟୀ ବିଭିନ୍ନ ସଞ୍ଚୟ ପତ୍ର ମାଧ୍ୟମରେ ସିକ୍ୟୁରିଟି ପ୍ରଦାନ, ବ୍ୟବସ୍ଥା ନ ଥାଇ ନିର୍ମାଣ ସାମଗ୍ରୀ ପରିବହନ ସମୟରେ ଅନୁମତି ପତ୍ର ଏବଂ ରୟାଲଟି ରସିଦ୍ ଦାଖଲ ନିର୍ଦ୍ଦେଶର ତୁରନ୍ତ ପ୍ରତ୍ୟାହାର ଆଦି ଅନ୍ତର୍ଭୁକ୍ତ ରହିଛି। ଏସବୁ ଦାବି ପୂରଣ ନ ହେଲେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ବାଙ୍କୀ ଠିକାଦାର ସଂଘର ସଭାପତି ପ୍ରଭାତ ଦାସ କହିଛନ୍ତି। ଏହି ପ୍ରସ୍ତୁତି ବୈଠକରେ ଠିକାଦାର ରଜନୀକାନ୍ତ ମିଶ୍ର, ଜିତେନ କୁମାର ମହାପାତ୍ର, ସତ୍ୟରଞ୍ଜନ ସାହୁ, ସତ୍ୟବାଦୀ ଜେନା, ସୁଶିଲ କୁମାର ସାହୁ,ରମେଶ କୁମାର ଦଳେଇ,ସୂର୍ଯ୍ୟକାନ୍ତ ରାଉତ,ପ୍ରସନ୍ନ ବେହେରା ଓ ବିଜୟ କୁମାର ମହାପାତ୍ରଙ୍କ ସମେତ ୪୦ରୁ ଉର୍ଦ୍ଧ୍ୱ କାର୍ଯ୍ୟରତ ନିର୍ମାଣ ଠିକାଦାର ସାମିଲ ହୋଇଥିଲେ।

## ■ ବାଲିଯାତ୍ରାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ଚିନ୍ତା

# ସଂସ୍କୃତି ବିଭାଗ, ଜିଲା ପ୍ରଶାସନ ମଧ୍ୟରେ ରହୁନି ତାଳମେଳ

**କଟକ ଅଫିସ, ୬।୧୧**

ଆସନ୍ତା ୧୨ରେ କଟକ ବାଲିଯାତ୍ରା। ଏଠାରେ ବୁଲାବୁଲି କରିବା ସାଙ୍ଗକୁ ଚଟ୍‌ପଟି ଖାଦ୍ୟର ମଜା ନେବା ପାଇଁ ବହୁ ଦୂରଦୂରାନ୍ତରୁ ଲୋକମାନେ ଆସିଥାନ୍ତି। ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏଠାକାର ମଞ୍ଚରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥାଏ। ଏଠାରେ କଟକ ସହର ସମେତ ରାଜ୍ୟ ଓ ଦେଶରୁ କଳାକାରମାନେ ଆସି ସେମାନଙ୍କ କଳା ପ୍ରଦର୍ଶନ କରିଥାନ୍ତି। ଚଳିତବର୍ଷ କିନ୍ତୁ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେବା ନିମନ୍ତେ କେଉଁ ସ୍ଥାନରୁ କଳାକାର ଆସିବେ ତାହା ଆଜିପର୍ଯ୍ୟନ୍ତ ଚୂଡ଼ାନ୍ତ ହୋଇପାରିଲାନାହିଁ। ସାଂସ୍କୃତିକ କାର୍ଯ୍ୟକ୍ରମକୁ ନେଇ ପ୍ରଶାସନ ଓ ସଂସ୍କୃତି ବିଭାଗ ମଧ୍ୟରେ ସମନ୍ୱୟ ନ ଥିବା ଦେଖିବାକୁ ମିଳିଛି। ଫଳରେ ବାଲିଯାତ୍ରାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣକୁ ନେଇ ଏବେ ପ୍ରଶ୍ନ ଉଠିଛି। ପୂର୍ବରୁ ଇଣ୍ଡୋନେସିଆ, ରାଜ୍ୟ ତଥା ରାଜ୍ୟ ବାହାରୁ କଳାକାରମାନେ ଆସି ନିଜ କଳା ପ୍ରଦର୍ଶନ କରିବେ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଥିଲା। କିନ୍ତୁ ଏ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇନାହିଁ। ପ୍ରଶାସନ ପକ୍ଷରୁ ୩ଟି ଷ୍ଟେଜ କରାଯାଇ ସାଂସ୍କୃତିକ କାର୍ଯ୍ୟକ୍ରମ କିଭଳି ହେବ ସେ ନେଇ ଗୁରୁତ୍ୱ ଦିଆଯାଇଛି। ହେଲେ ଏଥିପାଇଁ କଳାକାର କେଉଁଠୁ ଆସିବେ, କେଉଁ ଜାଗାରେ ରହିବେ, ତାଙ୍କ ପାଇଁ ବାଲିଯାତ୍ରାରେ କି ପ୍ରକାର ବ୍ୟବସ୍ଥା କରାଯିବ ଏ ନେଇ କୌଣସି ସୂଚନା ମିଳିନାହିଁ। ଏ ନେଇ ଜିଲା ସଂସ୍କୃତି ଅଧିକାରୀ ଅନନ୍ତ ପ୍ରସାଦ ସେଠୀ କହିଛନ୍ତି, ଜିଲା ପ୍ରଶାସନ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ବୈଠକ ଚାଲିଛି। ଆହୁରି ଗୋଟିଏ ଦିନ ସମୟ ଲାଗିବ। ବାହାର କଳାକାରଙ୍କ ପାଇଁ କ'ଣ ବ୍ୟବସ୍ଥା କରାଯିବ ତାହା ବୈଠକରେ ନିଷ୍ପତ୍ତି ହେବା ପରେ ଜଣାଯିବ। ସାଂସ୍କୃତିକ କାର୍ଯ୍ୟକ୍ରମକୁ ସୁଚାରୁରୂପେ କରିବା ପାଇଁ ବିଭିନ୍ନ ଟିମ୍ ଗଠନ କରାଯାଇଛି। ବୈଠକରେ ଯାହା ନିଷ୍ପତ୍ତି ହେବ, ଏହି ଟିମ୍ ଜରିଆରେ ସମସ୍ତ କାର୍ଯ୍ୟ କରାଯିବା ପାଇଁ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି। ଅନ୍ୟପକ୍ଷରେ ଏ ସମ୍ପର୍କରେ ମତାମତ ନେବା ପାଇଁ ଜିଲାପାଳଙ୍କ ସହିତ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇ ନ ଥିଲା।



### ପଡ଼ିଆରେ ବ୍ରେକଡ୍ୟାନ୍ସ ଦୋଳି

ବାଲିଯାତ୍ରା ପଡିଆରେ ଏବେଠାରୁ ବ୍ୟବସାୟୀମାନଙ୍କ ଗହଳି ଲାଗିଲାଣି। ପଡିଆରେ ବେତ ତିଆରି ଓ ଘରକରଣା ସାମଗ୍ରୀ ବିକ୍ରି ପାଇଁ ପହଞ୍ଚିଛି। ନିର୍ଦ୍ଦିଷ୍ଟ ସମୟ ପୂର୍ବରୁ ପଡିଆରେ ଷ୍ଟଲ କାମ ଶେଷ କରିବା ପାଇଁ ଲୋକମାନେ ଲାଗି ପଡିଛନ୍ତି। ପଡିଆ ନିକଟରେ ପଡିଥିବା ଗଛକୁ କାଟି ସେଲ୍ଫି ପଏଣ୍ଟ କରାଯିବାକୁ ପ୍ରଶାସନ ଚେଷ୍ଟା କରିଛି। ବାଲିଯାତ୍ରା ପଡ଼ିଆରେ ବ୍ରେକଡ୍ୟାନ୍ସ ଦୋଳି ସହ ଅନ୍ୟ ଦୋଳି ମଧ୍ୟ ପହଞ୍ଚିଛି। ପ୍ରଶାସନ ପକ୍ଷରୁ ରାସ୍ତା କାମ ଓ ଅସ୍ଥାୟୀ ବନ୍ଧ ନିର୍ମାଣ ଜୋର୍‌ସୋର୍‌ରେ ଚାଲିଛି।



ଗୃହକର୍ତ୍ତାଙ୍କ ଉପସ୍ଥିତି ସତ୍ତ୍ୱେ ଯେଉଁ ଘରେ ମହିଳା କିମ୍ବା ବାଳକମାନଙ୍କର ଶାସନ ଚାଲେ, ସେପରି ପରିବାର ସହ ସମ୍ପର୍କ ରଖିଲେ ବିପଦର ସମ୍ଭାବନା ରହିଥାଏ।
-କୌଟିଲ୍ୟ ଚାଣକ୍ୟ



## ସଂକ୍ଷେପରେ

### ବିପିଏମ୍‌ଙ୍କୁ ବାନ୍ଧି ସଭାରେ ବସାଇଲେ ମହିଳା

ଅସଦାଚରଣ, ଦୁର୍ନୀତି ଅଭିଯୋଗ

**ଖୋର୍ଦ୍ଧା ଅଫିସ,୬।୧୧:** ଟାଙ୍ଗୀ ଥାନା ଚିଲିକା ବ୍ଲକ ବିପିଏମ୍‌ଙ୍କୁ ବୁଧବାର କେତେଜଣ ମହିଳା ବାନ୍ଧି ଦେଇ ସଭାରେ ବସାଇଥିଲେ। ବିପିଏମ୍‌ଙ୍କ ପାଖରେ ଜଣେ ମହିଳା ବସିଥିବାବେଳେ ସମ୍ମୁଖରେ ସଭା ଚାଲି ବିଚାର ହୋଇଥିଲା। ବିପିଏମ୍‌ଙ୍କ ନାମରେ ଅସଦାଚରଣ ଓ ଦୁର୍ନୀତି ଅଭିଯୋଗ ରହିଛି। ସେହିଭଳି ବିପିଏମ୍ ପୂର୍ବରୁ ମହିଳାମାନଙ୍କର ସୁଧ ଟଙ୍କା ନେଇ ଫେରାଇ ନ ଥିବା ମଧ ଅଭିଯୋଗ ରହିଛି। ଖବରପାଇ ଜଣେ ସରପଞ୍ଚ ଓ ଟାଙ୍ଗୀ ଥାନା ପୋଲିସ ପହଞ୍ଚି ବିପିଏମ୍‌ଙ୍କୁ ଉଦ୍ଧାର କରିଛନ୍ତି।



### ସମ୍ଭାବ୍ୟ ବର୍ଷାକୁ ନେଇ ଚିନ୍ତାରେ ଚାଷୀ



**ବୋଲଗଡ,୬।୧୧(ଡି.ଏନ.ଏ.)**-ଓଡିଶା ପାଇଁ ବାତ୍ୟା ଟଳିଯିବା ସୂଚନା ମିଳୁଥିଲେ ମଧ୍ୟ ସମ୍ଭାବ୍ୟ ବର୍ଷା ଆଶଙ୍କା ନେଇ ବୋଲଗଡ ବ୍ଲକ ଅଞ୍ଚଳରେ ଚାଷୀମାନେ ଚିନ୍ତାରେ ପଡିଯାଇଛନ୍ତି । ନଭେମ୍ବର ବେଳକୁ ମଝିଆଳି କିସମ ଧାନଗୁଡିକ କାଟିବା ଆରମ୍ଭ ହେବା ସମୟରେ ଏପରି ବର୍ଷା ସୂଚନା ଚାଷୀମାନଙ୍କର ଚିନ୍ତା ବଢାଇଛି । ଯେଉଁ ଜମିଗୁଡିକରେ ଧାନ ଫସଲ ପାଚି ଯାଇଛି ତାକୁ କିଭଳି ବର୍ଷା ପୂର୍ବରୁ କାଟି ସାଇତିବେ ସେ ନେଇ ଲାଗିପଡିଛନ୍ତି। କେତେକ ଚାଷୀ ପାଚିଯାଇଥିବା ଧାନ କାଟି ସେହି ଜମିରେ କଳେଇ ଗଦା କରୁଥିବା ଦେଖିବାକୁ ମିଳିଛି । ଅନ୍ୟପକ୍ଷରେ ଧାନ ପାଚିଲା ସମୟକୁ ବର୍ଷା ହେଲେ ଫସଲ କ୍ଷତି ହେବାର ସମ୍ଭାବନା ଅଧିକ । ସାଧାରଣତଃ ପାଗ ଠିକ୍ ରହିଲେ ନଭେମ୍ବର ୩ୟ ସପ୍ତାହ ସୁଦ୍ଧା ଡିପ ଜମିଗୁଡିକରୁ ଧାନ କଟାଯାଇଥାଏ। ପରେ ମଧ୍ୟମ କିସମ ଧାନଗୁଡିକ ଡିସେମ୍ବର ୨ୟ ସପ୍ତାହ ସୁଦ୍ଧା କଟାଯାଏ । ସେହିପରି ଖାଲୁଆ ଜମି ଗୁଡିକରେ ହୋଇଥିବା ଧାନକୁ ଡିସେମ୍ବର ୩ୟ ସପ୍ତାହ ମଧ୍ୟରେ କଟାଯାଇଥାଏ। ଧାନ କଟା ପରେ ରବି ଫସଲ ପାଇଁ ଚାଷୀ ମାନେ ଜମି ପ୍ରସ୍ତୁତ କରି ମୁଗ,ବିରି ଏବଂ ବିଭିନ୍ନ ଶିତଦିନିଆ ପରିବା ଫସଲ କରିଥାନ୍ତି। ସମ୍ପ୍ରତି ବର୍ଷା ଆଶଙ୍କା କରାଯାଉଥିଲା ବେଳେ ଯଦି ଅତ୍ୟଧିକ ବର୍ଷା ହୁଏ ତେବେ ନିଶ୍ଚିତ ରୂପେ ବହୁ ଜମିର ଧାନ ଫସଲ ନଷ୍ଟ ହେବ ବୋଲି ଚାଷୀ ମହଲରେ ଆଶଙ୍କା ପ୍ରକାଶ ପାଇଛି ।

### ଲୁଲୁ ମହାପାତ୍ରଙ୍କ ଶ୍ରାଦ୍ଧ ଦିବସ

**କୃଷ୍ଣପ୍ରସାଦ, ୬।୧୧(ଡି.ଏନ.ଏ.):** ଯୁବନେତା ଲଲାଟେନ୍ଦୁ ବିଦ୍ୟାଧର ମହାପାତ୍ର(ଲୁଲୁ)ଙ୍କ ତୃତୀୟ ଶ୍ରାଦ୍ଧ ବାର୍ଷିକୀ ଅବସରରେ କୃଷ୍ଣପ୍ରସାଦ ବ୍ଲକ ଭାଜପା ପକ୍ଷରୁ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ତିଛିଣି ତ୍ରିଲୋଚନେଶ୍ୱର ଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ତିଛିଣି ଗ୍ରାମ୍ୟ କମିଟି ସଭାପତି ଏକାଦଶୀ ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବିଧାୟକଙ୍କ ପ୍ରତିନିଧି ରଘୁନାଥ ବଡୁ, ବ୍ଲକ ଭାଜପା ମିଡିଆସେଲ ମୁଖ୍ୟ ସଂଗ୍ରାମ କେଶରୀ ଜେନା, ଶରତ ଚନ୍ଦ୍ର ଜେନା, ଅଲଣ୍ଡା ସରପଞ୍ଚ ବୁଲାମଣୀ ତରେଇ, ସମିତିସଭ୍ୟା ମାନସୀ ସାହୁ, ବ୍ଲକ ଭାଜପା ସଂଯୋଜକ ଅଶୋକ କୁମାର ବିଶ୍ୱାଳ, କାଲୁ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଲୁଲୁ ମହାପାତ୍ରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସରପଞ୍ଚ ନବୀନ କୁମାର ଜେନାଙ୍କ ସମେତ ଶତାଧିକ ଭାଜପା କର୍ମୀ ଯୋଗ ଦେଇଥିଲେ। ସେହିଭଳି ପାରିକୁଦ ଗଡ ଦଳବେହେରାସାହି ଯୁବକ ସଂଘ ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା ହୋଇଥିଲା। ଏଥିରେ ସ୍ଥାନୀୟ ସରପଞ୍ଚ ମିଟୁ ସିଂହସାମନ୍ତ, ସମିତିସଭ୍ୟ ଜିତେନ୍ଦ୍ର କୁମାର ବିଶ୍ୱାଳ, ରାମଚନ୍ଦ୍ର ସେଠୀ, ରାଜ କିଶୋର ଦଣ୍ଡସେଣା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଏକ ସଭା କରାଯାଇ ଲୁଲୁଙ୍କ ସ୍ମୃତିଚାରଣ କରିଥିଲେ।

■ ରାଜସ୍ୱ ବିଭାଗ ପ୍ରମୁଖ ଶାସନ ସଚିବଙ୍କ ଖୋର୍ଦ୍ଧା ଗସ୍ତ

# ରୋଗୀ ସେବା, ଭିତ୍ତିଭୂମି ସମ୍ପର୍କରେ ପଚାରି ବୁଝିଲେ



ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀ ଓ ଡାକ୍ତରଙ୍କ ସହ ସଚିବ ଆଲୋଚନା କରୁଛନ୍ତି ।

**ଖୋର୍ଦ୍ଧା ଅଫିସ,୬।୧୧**

ରାଜ୍ୟ ସରକାରଙ୍କର ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ପ୍ରମୁଖ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ ଖୋର୍ଦ୍ଧା ଜିଲାକୁ ବୁଧବାର ଗସ୍ତରେ ଆସିଥିଲେ। ସେ ଜିଲା ମୁଖ୍ୟ ଚିକିତ୍ସାଳୟର ରୋଗୀ ସେବା ଓ ଭିତ୍ତିଭୂମି ସମ୍ପର୍କରେ ପଚାରି ବୁଝିଥିଲେ। ସେ ପହଞ୍ଚିବା ପରେ ନିରାମୟରେ ଔଷଧ ନେବାକୁ ଓ ଟିକେଟ ରେଜିଷ୍ଟ୍ରେଶନ କାଉଣ୍ଟରରେ ଧାଡିରେ ଥିବା ଲୋକଙ୍କୁ ଚିକିତ୍ସାଳୟର ସମସ୍ୟା ନେଇ ପଚାରି ବୁଝିଥିଲେ। ପରେ ଜରୁରିକାଳୀନ ୱାର୍ଡ, କାଜୁଆଲ୍‌ଟି ବୁଲି ଦେଖିଥିଲେ। ଅନ୍ୟପକ୍ଷେ ମେଡିସିନ୍ ୱାର୍ଡ, ମାତୃ ଓ ଶିଶୁ ହସ୍ପିଟାଲ ବୁଲି ରୋଗୀ, ରୋଗୀଙ୍କ ସମ୍ପର୍କୀୟ ଓ ଡାକ୍ତରଙ୍କ ସହ ଆଲୋଚନା କରିଥିଲେ। ସ୍ୱାସ୍ଥ୍ୟ ସେବା ଠିକ୍‌ରେ ମିଳୁ ନ ଥିବା, ପାଥୋଲୋଜିରେ ରିପୋର୍ଟ ଠିକ୍ ଆସୁ ନ ଥିବା, ରୋଗୀଙ୍କ ପାଇଁ ଉଦ୍ଦିଷ୍ଟ ଖାଦ୍ୟର ମାନ ନିମ୍ନମାନର, ଅଲଟ୍ରାସାଉଣ୍ଡ ସେବା ନ ମିଳିବା, ଡାକ୍ତର ଅଭାବ ନେଇ ପ୍ରମୁଖ ଶାସନ ସଚିବଙ୍କ ଲୋକେ ଦୃଷ୍ଟି ଆକର୍ଷଣ କରିଥିଲେ। ତେବେ ପରିଦର୍ଶନ କରି ଫେରିବା ବେଳେ ଗଣମାଧ୍ୟମକୁ ଜିଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତର ଅଭାବ, ପାଥୋଲୋଜିରେ ଅଧିକ କର୍ମଚାରୀ ନିୟୋଜିତ କରି ଗୁରୁତର ରୋଗୀ ଓ ଚିକିତ୍ସିତ ରୋଗୀଙ୍କୁ ତୁରନ୍ତ ସେବା ଯୋଗାଇବାର ପଦକ୍ଷେପ ନିଆଯିବ। ଦୀର୍ଘଦିନ ଧରି ବନ୍ଦ ରହିଥିବା ଅଲଟ୍ରାସାଉଣ୍ଡ ସେବାକୁ ଚାଲୁ କରାଯିବା ସହ ଏ ଦିଗରେ ସରକାରଙ୍କୁ ଅବଗତ କରାଯାଇ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଛନ୍ତି।

### ହିତାଧିକାରୀଙ୍କ ଫେରାଦ
### ନିର୍ମାଣର ୨ ବର୍ଷ ପରେ ମିଳିଲାନି ପାଇଖାନା ବିଲ୍

ପ୍ରମୁଖ ଶାସନ ସଚିବ ଖୋର୍ଦ୍ଧା ବ୍ଲକର ଟାଙ୍ଗିଆପଡା ଓ ମଲ୍ଲିପୁର ପଞ୍ଚାୟତକୁ ଯାଇ ଉନ୍ନୟନ କାର୍ଯ୍ୟ ପରିଦର୍ଶନ ସହ ସୁବିଧା ଅସୁବିଧା ସମ୍ପର୍କରେ ସ୍ଥାନୀୟ ଜନସାଧାରଣଙ୍କୁ ପଚାରି ବୁଝିଥିଲେ। ଟାଙ୍ଗିଆପଡା ଗ୍ରାମ୍ୟ ଜଳଯୋଗାଣ ପ୍ରକଳ୍ପ ଗୃହ ପରିଦର୍ଶନ କରି ସରପଞ୍ଚ କଲ୍ୟାଣୀ ଦଳେଇଙ୍କ ସହ ପାନୀୟଜଳର ସୁବଣ୍ଟନ ନେଇ ଆଲୋଚନା କରିଥିଲେ। ସରକାରୀ ଅନୁଦାନକୁ ଶୀଘ୍ର ଖର୍ଚ୍ଚ କରିବାକୁ ସରପଞ୍ଚଙ୍କୁ ପରାମର୍ଶ ଦେଇଥିଲେ। ଘରକୁ ଜଳ ଦେଇ ଟିକସ ଆଦାୟ କରିବାକୁ ଗ୍ରାମ୍ୟ ଜଳ କମିଟିର ସଭାପତିଙ୍କ ସହ କଥାବାର୍ତ୍ତା ହୋଇଥିଲେ। ବିଜୁ ପକ୍କାଘର ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପାଇଖାନା ନିର୍ମାଣର ୨ ବର୍ଷ ବିତି ଯାଇଥିଲେ ମଧ ସରକାରୀ ଅନୁଦାନ ମିଳୁ ନ ଥିବା ହିତାଧିକାରୀ ଓ ଟାଙ୍ଗିଆପଡା ସରପଞ୍ଚ ଅଭିଯୋଗ ରଖିଥିଲେ। ଅଭିଯୋଗ ଶୁଣି ପ୍ରମୁଖ ଶାସନ ସଚିବ କହିଥିଲେ ଅନ୍ୟ ଜିଲାରେ ଶୁଣିଥିବା ଅଭିଯୋଗ ଖୋର୍ଦ୍ଧା ଜିଲାରେ ପୁଣି ଶୁଣିଲି। ପ୍ରତିକାର ସ୍ୱରୂପ ତୁରନ୍ତ ବିଲ୍ କରିବାକୁ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଟାଙ୍ଗିଆପଡା ଅଙ୍ଗନୱାଡି କେନ୍ଦ୍ର ୧କୁ ଯାଇ ପିଲାଙ୍କ ନାମ ଲେଖିବା ଓ କହିବାକୁ କହିଥିଲେ। ଘରେ ପାଇଖାନା ଅଛିକି ନାହିଁ ପଚାରି ବୁଝିଥିଲେ। ପାଇଖାନା ବ୍ୟବହାର ଉପରେ ସଚେତନତା କରିବାକୁ ଅଙ୍ଗନୱାଡି କର୍ମୀଙ୍କୁ କହିଥିଲେ। ପରେ ଅଙ୍ଗନୱାଡି କେନ୍ଦ୍ରର ଖାଦ୍ୟ, ଗୃହ ଓ ପଞ୍ଚାୟତର ରାଶନ ଗୋଦାମ ଗୃହ ବୁଲି ଦେଖିଥିଲେ। ମଲ୍ଲିପୁର ପଞ୍ଚାୟତ ଗୃହ ବୁଲି ଦେଖିଥିଲେ। ଶେଷରେ ଜିଲା ମୁଖ୍ୟ ଚିକିତ୍ସାଳୟର ଆହାର କେନ୍ଦ୍ର ପରିଦର୍ଶନ କରିଥିଲେ। ଗସ୍ତ ସମୟରେ ଜିଲାପାଳ ସୀତାଂଶୁ କୁମାର ରାଉତ, ସିଡିଏମ୍‌ଓ ବିଜୟ କୁମାର ମହାପାତ୍ର, ପିଡି ଡିଆରଡିଏ ଦିଗନ୍ତ ରାଉତରାୟ, ବିଡିଓ ପ୍ରଶାନ୍ତ କୁମାର ନାୟକ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଅଶୋକ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

■ ସିକ୍ୟୁରିଟ୍ ଗାର୍ଡଙ୍କୁ ଆକ୍ରମଣ କରି ବିଦ୍ୟୁତ୍ ସାମଗ୍ରୀ ଲୁଟ୍ ଘଟଣା

## ୫ ଅଭିଯୁକ୍ତଙ୍କୁ ଗିରଫ କଲା ପୋଲିସ

**ଯାଁଳା,୬।୧୧(ଡି.ଏନ.ଏ)**

ମାରଣାସ୍ତ୍ରରେ ସଜ୍ଜିତ ୬ରୁ ୭ ଜଣ ଦୁର୍ବୃତ୍ତ ସିକ୍ୟୁରିଟି ଗାର୍ଡଙ୍କୁ ଆକ୍ରମଣ କରି ଏକ ଘରୋଇ କମ୍ପାନୀରୁ ଲକ୍ଷାଧିକ ଟଙ୍କାର ବିଦ୍ୟୁତ୍ ସରଞ୍ଜାମ ଲୁଟି ନେବା ଘଟଣାରେ ଯାଁଳା ଫାଣ୍ଡି ପୋଲିସ ବୁଧବାର ୫ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଚନ୍ଦକା ଥାନା ଅନ୍ତର୍ଗତ ଛତାବର ଗ୍ରାମର ସନ୍ତୋଷ ବେହେରା, ଏହି ଥାନା ମେଣ୍ଢାଶାଳ ହରିପୁର ଗ୍ରାମର ଶେଖ୍ ରାଜା, ଓରଫ ରହିମ, ବାଲିପାଟଣା ଥାନା ରାଜସ ମଠସାହିର ସଦାଶିବ ମଲ୍ଲିକ, ଗଞ୍ଜାମ ପୋଲସରା ଥାନା ବୋଡେଇସୋନି ଗ୍ରାମର ଗଣେଶ ଦାସ, ଏହି ଜିଲା କୋଦଳା ଥାନା ବ୍ରାହ୍ମଣସାହିର ଦୀପୁ ପ୍ରଧାନ। ଜଟଣୀ ଥାନା ଯାଁଳା ଫାଣ୍ଡି ଅନ୍ତର୍ଗତ ଅଳକର ମୌଜାରେ ବିଦ୍ୟୁତ୍ ସରଞ୍ଜାମ ତିଆରି କରୁଥିବା ଷ୍ଟର୍ଲିଂ ୱିଲ୍‌ଶନ୍ ପ୍ରାଇଭେଟ୍ ଲିମିଟେଡ୍ ନାମକ କମ୍ପାନୀରେ ସେପ୍ଟେମ୍ବର ୨୧ ବିଳମ୍ବିତ ରାତିରେ ଏହି ଲୁଟ୍ ହୋଇଥିଲା। ଦୁର୍ବୃତ୍ତମାନେ କମ୍ପାନୀ ମଧ୍ୟରେ ପଶିବା ସମୟରେ ରାତି ଡ୍ୟୁଟିରେ ଥିବା ସିକ୍ୟୁରିଟି ଗାର୍ଡଙ୍କ ନଜରକୁ ଆସିଥିଲେ। ଫଳରେ ଦୁର୍ବୃତ୍ତମାନେ ସିକ୍ୟୁରିଟି ଗାର୍ଡଙ୍କୁ ଆକ୍ରମଣ କରିବା ସହ ମାରଣାସ୍ତ୍ରରେ ଭୟଭୀତ କରାଇଥିଲେ। ପରେ କମ୍ପାନୀର ଗୋଦାମ ଘରୁ ୬ ଡ୍ରମ୍ ଆଲୁମିନିୟମ୍ ବିଦ୍ୟୁତ୍ ତାର ସମେତ ଲକ୍ଷାଧିକ ଟଙ୍କାର ବିଭିନ୍ନ ସରଞ୍ଜାମ ଟ୍ରକ୍‌ରେ ଭର୍ତ୍ତି କରି ଲୁଟି ନେଇ ପଳାଇଥିଲେ। ଗିରଫ ଅଭିଯୁକ୍ତମାନେ ଯାଁଳା ବାଲିଅନ୍ତା, ଖୋର୍ଦ୍ଧା, ବାଙ୍କୀ ଆଦି ଶିଳ୍ପାଞ୍ଚଳରୁ ବିଶେଷକରି ବିଦ୍ୟୁତ୍ ସାମଗ୍ରୀ ଲୁଟ୍ କରିଥାନ୍ତି। ପରେ ଏହାକୁ କଲିକତାରେ ବିକ୍ରୟ କରିଥାନ୍ତି ବୋଲି ପୋଲିସ କହିଛି। ଏମାନଙ୍କ ନାମରେ ଜଟଣୀ ସମେତ ଅନ୍ୟ ଥାନାରେ ମାମଲା ରହିଥିବା ପୋଲିସ ସୂଚନା ଦେଇଛି। ଥାନାରେ ନଂ. ୩୭୪/୧୯ରେ ମାମଲା ରୁଜୁ ହୋଇଛି।

■ ବାଣ ବଜାରରୁ ଦୋକାନ ଉଠିବା ୧୦ ଦିନ ବିତିଲାଣି

## ପଡ଼ିଆସାରା ଆବର୍ଜନା, ସଫେଇକୁ ନାହିଁ ନିଘା



ବାଣ ବଜାରରେ ପଡିରହିଥିବା ଆବର୍ଜନା ।

**ଜଟଣୀ,୬।୧୧(ଡି.ଏନ.ଏ.):** ଜଟଣୀ ମ୍ୟୁନିସିପାଲିଟି ଅନ୍ତର୍ଗତ ଷଣ୍ଢପୁର ମୌଜାର ଏକ ଖୋଲା ପଡ଼ିଆରେ ହୋଇଥିଲା ବାଣ ବଜାର। ଏଠାରେ ୮୦ଟି ଦୋକାନ ହୋଇଥିଲା। ହୋଇଥିବା ଏହି ଅସ୍ଥାୟୀ ବାଣଦୋକାନଗୁଡ଼ିକ ଅକ୍ଟୋବର ୨୭ ଦୀପାବଳି ପରଦିନ ତଥା ୧୦ ଦିନ ହେବ ଉଠିଗଲାଣି। ହେଲେ ପଡ଼ିଆସାରା ଜରି ଓ ଅଳିଆ ଆବର୍ଜନାରେ ପୂର୍ଣ୍ଣ ହୋଇ ରହିଛି। ଏଥିପ୍ରତି ସ୍ଥାନୀୟ ପ୍ରଶାସନ ନା ବାଣଦୋକାନୀ କାହାର ନିଘା ନାହିଁ। ସ୍ଥାନୀୟ ହରିଭାଇନା ଛକ ଓ ତଳଖେତା ଛକ ଭଳି ଜଟଣୀର ପ୍ରମୁଖ ରାସ୍ତା ପାର୍ଶ୍ୱରେ ଥିବା ଏହି ପଡ଼ିଆଟିରେ ଏପରି ଅବସ୍ଥା କାହାର ଏଯାବତ୍ ନଜରକୁ ଆସୁ ନ ଥିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏ ନେଇ ଜଟଣୀ ବାଣ ବ୍ୟବସାୟୀ ସଂଘର ସଭାପତି ଜୟନ୍ତ ପଲେଇ କୁହନ୍ତି ପ୍ରତି ଦୋକାନ ପିଛା ୫୦୦ ଟଙ୍କା କରି ୪୦ ହଜାର ଟଙ୍କା ଜଟଣୀ ମ୍ୟୁନିସିପାଲିଟିରେ ପୈଠ କରାଯାଇଥିଲା। ଏଥିପାଇଁ ବାଣବଜାର ପରିସରରେ ଅସ୍ଥାୟୀ ଶୌଚାଳୟ, ପାଣିଟାଙ୍କି ଓ ଦୈନିକ ସଫେଇର ପ୍ରତିଶ୍ରୁତି ମ୍ୟୁନିସିପାଲିଟି କର୍ତ୍ତୃପକ୍ଷ ଦେଇଥିଲେ। ହେଲେ କୌଣସି ସୁବିଧା ଯୋଗାଇ ଦିଆଯାଇ ନ ଥିଲା। ତେଣୁ ସଫେଇ ଦାୟିତ୍ୱ ମ୍ୟୁନିସିପାଲିଟିର ବୋଲି ସେ କହିଛନ୍ତି। ଏ ନେଇ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ତପନ କୁମାର ମହାପାତ୍ର କୁହନ୍ତି, ଶୀଘ୍ର ଏହାର ସଫେଇ କରାଯିବ।

## ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସିପିଆଇ(ଏମ)ର ବିକ୍ଷୋଭ

**ଖୋର୍ଦ୍ଧା ଅଫିସ,୬।୧୧:**

ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିଭିନ୍ନ ଦାବି ନେଇ ସିପିଆଇ(ଏମ୍) ପକ୍ଷରୁ ବୁଧବାର ଗଣଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ହାତୀ ଉପଦ୍ରବରୁ ଫସଲର ସୁରକ୍ଷା, ଫନୀ ବିପନ୍ନଙ୍କୁ ତୁରନ୍ତ ଆର୍ଥିକ ସହାୟତାର ବ୍ୟବସ୍ଥା, ଭାଗଚାଷୀଙ୍କଠାରୁ ସରକାରୀ ଦରରେ ଧାନ କିଣିବା, ପାହାଡ, କ୍ୱାରି ଓ କ୍ରଶରରୁ କାମ ହରାଇଥିବା ଶ୍ରମିକଙ୍କୁ କାମ ଯୋଗାଇବା, ଜଗନ୍ନାଥଙ୍କ ଜମି ଦଖଲରେ ଥିବା ଚାଷୀଙ୍କ ନାଁରେ କରାଇବା ଦାବି ରହିଛି। ସିପିଆଇ(ଏମ୍) ରାଜ୍ୟ କମିଟି ସମ୍ପାଦକ ସୁରେଶ ପାଣିଗ୍ରାହୀଙ୍କ ନେତୃତ୍ୱରେ ଜିଲା କମିଟି ସମ୍ପାଦକ ଅନନ୍ତ ମଙ୍ଗରାଜ, ଜିଲା କମିଟି ସଭ୍ୟ ସାରଙ୍ଗଧର ବେହେରା, ଶୈଳେଶ ବଳିଆରସିଂ ପ୍ରମୁଖ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ।

ମେ ୩ ରେ ବାତ୍ୟା ଫନୀ ଖୋର୍ଦ୍ଧା ଜିଲାରେ ବ୍ୟାପକ କ୍ଷୟକ୍ଷତି କରିଥିଲା। କ୍ଷତିଗ୍ରସ୍ତ ଲୋକ ପଟ୍ଟା, ଆକାଉଣ୍ଟ ନମ୍ବର, ଆଧାର କାର୍ଡ ଜେରକ୍ସ କପି ଦେଲେ। ବାତ୍ୟା ଯିବାର ୬ ମାସ ବିତିଯାଇଥିଲେ ମଧ୍ୟ ବିପନ୍ନମାନେ ଏଯାବତ ଭଙ୍ଗା ଘରେ ରହୁଛନ୍ତି। ସହାୟତା ପାଇବା ପାଇଁ ବିପନ୍ନମାନେ ବାରମ୍ବାର ଦାବି, ଆପତ୍ତି, ଅଭିଯୋଗ, ଧାରଣା, ବିକ୍ଷୋଭ କରିଥିଲେ ମଧ ଅଧିକାଂଶ ଏଯାବତ୍ ପାଇନାହାନ୍ତି। ଖୋର୍ଦ୍ଧା ଜିଲାର ଖୋର୍ଦ୍ଧା, ଟାଙ୍ଗୀ, ବେଗୁନିଆ ବ୍ଲକରେ ହାତୀଙ୍କ ଉପଦ୍ରବ ଲାଗି ରହିଛି। ବିଶେଷକରି ଗୋଡିପଡା, ଗୋଳବାଇ, ଜଙ୍କିଆ, ରାମେଶ୍ୱର, ନିରାକାରପୁର, କଂପୁର, କାଇପଦର, ଓଳସିଂହ, ଗୋଡା ଆଦି ଅଞ୍ଚଳରେ ହାତୀଙ୍କ ଉତ୍ପାତରେ ଲୋକେ ଭୟଭୀତ ହୋଇ ରହିଛନ୍ତି। ଫସଲ ନଷ୍ଟ ହେଉଛି ହେଲେ ଚାଷୀ କ୍ଷତିପୂରଣ ପାଉନାହାନ୍ତି। ବନ ବିଭାଗର ତ୍ରୁଟି ଯୋଗୁ ଚାଷୀ କ୍ଷତିପୂରଣ ପାଉ ନ ଥିବା ଅଭିଯୋଗ ରହିଛି। ଭାଗଚାଷୀଙ୍କ ଯୋଗୁ ଧାନ ଫସଲ ବଞ୍ଚି ରହିଛି। ଅଥଚ ସରକାର ଭାଗଚାଷୀଙ୍କଠାରୁ ଧାନ କିଣୁନାହାନ୍ତି। ପାହାଡ, କ୍ୱାରି ଓ କ୍ରଶରରେ କାମ କରୁଥିବା ହଜାର ହଜାର ଶ୍ରମିକ ହାତବାନ୍ଧି ବସିଛନ୍ତି। ହେଲେ ସେମାନଙ୍କୁ କାମ ଯୋଗାଇବାରେ ପ୍ରଶାସନ ବିଫଳ ହେବାରୁ ଘରେ ଚୁଲି ଜଳୁନି।



ସିପିଆଇ(ଏମ୍) ପକ୍ଷରୁ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି ।

### କୃଷ୍ଣପ୍ରସାଦକୁ ଘେରି ରହିଲା କୁହୁଡି

**କୃଷ୍ଣପ୍ରସାଦ, ୬।୧୧(ଡି.ଏନ.ଏ.)**

କୃଷ୍ଣପ୍ରସାଦ ବ୍ଲକକୁ ବୁଧବାର କହୁଡି ଘେରି ରହିଥିଲା। ଶୀତଦିନ ହେଲେ ସକାଳୁ ସକାଳୁ କୁହୁଡି ଦେଖାଯିବା ଏକ ସାଧାରଣ ଘଟଣା ହୋଇଥିବାବେଳେ ବୁଧବାର ଅପରାହ୍ନ ୧ ଟାରୁ ସନ୍ଧ୍ୟା ଯାଏ କୁହୁଡି ଘେରି ରହିଥିଲା। ସେ ପୁଣି ବଡ ବିଚିତ୍ର। ଟିକେ କଅଁଳିଆ ଖରା ସହ କୁହୁଡି ସମସ୍ତଙ୍କୁ ଭ୍ରମରେ ପକାଇଥିଲା। କିଛି ଲୋକ କୁହୁଡି କହିଥିବାବେଳେ କେତେଜଣ ଲୋକ କହିଥିଲେ ଦିଲ୍ଲୀ ଭଳି କ'ଣ କୃଷ୍ଣପ୍ରସାଦ ବ୍ଲକରେ ବାୟୁ ପ୍ରଦୂଷଣ ହେଲାକି କ'ଣ। ତେବେ ତାହା ସ୍ପଷ୍ଟ ଯେ କୁହୁଡି। ପ୍ରକୃତିରେ ଏଭଳି ବିଚିତ୍ର ପରିବର୍ତ୍ତନ ଲୋକମାନଙ୍କ ମନରେ ବିଭିନ୍ନ ପ୍ରକାର ସନ୍ଦେହ ସୃଷ୍ଟି କରୁଛି। ଖରା ସାଙ୍ଗକୁ କୁହୁଡି ଲୋକଙ୍କ ମନରେ ଚିନ୍ତା ବଢାଇ ଦେଇଛି। ତେବେ ସମଗ୍ର କୃଷ୍ଣପ୍ରସାଦ ବ୍ଲକକୁ ଦିନସାରା କୁହୁଡି ଘେରି ରହିଥିଲା।

### ୨ୟ ଦିନରେ ଡିଏଲ୍‌ଆର୍ କର୍ମଚାରୀଙ୍କ ଧାରଣା

**ଜଟଣୀ,୬।୧୧(ଡି.ଏନ.ଏ.):** ଜଟଣୀ ମ୍ୟୁନିସିପାଲିଟି ଅଫିସ ସମ୍ମୁଖରେ ଡିଏଲ୍‌ଆର୍ ଓ ୱାର୍କଚାର୍ଜ କର୍ମଚାରୀଙ୍କ ମଙ୍ଗଳବାରରୁ ଆରମ୍ଭ ହୋଇଥିବା ଧାରଣା ବୁଧବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ଇପିଏଫ୍ ବାବଦ ଅର୍ଥ ସେମାନଙ୍କ ବେତନରୁ କଟୁଥିଲେ ମଧ ସମ୍ପୃକ୍ତ କାର୍ଯ୍ୟାଳୟରେ ପୈଠ ନ ହେବା ପ୍ରତିବାଦରେ ଏହି ଧାରଣା ଦିଆଯାଇଛି। ଧାରଣା ଦୁଇଦିନ ବିତିଥିଲେ ମଧ କେହି ଅଧିକାରୀ ଆନ୍ଦୋଳନସ୍ଥଳରେ ପହଞ୍ଚି ନାହାନ୍ତି କି ସେମାନଙ୍କ ସମସ୍ୟା ନେଇ ଆଲୋଚନା କରିନାହାନ୍ତି। ସମସ୍ୟା ଦୂର ନ ହେବା ଯାଏ ଧାରଣା ଜାରି ରହିବ ବୋଲି ଆନ୍ଦୋଳନକାରୀ କର୍ମଚାରୀ କହିଛନ୍ତି।

## ରାସ୍ତା ସଫେଇ କଲେ ଗ୍ରାମ ଯୁବକ

**ବୋଲଗଡ,୬।୧୧(ଡି.ଏନ.ଏ.)–**

ବୋଲଗଡ ବ୍ଲକ ବାଙ୍କୋଇ ଗଡସାହିର ଯୁବକ ମାନେ ଗ୍ରାମ ଶ୍ମଶାନକୁ ଥିବା ରାସ୍ତା ସଫେଇ କରିଛନ୍ତି । ଯୁବକମାନଙ୍କର ଏଭଳି କାର୍ଯ୍ୟକୁ ସ୍ଥାନୀୟ ଲୋକେ ପ୍ରଶଂସା କରୁଛନ୍ତି । ସରକାରୀ ସହାୟତାକୁ ଅପେକ୍ଷା ନ କରି ନିଜକାର୍ଯ୍ୟ ନିଜେ କରିବା ପାଇଁ ସ୍ଥିର କରି ଏହି କାର୍ଯ୍ୟ କରୁଥିବାର ଯୁବକମାନେ କହିଛନ୍ତି। ସମସ୍ତେ ଘରୁ କୋଡି, କୋଦାଳ,ଝୁଡି ଧରି ସକାଳୁ ବାହାରି ଶ୍ମଶାନକୁ ଥିବା ରାସ୍ତା ସଫେଇ ଓ ମରାମତି କରିଥିଲେ । ପରେ ଶ୍ମଶାନ ଅଞ୍ଚଳକୁ ମଧ୍ୟ ସଫେଇ କରିଛନ୍ତି।



ସଫେଇ କରୁଛନ୍ତି ଯୁବକ ମାନେ ।

## ନିରାକାରପୁର କଲେଜରେ ଶିକ୍ଷା-ପ୍ରୋତ୍ସାହନ ଶିବିର




ଶିବିରରେ ଯୋଗ ଦେଇଥିବା ଅତିଥିମାନେ ।

**ନିରାକାରପୁର,୬।୧୧(ଡି.ଏନ.ଏ.)**

ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତରେ ଥିବା କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟରେ ବୁଧବାର ଏକଦିବସୀୟ ଶିକ୍ଷା-ପ୍ରୋତ୍ସାହନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଫେସର କମଳାକାନ୍ତ ଦାଶ ଯୋଗଦେଇ ସାମ୍ପ୍ରତିକ ଶିକ୍ଷା ବ୍ୟବସ୍ଥା ଓ ଶିକ୍ଷା ପ୍ରଣାଳୀରେ ନୂତନ ସୃଜନୀ ଶୀର୍ଷକରେ ଆଲୋଚନା କରିଥିଲେ। ଏହାସହ ଶ୍ରେଣୀଗୃହରେ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ଶିକ୍ଷାଦାନ ଉପରେ ବକ୍ତବ୍ୟ ରଖିଥିଲେ। ମହାବିଦ୍ୟାଳୟର ଶୈକ୍ଷିକ ବାତାବରଣ ଉପରେ ସନ୍ତୋଷ ବ୍ୟକ୍ତ କରି ସେ କେତେଜଣ ଅଧ୍ୟାପକଙ୍କ ଶ୍ରେଣୀଗୃହ ପ୍ରଶିକ୍ଷଣର ସମୀକ୍ଷା କରିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଅଶୋକ କୁମାର ବଳବନ୍ତରାୟ ପୌରୋହିତ୍ୟ କରିଥିବାବେଳେ ଅତିଥି ପରିଚୟ ଦେଇଥିଲେ ସଂଯୋଜିକା ଡ. ପ୍ରତିଭା ମୟୀ ମିଶ୍ର। ଅଧ୍ୟାପକ ଭବାନୀ ଶଙ୍କର ହୋତା ଧନ୍ୟବାଦ ଦେଇଥିଲେ।

■ ମଙ୍ଗଳାଯୋଡ଼ିରେ ଜୈବ ବିବିଧତା ଆଲୋଚନାଚକ୍ର

## ବିଦେଶାଗତ ପକ୍ଷୀଙ୍କ ସୁରକ୍ଷା ଉପରେ ଗୁରୁତ୍ୱ

**ଟାଙ୍ଗୀ (ଖୋର୍ଦ୍ଧା),୬।୧୧ (ଡି.ଏନ.ଏ.):**

ଟାଙ୍ଗୀ ବ୍ଲକ ମଙ୍ଗଳାଯୋଡି ପଞ୍ଚାୟତରେ ବୁଧବାର ଜୈବ ବିବିଧତା ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଶ୍ୱପ୍ରସିଦ୍ଧ ଚିଲିକାକୁ ବିଦେଶାଗତ ପକ୍ଷୀଙ୍କ ଆଗମନ ଯୋଗୁ ସରକାରଙ୍କ ତରଫରୁ ନଳବଣକୁ ପକ୍ଷୀ ଅଭୟାରଣ୍ୟ ମାନ୍ୟତା ଦିଆଯାଇଛି। ଚିଲିକା ଉପକୂଳରେ ଅବସ୍ଥିତ ମଙ୍ଗଳାଯୋଡିରେ ପର୍ଯ୍ୟାପ୍ତ ସଂଖ୍ୟକ ବିଦେଶାଗତ ପକ୍ଷୀଙ୍କ ସମାଗମକୁ ଲକ୍ଷ୍ୟକରି ଏହି ଗ୍ରାମକୁ ପରିବେଶ ପର୍ଯ୍ୟଟନ ସ୍ଥଳ ରୂପେ ଘୋଷଣା କରାଯାଇ ବହୁ ବିକାଶମୂଳକ କାର୍ଯ୍ୟ କରାଯାଉଛି। ନିକଟସ୍ଥ ପାହାଡ ଉପରେ ପର୍ଯ୍ୟଟକଙ୍କ ରହଣି ପାଇଁ ପ୍ରକୃତି ନିବାସ ନାମରେ ଏକ ଅତିଥି ଭବନ ନିର୍ମାଣ କରାଯାଇଛି। ଏଥିରେ କିଛି ତ୍ରୁଟି ବିଚ୍ୟୁତି ହେଉଥିବା ଲକ୍ଷ୍ୟ କରି ସ୍ଥାନୀୟ ସରପଞ୍ଚଙ୍କ ତରଫରୁ ଏକ ପରିଚାଳନା କମିଟି ଗଠନ ପାଇଁ ବୈଠକରେ ଆଲୋଚନା ହୋଇଥିଲା। ଏଥିରେ ନିର୍ବାଚିତ ଜନ ପ୍ରତିନିଧିଙ୍କ ସମେତ ବନ୍ୟପ୍ରାଣୀ ବିଭାଗର କର୍ମକର୍ତ୍ତା ଉପସ୍ଥିତ ରହି ଗ୍ରାମର ସାମୂହିକ ବିକାଶରେ ସରକାରୀ ଅନୁଦାନର ସଦ୍‌ଉପଯୋଗ ଓ ବିଦେଶାଗତ ପକ୍ଷୀଙ୍କ ସୁରକ୍ଷା ଦିଗରେ ବିଶେଷ ଗୁରୁତ୍ୱ ଆରୋପ କରିଥିଲେ। ବୈଠକରେ ଟାଙ୍ଗୀ ବ୍ଲକ ଅଧ୍ୟକ୍ଷ ବିଜୟ କୁମାର ଜେନା, ବାଲୁଗାଁ ବନଖଣ୍ଡ ବନ୍ୟପ୍ରାଣୀ ଅଧିକାରୀ ଆଲୋକ ରଞ୍ଜନ ହୋତା, ଟାଙ୍ଗୀ ବନାଞ୍ଚଳ ବନ୍ୟପ୍ରାଣୀ ଅଧିକାରୀ ଚୁଡାମଣି ମୁର୍ମୁ, ଜିଲାପରିଷଦ ସଭ୍ୟ ସ୍ୱଦେଶ ରାଉତରାୟ, ଏମ୍‌ପିଙ୍କ ପ୍ରତିନିଧି ପ୍ରଦୋଷ ହରିଚନ୍ଦନ, ମଙ୍ଗଳାଯୋଡି ସରପଞ୍ଚ ଜ୍ୟୋତିର୍ମୟୀ ବେହେରା, ସମିତିସଭ୍ୟା ରଚନା ମଲ୍ଲିକ, ସୁନ୍ଦରପୁର ସରପଞ୍ଚ ମମତା ଦେଇ, ସମିତିସଭ୍ୟ ଯୁଧିଷ୍ଠିର ସାହୁ, ଟାଙ୍ଗୀ ସମିତି ସଭ୍ୟ ଶାନ୍ତନୁ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ମତାମତ ଉପସ୍ଥାପନ କରିଥିଲେ। ୭ଦିନ ମଧ୍ୟରେ ପ୍ରତ୍ୟେକ ୱାର୍ଡରେ ସର୍ବସମ୍ମତ କମିଟି ତାଲିକା ପ୍ରଦାନ କରିବାକୁ ବାଲୁଗାଁ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ହୋତା ସ୍ଥାନୀୟ ସରପଞ୍ଚଙ୍କୁ ଅନୁରୋଧ କରିଥିଲେ।

■ ଡାକ୍ତରଙ୍କ କଥାରେ ଭିନ୍ନତାରୁ ହେଲାନି ଅସ୍ତ୍ରୋପଚାର

# ୨୫ ଘଣ୍ଟା ପରେ ରେଫର କରିବାରୁ ଉତ୍ତେଜନା

■ ଗୁରୁତର ନବଜାତ ଶିଶୁ କଟକ ସ୍ଥାନାନ୍ତର

■ ରୋଷର ଶିକାର ସିଡିଏମଓ, ଏଡିଏମ୍‌ଓ ମେଡିକାଲ

**ଖୋର୍ଦ୍ଧା ଅଫିସ,୬।୧୧:**

ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ଅବହେଳାରୁ ପ୍ରସୂତି ମହିଳା ୨୫ ଘଣ୍ଟାରୁ ଊର୍ଦ୍ଧ୍ୱ ନର୍କ ଯନ୍ତ୍ରଣା ଭୋଗିଲେ। ଡାକ୍ତରଙ୍କ କଥାରେ ଭିନ୍ନତା ରହିବାରୁ ପ୍ରସୂତିଙ୍କର ଅପରେଶନ ହୋଇ ପାରିଲାନି କି ରେଫର ବି କରାଗଲାନି। ତେବେ ୨୫ ଘଣ୍ଟା ପରେ ତରବରିଆ ରେଫର କରିବା ଓ ଘରୋଇ ହସ୍ପିଟାଲରେ ଜନ୍ମ ନେଇଥିବା ଶିଶୁ ଗୁରୁତର ହେବାରୁ ବୁଧବାର ଉତ୍ତେଜନା ସୃଷ୍ଟି ହୋଇଥିଲା। ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ପ୍ରମୁଖ ଶାସନ ସଚିବଙ୍କ ଗସ୍ତରେ ମାତୃ ଓ ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଉପସ୍ଥିତ ଥିବା ସିଡିଏମ୍‌ଓ ଓ ଏଡିଏମଓ ମେଡିକାଲ ପ୍ରସୂତି ମହିଳାଙ୍କ ଭଉଣୀଙ୍କର ରୋଷର ଶିକାର ହୋଇଥିଲେ। ଘଟଣା ଗଣମାଧ୍ୟମର ପ୍ରତିନିଧିଙ୍କ ସମ୍ମୁଖରେ ଘଟିଥିଲା। ଅଭିଯୋଗ ଅନୁସାରେ, ପାଣ୍ଡରାର ଜୟନ୍ତୀ ବିଶ୍ୱାଳଙ୍କର ଗର୍ଭ ବେଦନା ବଢ଼ିବାରୁ ତାଙ୍କୁ ସୋମବାର ପୂର୍ବାହ୍ନରେ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସୋମବାର ଡ୍ୟୁଟିରେ ଥିବା ଜନୈକା ମହିଳା ଡାକ୍ତର କହିଥିଲେ ପ୍ରସୂତିଙ୍କ ପେନ ହେଉନି। ନର୍ମାଲ ଛୁଆ ଜନ୍ମ ହେବନି। ଅସ୍ତ୍ରୋପଚାର ଦରକାର। ହେଲେ ଅପରେଶନ କରିବାର ବ୍ୟବସ୍ଥା କରି ନ ଥିଲେ। ପ୍ରସୂତିଙ୍କ ପରିବାର ଅପରେଶନ କରିବା ନଚେତ ରେଫର କରିବାକୁ ନିବେଦନ କରିଥିଲେ। ହେଲେ ଡାକ୍ତର ତାଙ୍କ ଅଭିଯୋଗକୁ ଶୁଣି ନ ଥିଲେ। ପରେ ମଙ୍ଗଳବାର ଜଣେ ପୁରୁଷ ଡାକ୍ତର କହିଥିଲେ ବ୍ୟସ୍ତ ହୁଅନା। ନର୍ମାଲ ଜୟନ୍ତୀଙ୍କ ଡେଲିଭରି ହେବ। ଏଭଳିସ୍ଥଳେ ଛୁଆ ଜନ୍ମ ହେବା ବିଳମ୍ବ ଦେଖି ପରିବାର ଲୋକ ହଡବଡେଇ ଯାଇ ଅପରେଶନ ଅଥବା ରେଫର କରିବାକୁ ପୁଣି ନିବେଦନ କରିଥିଲେ। ହେଲେ ଡାକ୍ତର କିଛି ଶୁଣି ନ ଥିଲେ। ଦୀର୍ଘ ୨୫ ଘଣ୍ଟା ପରେ ମଙ୍ଗଳବାର ରାତି ପ୍ରାୟ ୮ଟାରେ ଜୟନ୍ତୀଙ୍କୁ ଭୁବନେଶ୍ୱର ରେଫର କରାଗଲା। ଜୟନ୍ତୀଙ୍କ ପରିବାର ଖୋର୍ଦ୍ଧାର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଇଥିଲେ। ସନ୍ଧ୍ୟାରେ ଏକ ଶିଶୁପୁତ୍ର ଜନ୍ମ ନେଇଥିଲା। ତେବେ ନବଜାତ ଶିଶୁପୁତ୍ରଟି ଗୁରୁତର ଥିଲା। ହାର୍ଟ୍‌ବିଟ୍ ଆସୁ ନ ଥିଲା। ଡାକ୍ତରଙ୍କ ପରାମର୍ଶ ମୁତାବକ କଟକ ବଡ ଡାକ୍ତରଖାନାକୁ ରେଫର କରାଗଲା। ଏହି ଘଟଣାକୁ ନେଇ ଜୟନ୍ତୀଙ୍କ ଭଉଣୀ କଟକ ଜିଲା କଳାପଥରର ପ୍ରଭାସିନୀ ବିଶ୍ୱାଳ ସିଡିଏମ୍‌ଓ ଓ ଏଡିଏମଓ ମେଡିକାଲଙ୍କୁ ଭଉଣୀର ପ୍ରକୃତ ତଥ୍ୟ ଉପସ୍ଥାପନ କରି ଜିଲା ମୁଖ୍ୟ ଚିକିତ୍ସାଳୟର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବା ନେଇ ଗଣମାଧ୍ୟମ ସମ୍ମୁଖରେ ମୁଖା ଖୋଲିଥିଲେ।



ଚିକିତ୍ସାଳୟ ପରିସରରେ ଆଶାକର୍ମୀ ଓ ପ୍ରସୂତିଙ୍କ ଭଉଣୀ ଏବଂ ଅନ୍ୟମାନେ ।

### ସାମିଲ ହେଲେ ଆଶା କର୍ମୀ

ଆଶାକର୍ମୀଙ୍କୁ ସ୍ୱାସ୍ଥ୍ୟ ବିଭାଗ ସହଯୋଗ କରୁନି। ପ୍ରସୂତିଙ୍କୁ ସାଥୀରେ ଚିକିତ୍ସାଳୟ ଭିତରକୁ ଯିବାକୁ ଦେଉନାହାନ୍ତି । ଆଶା କର୍ମୀ ଓ ପ୍ରସୂତି ମହିଳାଙ୍କର ଭଉଣୀଙ୍କ ଆକ୍ରମଣ କରିବାର ତରିକା ସିଡିଏମଓ ଓ ଏଡିଏମଓ ମେଡିକାଲଙ୍କୁ ଅସ୍ତବ୍ୟସ୍ତ କରି ପକାଇଥିଲା।



ଗୃହକର୍ତ୍ତାଙ୍କ ଉପସ୍ଥିତି ସତ୍ତ୍ୱେ ଯେଉଁ ଘରେ ମହିଳା କିମ୍ବା ବାଳକମାନଙ୍କର ଶାସନ ଚାଲେ, ସେପରି ପରିବାର ସହ ସମ୍ପର୍କ ରଖିଲେ ବିପଦର ସମ୍ଭାବନା ରହିଥାଏ।
-କୌଟିଲ୍ୟ ଚାଣକ୍ୟ



## ସଂକ୍ଷେପରେ

### ପୁରୀ ଏସ୍‌ପିଙ୍କ ନିମାପଡ଼ା ସିଏସ୍‌ଆଇ କାର୍ଯ୍ୟାଳୟ ପରିଦର୍ଶନ

ନିମାପଡ଼ା,୬।୧୧(ଡି.ଏନ୍.ଏ): ପୁରୀ ଜିଲା ଏସ୍‌ପି ଉମାଶଙ୍କର ଦାସ ବୁଧବାର ନିମାପଡ଼ା କୋର୍ଟ ପରିସରରେ ଥିବା ସିଏସ୍‌ଆଇଙ୍କ କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ। ଏସ୍‌ପି ଦାସ ବିଭିନ୍ନ ରେକର୍ଡପତ୍ର ଯାଞ୍ଚ କରିବା ସହ ଗୁରୁତ୍ୱପୂର୍ଣ୍ଣ କେସ ସମ୍ପର୍କରେ ସମୀକ୍ଷା କରିଥିଲେ। ଜେଏମ୍‌ଏଫସି କୋର୍ଟ(୧), ଜେଏମଏଫସି କୋର୍ଟ(୨), ଆଡିଶନାଲ ସେଶନ୍‌ସ ଜଜ୍ କୋର୍ଟର ସରକାରୀ ଆଇନଜୀବୀ ଅନିଲ ଦୀକ୍ଷିତ, ଶୈଳେନ୍ଦ୍ର ନାରାୟଣ ସାହୁ, ବ୍ରହ୍ମାନନ୍ଦ ପ୍ରଧାନ ପ୍ରମୁଖଙ୍କ ସହ ଏସ୍‌ପି ଦାସ ବିଭିନ୍ନ ମାମଲା ଓ ରେକର୍ଡପତ୍ର ସମ୍ପର୍କରେ ଆଲୋଚନା କରିଥିଲେ। ସିଏସ୍‌ଆଇଙ୍କ କାର୍ଯ୍ୟାଳୟରେ କମ୍ପ୍ୟୁଟର ବ୍ୟବସ୍ଥା ଖୁବ୍‌ଶୀଘ୍ର କରାଯିବ ବୋଲି ଏସପି ଦାସ କହିଛନ୍ତି। ଏହି ପରିଦର୍ଶନ ବେଳେ ନିମାପଡ଼ା ଥାନା ଅଧିକାରୀ ଜନାର୍ଦ୍ଦନ ପାଢ଼ୀ, ସିଏସ୍‌ଆଇ କୋର୍ଟର ବିଜୟ କୁମାର ବେହେରା ଓ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

### ବ୍ଲକ ସ୍ତରୀୟ ଜନଶୁଣାଣି ଶିବିର

କଣାସ,୬।୧୧(ସ୍ୱ.ପ୍ର.): କଣାସ ପଞ୍ଚାୟତ ସମିତି ସଭାଗୃହରେ ମଙ୍ଗଳବାର ବ୍ଲକସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ଅର୍ଥ ବିଭାଗର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ କୁଳମଣି ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଡିଓ ରବୀନ୍ଦ୍ର ପ୍ରଧାନ, ଅତିରିକ୍ତ ବିଡିଓ ମଙ୍ଗଳ ସିଙ୍ଗ ହେମ୍ବ୍ରମ ଯୋଗଦେଇ ବିଭିନ୍ନ ପ୍ରସଙ୍ଗ ନେଇ ଅଭିଯୋଗ ଶୁଣିଥିଲେ। ବିଡିଓ ପ୍ରଧାନ ପ୍ରାରମ୍ଭିକ ସୂଚନା ଦେବା ପରେ ବିଭିନ୍ନ ସାମାଜିକ ସୁରକ୍ଷା ଓ ଏମ୍‌ଜିଏନ୍‌ଆରଇଜିଏସ୍ ସମ୍ପର୍କରେ ପଞ୍ଚାୟତଦ୍ୱାରି ଆଲୋଚନା କରାଯାଇଥିଲା। ଏହି ଶିବିରରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ରମେଶ ଚନ୍ଦ୍ର ସେଠୀ, ଜିଲା ପରିଷଦ ସଭ୍ୟ ନୀଳମଣି ବେହେରା, ବ୍ଲକର ସମସ୍ତ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସାମାଜିକ ସମୀକ୍ଷକ ନିରଞ୍ଜନ ସାହୁ ପରିଚାଳନା କରିଥିଲେ।

### ସଡ଼କ ସୁରକ୍ଷା ପାଇଁ ସଚେତନତା 'ରକ୍ଷକ'

ବ୍ରହ୍ମଗିରି,୬।୧୧(ଡି.ଏନ୍.ଏ): ସଡ଼କ ସୁରକ୍ଷା ଓ ସଡ଼କ ସୁରକ୍ଷା ନିୟମ ସମନ୍ଧୀୟ ସଚେତନତା ଅଭିଯାନ 'ରକ୍ଷକ'ବ୍ରହ୍ମଗିରି ବ୍ଲକ ମଣପଡା ପଞ୍ଚାୟତ ଓ ବଡବେଣାକୁଦୀ ପଞ୍ଚାୟତରେ ବିଜୁ ଯୁବ ବାହିନୀ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ବିନା ହେଲମେଟ୍‌ରେ, ନିଶାସକ୍ତ ଅବସ୍ଥାରେ, ଦ୍ରୁତଗତିରେ ଯାନବାହନ ନ ଚଳାଇବା ପାଇଁ, ଚାରିଚକିଆ ଯାନ ଚାଳକ ଏବଂ ଚାଳକ ପାର୍ଶ୍ୱରେ ଥିବା ଯାତ୍ରୀ ମଧ ସିଟ୍ ବେଲ୍ଟ ବ୍ୟବହାର କରିବା ପାଇଁ ସଚେତନତା କରାଯାଇଥିଲା। ମଣପଡା ପଞ୍ଚାୟତର ବ୍ରହ୍ମଗିରି-ଡେଲାଙ୍ଗ ରାସ୍ତାର ଗୋବିନ୍ଦପୁର ମହାବୀର ଛକ ଓ ବଡବେଣାକୁଦୀ ପଞ୍ଚାୟତର ସୁନାମୁହିଁ ଛକଠାରେ ଏହି ସଚେତନତା ଅନୁଷ୍ଠିତ ହୋଇଛି। ଏହି ସମୟରେ ଯେଉଁମାନେ ହେଲମେଟ୍ ବ୍ୟବହାର କରୁଥିଲେ ସେମାନଙ୍କୁ ରସଗୋଲା ବଣ୍ଟନ କରାଯିବା ସହ ଗୋଲାପ ଫୁଲ ଦିଆଯାଇ ସ୍ୱାଗତ କରାଯାଇଥିଲା। ମଣପଡ଼ା ପଞ୍ଚାୟତର ରକ୍ଷକ କାର୍ଯ୍ୟକ୍ରମରେ ଜିଲା ପରିଷଦ ସଦସ୍ୟା ମିଲି ବେହେରା, ବିଜୁ ଯୁବବାହିନୀ ସଭାପତି ବିଶ୍ୱରଞ୍ଜନ ପ୍ରଧାନ, ସମ୍ପାଦକ କିରଣ ପାଇକରାୟ, କୋଷାଧକ୍ଷ ଅମିତି ପ୍ରଧାନ ଓ ବଡବେଣାକୁଦୀ ପଞ୍ଚାୟତର ରକ୍ଷକ କାର୍ଯ୍ୟକ୍ରମରେ ଜିଲା ପରିଷଦ ସଦସ୍ୟ କୈଳାସ ଚନ୍ଦ୍ର ପରିଡା, ସରପଞ୍ଚ ଲକ୍ଷ୍ମୀଧର ସ୍ୱାଇଁ ଏବଂ ବିଜୁ ଯୁବବାହିନୀର କର୍ମକର୍ତ୍ତା ଯୋଗ ଦେଇଥିଲେ।

### ସଫେଇ କାର୍ଯ୍ୟକ୍ରମ

କୋଣାର୍କ,୬।୧୧(ଡି.ଏନ୍.ଏ): କୋଣାର୍କ ଏନ୍‌ଏସି ଅଧୀନ ୧୦ନଂ ୱାର୍ଡର ମା' ତାରିଣୀ ରାଣୀହାଟ ସାହି ଯୁବକ ସଂଘ ପକ୍ଷରୁ ଏକ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ସଞ୍ଜୟ କୁମାର ବେହେରାଙ୍କ ନେତୃତ୍ୱରେ ସଂଘର କର୍ମକର୍ତ୍ତାମାନେ କୋଣାର୍କ ଆଶ୍ରମ ସ୍କୁଲଠାରୁ କୋଣାର୍କ ଥାନା ଛକ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଆବର୍ଜନାକୁ ସଫେଇ କରିଥିଲେ। ଏହି କାର୍ଯ୍ୟକ୍ରମରେ ଯୁବକ ସଂଘର ଉପଦେଷ୍ଟା ରଞ୍ଜିତ ରାଉତରାୟ, ଉପସଭାପତି ବ୍ରଜବନ୍ଧୁ ପାତ୍ର, ଦୀପକ ବେହେରା, ପ୍ରତାପ ବାରିକ, ସୁଜିତ ରାଉତରାୟ, ହାପି ରାଉତରାୟ ପ୍ରମୁଖ ଯୋଗଦେଇଥିଲେ। ମାସରେ ୪ଥର ନିୟମିତ ଭାବେ ସଫେଇ କାର୍ଯ୍ୟକ୍ରମ କରାଯିବ ବୋଲି ସଂଘର ସଭାପତି କହିଛନ୍ତି।

## ■ ଶ୍ରୀକ୍ଷେତ୍ର କୃଷକ ବଜାର: ୨ ମାସରେ କାମ ସରିବ

# ୨ୟ ପର୍ଯ୍ୟାୟ କାମ ପାଇଁ ମଗାଗଲା ଅନୁଦାନ

ପୁରୀ ଅଫିସ, ୬।୧୧



ନିର୍ମାଣାଧୀନ ଶ୍ରୀକ୍ଷେତ୍ର କୃଷକ ବଜାର।

ଗୋଟିଏ ଜାଗାରେ ବଡ଼ ବଡ଼ ବ୍ୟବସାୟୀମାନେ ଏକତ୍ର ହୋଇ ବସିବେ। ସହର ଭିତରେ ଅଯଥା ଗହଳି ହେବନି କି ବାହାରୁ ଆସୁଥିବା ତୀର୍ଥଯାତ୍ରୀ ଓ ପର୍ଯ୍ୟଟକଙ୍କ ପୁରୀ ପ୍ରତି ନକାରାତ୍ମକ ଭାବନା ରହିବନି। ଏହାକୁ ଦୃଷ୍ଟିରେ ରଖି ଶ୍ରୀକ୍ଷେତ୍ର କୃଷକ ବଜାରର ପରିକଳ୍ପନା କରାଯାଇଥିଲା। ଆସନ୍ତା ୨ମାସ ମଧ୍ୟରେ ଏହାର ପ୍ରଥମ ପର୍ଯ୍ୟାୟ ନିର୍ମାଣ କାମ ସରିଯିବ। ୨ୟ ପର୍ଯ୍ୟାୟ କାମ ପାଇଁ ସରକାରଙ୍କୁ ଅନୁଦାନ ମଗାଯାଇଛି। ମଙ୍ଗଳାଘାଟ ନିକଟ ସମଙ୍ଗଠାରେ ୨୦୧୭ ନଭେମ୍ବର ୪ ତାରିଖରେ କୃଷକ ବଜାର ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ତତ୍କାଳୀନ ମନ୍ତ୍ରୀ ମହେଶ୍ୱର ମହାନ୍ତି ଏହାର ଭିତ୍ତିପ୍ରସ୍ତର ଦେଇଥିଲେ। ପ୍ରାଥମିକ ପର୍ଯ୍ୟାୟରେ ୪କୋଟି ଟଙ୍କା ବ୍ୟୟରେ ୨୧ଟି ଗୋଦାମ ଗୃହ ନିର୍ମାଣ ଲାଗି ଲକ୍ଷ୍ୟ ରଖାଯାଇଥିଲା। ପରବର୍ତ୍ତୀ ସମୟରେ ଅଧିକ ଟଙ୍କା ବ୍ୟୟରେ ଗୋଦାମ ଗୃହ ନିର୍ମାଣ କରାଯିବାକୁ ସ୍ଥିର ହୋଇଛି। ଭିତ୍ତିପ୍ରସ୍ତର ଉତ୍ସବରେ ଯୋଗଦେଇଥିବା ଅତିଥିମାନେ କହିଥିଲେ, ଏହା ପୁରୀ ବ୍ୟବସାୟର ପେଣ୍ଠସ୍ଥଳ ହେବ। ଏହା ପୂର୍ଣ୍ଣାଙ୍ଗ ହେଲେ ବ୍ୟବସାୟୀମାନେ ଉପକୃତ ହେବେ। ବିଭିନ୍ନ ପ୍ରକାର ସାମଗ୍ରୀ ଆଣି ଆସୁଥିବା ବଡ଼ ବଡ଼ ଗାଡ଼ିଗୁଡ଼ିକୁ ଆଉ ସହର ଭିତରେ ପଶିବାକୁ ହେବନି କି ଏଥିପାଇଁ ଟ୍ରାଫିକ ସମସ୍ୟା ବି ସୃଷ୍ଟି ହେବନି। ହେଲେ ଅନୁଦାନ ଓ ଜମି ବିବାଦ ନେଇ ନିର୍ମାଣ କାମ ବିଳମ୍ବ ହୋଇଥିଲା। ଫଳରେ କୃଷକ ବଜାର ପ୍ରତିଷ୍ଠା ନେଇ ଅନିଶ୍ଚିତତା ପ୍ରକାଶ ପାଇଥିଲା। ହେଲେ ଏବେ ପୁଣି କାମ ତ୍ୱରାନ୍ୱିତ ହୋଇଛି। ଘରଗୁଡ଼ିକର ରଙ୍ଗ କାମ ଶେଷ ହୋଇଥିବା ବେଳେ ଶଟର ଲାଗିଗଲାଣି। ଦ୍ୱିତୀୟ ପର୍ଯ୍ୟାୟରେ ଦୋକାନ ଘର ନିର୍ମାଣ ହେବାକୁ ଥିବା ଜମି ଜବରଦଖଲରେ ଥିଲା। ଏବେ ଏହାର ସମାଧାନ ହୋଇଯାଇଛି। ପ୍ରଶାସନ ଏହି ଜମିକୁ ନିଜ ଦଖଲକୁ ଆଣିଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟ କାମ ଆରମ୍ଭ କରାଯିବ। ତେଣୁ ଅନୁଦାନ ଲାଗି ରାଜ୍ୟ ସରକାରଙ୍କୁ ଚିଠି ଲେଖାଯାଇଛି। ଏ ସମ୍ପର୍କରେ ଉପଜିଲାପାଳ କହିଛନ୍ତି, ପ୍ରଥମ ପର୍ଯ୍ୟାୟ କାମ ପ୍ରାୟ ସରି ଆସିଲାଣି। ଯାହା ଅଳ୍ପ କିଛି କାମ ଅଛି ତାହା ୨ମାସ ମଧ୍ୟରେ ଶେଷ ହୋଇଯିବ। ଦ୍ୱିତୀୟ ପର୍ଯ୍ୟାୟରେ ଆହୁରି ଦୋକାନ ଘର ନିର୍ମାଣ କରାଯିବ। ଏଥିପାଇଁ ଚିହ୍ନଟ ଜମି ଜବର ଦଖଲ କରାଯାଇଥିଲା। ଏବେ ସେହି ଜମିକୁ ପ୍ରଶାସନ ମୁକ୍ତ କରି ନିଜ ଦଖଲରେ ରଖିଛି। ରାଜ୍ୟ ସରକାରଙ୍କୁ ଅନୁଦାନ ମଗାଯାଇଛି। ଅନୁଦାନ ଆସିଲେ ଦ୍ୱିତୀୟ ପର୍ଯ୍ୟାୟ କାମ ଆରମ୍ଭ ହେବ।

## ■ ବିଦ୍ୟାଳୟରେ ନାହାନ୍ତି ଆବଶ୍ୟକ ଶିକ୍ଷକ

# ନିଯୁକ୍ତି ଦାବିରେ ଅଭିଭାବକଙ୍କ ଧାରଣା

ଡେଲାଙ୍ଗ,୬।୧୧(ଡି.ଏନ୍.ଏ.)

ଶିକ୍ଷାର ଉନ୍ନତି ପାଇଁ ରାଜ୍ୟ ସରକାର ବିଭିନ୍ନ ଯୋଜନା କରିଥିବାବେଳେ ପୁରୀ ଜିଲା ଡେଲାଙ୍ଗ ବ୍ଲକ ଅନ୍ତର୍ଗତ କପିଳେଶ୍ୱର ନୋଡାଲ ଉଚ୍ଚ ବିଦ୍ୟାଳୟରେ ଆବଶ୍ୟକ ଶିକ୍ଷକ ନାହାନ୍ତି। ଏ ନେଇ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇବା ସହ ଛାତ୍ରୀଛାତ୍ରଙ୍କ ପାଠପଢାରେ ବାଧା ସୃଷ୍ଟି ହେଉଛି। ସରପଞ୍ଚ ପ୍ରସନ୍ନ ଜେନା ଓ ପରିଚାଳନା କମିଟି ସଭାପତି ସଚ୍ଚିଦାନନ୍ଦ ପ୍ରଧାନଙ୍କ ନେତୃତ୍ୱରେ ଅଭିଭାବକ ଓ ଗ୍ରାମବାସୀ ବିଦ୍ୟାଳୟ ପରିସରରେ ଧାରଣା ଦେଇଥିଲେ। ସୂଚନାଯୋଗ୍ୟ, ଏହି ବିଦ୍ୟାଳୟରେ ୬ଷ୍ଠଠାରୁ ୧୦ ଶ୍ରେଣୀ ପର୍ଯ୍ୟନ୍ତ ଥିବାବେଳେ ୧୪୪ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରନ୍ତି। ଏଠାରେ ୮ଜଣ ଶିକ୍ଷକ ଆବଶ୍ୟକ ଥିବାବେଳେ ୫ଟି ଶ୍ରେଣୀ ପାଇଁ ମାତ୍ର ୩ଜଣ ଶିକ୍ଷକ ରହିଛନ୍ତି। ସମସ୍ୟାର ସମାଧାନ ନିମନ୍ତେ ଅଭିଭାବକମାନେ ବିଇଓଙ୍କ ନିକଟରେ ଅଭିଯୋଗ କରିଥିଲେ। କିନ୍ତୁ ସମାଧାନ ନ ହେବାରୁ ବୁଧବାର ବିଦ୍ୟାଳୟ ପରିସରରେ ଅଭିଭାବକମାନେ ଧାରଣା ଦେଇଥିଲେ। ଖବରପାଇ ଏବିଇଓ ରବିନାରାୟଣ ମହାପାତ୍ର ଓ ଯୁଧିଷ୍ଠିର ପରିଡା ଘଟଣାସ୍ଥଳରେ ପହଞ୍ଚି ଅଭିଭାବକଙ୍କ ସହ ଆଲୋଚନା କରିଥିଲେ। ସରପଞ୍ଚ ପ୍ରସନ୍ନ ଜେନାଙ୍କ ସଭାପତିତ୍ୱରେ ବୈଠକରେ ବିଦ୍ୟାଳୟର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏବିଇଓ ପରିଡା ଓ ମହାପାତ୍ର ଜିଲାଶିକ୍ଷା ଅଧିକାରୀଙ୍କ ସହିତ ଫୋନ ଯୋଗେ ଯୋଗାଯୋଗ କରି ୧୫ଦିନ ମଧ୍ୟରେ ବିଦ୍ୟାଳୟକୁ ଶିକ୍ଷକ ପଠାଯିବ ବୋଲି ପ୍ରତିଶ୍ରୁତି ଦେବାରୁ ଧାରଣା ହଟିଥିଲା।

## ■ ତହସିଲଦାରଙ୍କ କାର୍ଯ୍ୟାଳୟ ପକ୍ଷରୁ ପ୍ରକାଶ ପାଇଲା ବିଜ୍ଞପ୍ତି

# ସରିଲା ଘରଭଙ୍ଗା ସହାୟତା ପ୍ରଦାନ

ନିମାପଡ଼ା,୬।୧୧(ଡି.ଏନ୍.ଏ)

ବାତ୍ୟା 'ଫନୀ'ରେ ନିମାପଡ଼ା ତହସିଲ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। କ୍ଷୟକ୍ଷତିକୁ ଆକଳନ କରାଯିବା ସହ ବିପନ୍ନଙ୍କୁ ସରକାରୀ ସହାୟତା ପ୍ରଦାନ ନିମନ୍ତେ ବିଭିନ୍ନ ସ୍ତରରେ ଅନେକ ପ୍ରୟାସ କରାଯାଇଥିଲା। ମୁଖ୍ୟତଃ ଘରଭଙ୍ଗା ଆକଳନ କରିବା, ଯୋଗ୍ୟ ହିତାଧିକାରୀଙ୍କ ତାଲିକା ପ୍ରସ୍ତୁତ କରି ସମ୍ପୃକ୍ତ ଜମାଖାତାକୁ ଘରଭଙ୍ଗା ସହାୟତା ରାଶି ପ୍ରେରଣ କରିବା ରାଜସ୍ୱ ବିଭାଗର ପ୍ରମୁଖ ଦାୟିତ୍ୱ ଥିଲା। ଇତିମଧ୍ୟରେ ତହସିଲ କାର୍ଯ୍ୟାଳୟ ଦ୍ୱାରା ଘରଭଙ୍ଗା ସହାୟତା ପ୍ରଦାନ କାର୍ଯ୍ୟ ସମାପନ ହୋଇଛି। ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟ ନମ୍ବର ତ୍ରୁଟି କାରଣରୁ ସହାୟତା ରାଶି ପ୍ରେରଣ ହୋଇପାରି ନ ଥିଲା। ଏହି ସହାୟତା ରାଶି ପ୍ରେରଣ ପାଇଁ ରାଜସ୍ୱ ବିଭାଗ ପକ୍ଷରୁ ଚେଷ୍ଟା ଜାରି ରହିଛି। ଘରଭଙ୍ଗା ତଦନ୍ତ ପାଇଁ ଆଉ ସାନିଦରଖାସ୍ତ କି ଆବେଦନପତ୍ର ତହସିଲ କାର୍ଯ୍ୟାଳୟରେ ଗ୍ରହଣ କରାଯାଉ ନାହିଁ। ଘରଭଙ୍ଗା ତାଲିକାରେ ତାଲିକାଭୁକ୍ତ ନିମନ୍ତେ କୌଣସି ବ୍ୟକ୍ତି ଅର୍ଥ ଦାବି କରୁଥିଲେ ସେମାନଙ୍କ ବିରୋଧରେ ଥାନାରେ ଏତଲା ଦେବାକୁ ତହସିଲ ପକ୍ଷରୁ ଅନୁରୋଧ କରାଯାଇଛି। ଏ ନେଇ ନିମାପଡ଼ା ତହସିଲଦାରଙ୍କ ପକ୍ଷରୁ ଜନସାଧାରଣଙ୍କ ଅବଗତି ନିମନ୍ତେ ପତ୍ରସଂଖ୍ୟା ୫୫୮/ତା. ୪।୧୧।୧୯ରେ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି।

## ■ ବେଆଇନ ପଥର କଟାକୁ ନେଇ ଗ୍ରାମବାସୀଙ୍କ ଫେରାଦ

# ପଢ଼ା ବ୍ୟାହତ, ପ୍ରଦୂଷିତ ହେଉଛି ପରିବେଶ

ପୁରୀ ଅଫିସ,୬।୧୧




ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କଣାସର ଟିମେଇଁପୁର ଗ୍ରାମବାସୀଙ୍କ ଧାରଣା।

ଗାଁ ମୁଣ୍ଡରେ ପ୍ରତିଦିନ ପଥର କଟାଯାଉଛି। ପାୱାର ଟିଲରର କର୍କଶ ଶବ୍ଦ ଗ୍ରାମବାସୀଙ୍କୁ ଅତିଷ୍ଠ କରିପକାଉଛି। ଲୋକେ ଶାନ୍ତିରେ ଶୋଇପାରୁ ନାହାନ୍ତି କି ପିଲାମାନେ ପାଠ ପଢି ପାରୁନାହାନ୍ତି। ଜିଲା ପ୍ରଶାସନ ନିକଟରେ ଏମିତି ଅଭିଯୋଗ କରି କାର୍ଯ୍ୟାନୁଷ୍ଠାନ ପାଇଁ ଗୁହାରି ଜଣାଇଛନ୍ତି କଣାସ ବ୍ଲକ ଗଡ଼ସାନପୁଟ ପଞ୍ଚାୟତ ଟିମେଇଁପୁର ଗ୍ରାମବାସୀ। ପଥର ଖଣିରେ ପ୍ରତ୍ୟହ ପଥର ମାଫିଆଙ୍କ ଯୋଗୁ ହଇରାଣ ହେଉଥିବା ଗାଁର ବହୁ ଲୋକ ବୁଧବାର ଜିଲାପାଳଙ୍କୁ ଫେରାଦ ହେବାକୁ ଆସିଥିଲେ। ସେମାନେ ଅତିରିକ୍ତ ଜିଲାପାଳଙ୍କୁ ୮ଦଫା ସମ୍ବଳିତ ଦାବିପତ୍ର ଦେଇଥିଲେ। ଏଥିରେ ଦର୍ଶାଯାଇଛି ଯେ, ପଥର ମାଫିଆମାନେ ଟିମେଇଁପୁର ଗାଁ ରାସ୍ତା କାଟି ଖଣି କରିସାରିଲେଣି। ପଥର ଖଣିରେ ପଡ଼ି ଏବେ ସୁଦ୍ଧା ୩ଟି ଗାଈ, ଗୋଟିଏ ଷଣ୍ଢ, ୨ଟି ମଇଁଷି ଏବଂ ୨ଜଣ ବୃଦ୍ଧା ଖଣ୍ଡିଆ ଖାବରା ହେଲେଣି। ସେହିପରି ନିକଟବର୍ତ୍ତୀ ଚାଷଜମିରୁ ପାଣି ଖଣିକୁ ଝରି ଆସୁଛି। ଖଣି ଖୋଳା ଯାଉଥିବାରୁ ଚାରଣ ଭୂମି କମିଯାଉଛି। ପାୱାର ଟିଲର ଏବଂ ଜେସିବି ଶବ୍ଦରେ ଘର ଚଟାଣ ସବୁ ଥରୁଛି। କଟା ପଥର ଧୂଳି ଗାଁ ପରିବେଶକୁ ପ୍ରଦୂଷଣ କରୁଛି। ଗାଁର ଝିଅ ବୋହୂମାନେ ବାହାରକୁ ବାହାରିବା ମୁସ୍କିଲ ହୋଇପଡୁଛି। ପ୍ରଶାସନ ତୁରନ୍ତ ପଦକ୍ଷେପ ନ ନେଲେ ପିଲାଛୁଆଙ୍କୁ ଧରି ତହସିଲ ଅଫିସ ଆଗରେ ଧାରଣା ଦେବେ ବୋଲି ଗ୍ରାମବାସୀ କହିଛନ୍ତି। ଏ ସମ୍ପର୍କରେ ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ କହିଛନ୍ତି, କିଛିଦିନ ତଳେ ସେଠାରେ ଚଢ଼ାଉ କରାଯାଇ ୨ଟି ଟ୍ରକ୍ ଏବଂ ପାୱାର ଟିଲର ଜବତ କରାଯାଇଥିଲା। ଏହି ଗାଡ଼ିଦ୍ୱୟର ମାଲିକଙ୍କୁ ଗିରଫ କରିବା ଲାଗି ଏସ୍‌ଡିପିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହି ବେଆଇନ କାର୍ଯ୍ୟ ଉପରେ ସତର୍କ ନଜର ରଖିବାକୁ କଣାସ ତହସିଲଦାରଙ୍କୁ କୁହାଯାଇଛି।

# ହବିଷିଆଳି ଆଶ୍ରୟସ୍ଥଳୀ: ଟଙ୍କା, ଶାଢ଼ିକୁ ନେଇ ଗୁଜବ

ପୁରୀ ଅଫିସ, ୬।୧୧

ସରିଆସୁଛି ପବିତ୍ର କାର୍ତ୍ତିକ ମାସ। ଶ୍ରୀକ୍ଷେତ୍ରରେ ରହି ହବିଷ କରୁଥିବା ବ୍ରତଧାରୀମାନେ ଆଉ ୬ଦିନ ପରେ ନିଜ ନିଜ ଘରକୁ ଫେରିଯିବେ। ତେବେ ଆଶ୍ରୟସ୍ଥଳୀରେ ରହୁଥିବା ହବିଷିଆଳିଙ୍କ ମଧ୍ୟରେ ଏବେ ଗୋଟିଏ କଥାକୁ ନେଇ ବେଶ୍ ଚର୍ଚ୍ଚା ଚାଲିଛି। ଏହା ଗୁଜବ ହୋଇଥିଲେ ମଧ ହବିଷିଆଳିମାନେ ମାନିବାକୁ ନାରାଜ। ଫଳରେ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ସେମାନଙ୍କୁ ବୁଝାଇବା ଲାଗି ନାକେଦମ୍ ହେବାକୁ ପଡୁଛି। ବୁଧବାର ମୋଚିସାହି ଛକସ୍ଥିତ କଲ୍ୟାଣ ମଣ୍ଡପରେ ଏମିତି ଏକ ଗୁଜବକୁ ନେଇ ଅଧିକାରୀଙ୍କୁ ଉତ୍ତର ଦେଇ ଦେଇ ହାଲିଆ ହେବାକୁ ପଡ଼ିଛି। ଆରମ୍ଭରୁ ବି ଏହି ଆଶ୍ରୟସ୍ଥଳୀରେ ଟଙ୍କା ଓ ଶାଢ଼ିକୁ ନେଇ ଗୁଜବ ଉଠିଥିଲା। ନବୀନ ଆମ ପାଇଁ ୨ହଜାର ଟଙ୍କା ଓ ଶାଢ଼ି ଦେଇଛି। ଆମକୁ ଦିଅ ବୋଲି କେତେଜଣ ହବିଷିଆଳି ଆଶ୍ରୟସ୍ଥଳୀ ଦାୟିତ୍ୱରେ ଥିବା କର୍ମଚାରୀ ଏବଂ ଅଧିକାରୀଙ୍କୁ କହିଥିଲେ। ବୁଧବାର ହଠାତ୍ ପୁଣି ଏହି କଥା ଉଠିଛି। ଦାୟିତ୍ୱରେ ଥିବା ଅଧିକାରୀଙ୍କ ପାଖକୁ ଆସି ଜଣେ ହବିଷିଆଳି କହିଥିଲେ ବାବୁ, ସମୟ ହେଲା ଆମେ ଏଥର ଘରକୁ ଯିବୁ। ଆଉ ୫/୬ ଦିନ ପରେ ଆପଣଙ୍କ ସହ ଆଉ ଦେଖା ହୋଇପାରିବନି। ହେଲେ ଆମ ପାଇଁ ନବୀନ ପଟ୍ଟନାୟକ ଯେଉଁ ୨ହଜାର ଟଙ୍କା ଏବଂ ଖଣ୍ଡିଏ ଲେଖାଏ ଶାଢ଼ି ଦେଇଥିଲେ ତାକୁ ଦେଇଦଉନ। ଆମେ ନେଇକି ଘରକୁ ଯିବୁ। ସମ୍ପୃକ୍ତ ଅଧିକାରୀ ପଚାରିଲେ, କିଏ କହିଲା ତୁମକୁ? ହବିଷିଆଳି ଜଣଙ୍କ କହିଲେ ରେଲୱେ ଆଶ୍ରୟସ୍ଥଳୀରେ ବଣ୍ଟା ସରିଲାଣି ବୋଲି ଆମେ ଶୁଣୁଛୁ। ତେଣୁ ଏଠି କାହିଁକି ମିଳିନି ବୋଲି ପଚାରୁଥିଲି। ଅଧିକାରୀ ଜଣକ କହିଥିଲେ, ତା ହେଲେ ରେଲୱେ ଆଶ୍ରୟସ୍ଥଳୀକୁ ପଳାଅ। ଏହାପରେ ବ୍ରତଧାରୀ ଜଣକ ହଉ ଯାହା କରୁଛ କର କହି ପଳାଇଥିଲେ। କେବଳ ସେ ଏକା ନୁହଁନ୍ତି ଅନେକ ହବିଷିଆଳି ଏକାଧିକ କର୍ମଚାରୀ ଏବଂ ଅଧିକାରୀଙ୍କୁ ଟଙ୍କା ଓ ଶାଢ଼ି କଥା ପଚାରୁଥିବା ଜଣାପଡ଼ିଛି।

# ପଣ୍ଡିତ ନୀଳକଣ୍ଠଙ୍କ ସାହିତ୍ୟ ସାଧନା ଅନନ୍ୟ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ପୁରୀ ଅଫିସ, ୬।୧୧

ସୃଜନୀ ସାହିତ୍ୟ ସଂସଦ ପକ୍ଷରୁ ବୁଧବାର ଭକ୍ତ ସାଲବେଗ ପୀଠରେ ପଣ୍ଡିତ ନୀଳକଣ୍ଠ ଦାସଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ଏଥିରେ ଶିକ୍ଷାବିତ୍ ପ୍ରଭାତ ଚନ୍ଦ୍ର ରଥ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ପ୍ରଭାକର ମିଶ୍ର ଯୋଗଦେଇ କହିଥିଲେ, ପଣ୍ଡିତ ନୀଳକଣ୍ଠ ଏକାଧାରରେ ବାଗ୍ମୀ, ପଣ୍ଡିତ, ସାହିତ୍ୟିକ, ଲେଖକ, ଛାତ୍ରବତ୍ସଳ ଶିକ୍ଷକ ଥିଲେ। ସେ ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରଥମ ସଭାପତି ଭାବେ କାର୍ଯ୍ୟ କରିଥିଲେ। ଶିକ୍ଷାବିତ୍ ଲିଙ୍ଗରାଜ ଦାଶ କହିଥିଲେ, ତାଙ୍କ ସମ୍ପାଦନାରେ ପ୍ରକାଶିତ ସାହିତ୍ୟ ପତ୍ରିକା ନବଭାରତ ମାଧ୍ୟମରେ ସମାଜର ବିଭିନ୍ନ ପ୍ରସଙ୍ଗରେ ସେ କଲମ ଚାଳନା କରି ବୈପ୍ଳବିକ ପରିବର୍ତ୍ତନ ଆଣିଥିଲେ। ଅତିଥି ଭାବେ ଲେଖକ ହରେକୃଷ୍ଣ ପ୍ରଧାନୀ ଓ ପଣ୍ଡିତ ରମାକାନ୍ତ କର ଯୋଗଦେଇ ନୀଳକଣ୍ଠଙ୍କ ସାହିତ୍ୟ ସାଧନା ଅନନ୍ୟ ବୋଲି କହିଥିଲେ। ଲକ୍ଷ୍ମୀନାରାୟଣ ପଟ୍ଟନାୟକ ସ୍ୱାଗତ ଭାଷଣ ଓ ଉପସଭାପତି ଅଶୋକ ଆଢ୍ୟ ଧନ୍ୟବାଦ ଦେଇଥିଲେ। ସେହିପରି ପଣ୍ଡିତ ନୀଳକଣ୍ଠ ଦାସ ସ୍ମୃତି ସମିତି ଏବଂ ପୂଜ୍ୟପୂଜା ସମନ୍ୱୟ ସମିତିର ମିଳିତ ଆନୁକୂଲ୍ୟରେ ବଳଗଣ୍ଡି ହାଇସ୍କୁଲ ପରିସରରେ ନୀଳକଣ୍ଠଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ରଘୁନାଥ ମହାପାତ୍ର ଯୋଗଦେଇ କହିଥିଲେ, ସତ୍ୟବାଦୀର ପଞ୍ଚସଖା ମଧ୍ୟରେ ନୀଳକଣ୍ଠ ଅନ୍ୟତମ ଥିଲେ। ସମ୍ମାନିତ ଅତିଥି ଭାବେ କବି ଶିବସୁନ୍ଦର ମିଶ୍ର ଓ ସାହିତ୍ୟିକ ବିପିନ୍ ବିହାରୀ ଦଳାଇ ଯୋଗଦେଇଥିଲେ। ସମ୍ପାଦକ ଅନାମଚନ୍ଦ୍ର ସାହୁ ଓ ଉମେଶ ଚନ୍ଦ୍ର ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ■ ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ଥ୍ରୋ ବଲ୍ ପ୍ରତିଯୋଗିତା

# ବାଳକ ବର୍ଗରେ ପୁରୀ ଟିମ୍ ରନର୍ସ ଅପ୍



ଥ୍ରୋ ବଲ୍ ଆସୋସିଏଶନ କର୍ମକର୍ତ୍ତାଙ୍କ ଗହଣରେ ସମ୍ବର୍ଦ୍ଧିତ ଖେଳାଳିମାନେ।

ପୁରୀ ଅଫିସ, ୬।୧୧

ନବରଙ୍ଗପୁରରେ ଗତ ୩ରୁ ୫ତାରିଖ ପର୍ଯ୍ୟନ୍ତ ୬୫ତମ ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ଥ୍ରୋ ବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଥମ ଥର ପୁରୀ ଜିଲାର ୧୭ବର୍ଷରୁ କମ୍ ବାଳକ ଓ ବାଳିକା ଏବଂ ୧୪ବର୍ଷରୁ କମ୍ ବାଳକ ବିଭାଗ ଭାଗ ନେଇଥିଲେ। ୧୭ ଓ ୧୪ବର୍ଷରୁ କମ୍ ବାଳକ ବର୍ଗରେ ପୁରୀ ଜିଲା ଟିମ୍ ରନର୍ସ ଅପ୍ ହୋଇଛି। ଏହି ଟିମ୍ ବୁଧବାର ପୁରୀରେ ପହଞ୍ଚିବା ପରେ ବିପୁଳ ସମ୍ବର୍ଦ୍ଧନା ଦିଆଯାଇଛି। ଜିଲା ଶିକ୍ଷାଧିକାରୀ ବିଶ୍ୱଜିତ ଘୋଷ, ଶାରୀରିକ ଶିକ୍ଷା ନିରୀକ୍ଷକ ମହେନ୍ଦ୍ର ନାଥ ବିଶ୍ୱାଳ, ନିହାର ରଞ୍ଜନ ପଲାଇ, ଧ୍ରୁବଚରଣ ଦାସ, ଦୀପକ କୁମାର ପଟ୍ଟନାୟକ, ଓଡ଼ିଶା ଥ୍ରୋ ବଲ୍ ଆସୋସିଏଶନ ସମ୍ପାଦକ ଜିତେନ୍ଦ୍ର ନାଥ ଦାସ, ଜିଲା ଥ୍ରୋ ବଲ ଆସୋସିଏଶନର ସମ୍ପାଦକ ସଚ୍ଚିକାନ୍ତ ପଟ୍ଟନାୟକ ପ୍ରମୁଖ ବିଜେତା ଖେଳାଳୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ମ୍ୟାନେଜର ଲିଙ୍ଗରାଜ ସାହୁ, କୋଚ୍ ଆଲାମ ମହମ୍ମଦ, ବିଶ୍ୱନାଥ ପ୍ରଧାନ, ଅମ୍ବିକା ପ୍ରସାଦ ରଥ ଓ ନିହାର ନନ୍ଦିନୀ ଦେବୀ ପ୍ରମୁଖ ଏହି ଟିମ୍ ସହିତ ଉପସ୍ଥିତ ଥିଲେ।

# ଆଇନ ସଚେତନତା ଶିବିର

ପୁରୀ ଅଫିସ, ୬।୧୧

ପୁରୀ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଶ୍ରୀଜଗନ୍ନାଥ ବେଦ କର୍ମକାଣ୍ଡ ମହାବିଦ୍ୟାଳୟରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ କଲେଜ ଅଧ୍ୟକ୍ଷ ଡ. ଜଗବନ୍ଧୁ ମିଶ୍ର, ପ୍ରାଧ୍ୟାପକ ସୁବାସ ଚନ୍ଦ୍ର ଶତପଥୀ, ସ୍ଥାୟୀ ଲୋକଅଦାଲତ ଅଧ୍ୟକ୍ଷ ପ୍ରକାଶ ମହାପାତ୍ର, ଶିଶୁ ମଙ୍ଗଳ କମିଟି ସଦସ୍ୟ ଆଇନଜୀବୀ ରମାଶଙ୍କର ପାତ୍ର ଯୋଗ ଦେଇଥିଲେ। ପ୍ରାଧିକରଣ ସଚିବ ଅମରେଶ ମହାପାତ୍ର ମାଗଣା ଆଇନ ସେବା ସମ୍ପର୍କରେ ଆଲୋକପାତ କରିଥିଲେ।

# ସରକାରୀ ଜମିରେ ବେଆଇନ ନିର୍ମାଣକୁ ବିରୋଧ

## ଆନ୍ଦୋଳନ ଧମକ ଦେଲା ଯୁବ କଂଗ୍ରେସ

ପୁରୀ ଅଫିସ, ୬।୧୧

ପୁରୀ ସହରର ବିକାଶ ପାଇଁ ସରକାର ସ୍ଥିତିବାନ ସ୍ୱତ୍ତ୍ୱ ଥିବା ଜମି ଅଧିଗ୍ରହଣ କରୁଛନ୍ତି। ହେଲେ ଅନ୍ୟପଟେ ସରକାରୀ ଜମିରେ ଚାଲିଛି ବେଆଇନ ନିର୍ମାଣ। ଏ ଦିଗରେ ପ୍ରଶାସନ କୌଣସି ପଦକ୍ଷେପ ନେଉ ନ ଥିବା ବେଳେ ଏହି ନିର୍ମାଣକୁ ବିରୋଧ କରିଛି ପୁରୀ ଲୋକସଭା କ୍ଷେତ୍ର ଯୁବ କଂଗ୍ରେସ। ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ବିଶ୍ୱନାଥ ଦାଶ, ସୁଜିତ ମହାପାତ୍ର, ସ୍ୱାଧୀନ ପଣ୍ଡା, ଅମରେନ୍ଦ୍ର ପାଇକରାୟ ପ୍ରମୁଖ ଏକ ପ୍ରେସ୍ ବିଜ୍ଞପ୍ତିରେ ଏହାକୁ ସମାଲୋଚନା କରିଛନ୍ତି। ଏଥିରେ ଦର୍ଶାଯାଇଛି ଯେ, ସିଆର୍‌ଜେଡ୍ ଆଇନକୁ ଉଲ୍ଲଂଘନ କରି ସମୁଦ୍ର କୂଳରେ ସୁଉଚ୍ଚ ଅଟ୍ଟାଳିକା ନିର୍ମାଣ ଚାଲିଛି। କେଉଁ ପରିସ୍ଥିତିରେ କେଉଁ ସଂସ୍ଥା ବା କେଉଁ ପ୍ରଶାସନିକ ଅଧିକାରୀଙ୍କ ଆଦେଶରେ ଏହା ଚାଲିଛି। ସେହିପରି ମୂଷା ନଦୀକୁ ମଙ୍ଗଳା ନଦୀ ସହ ସଂଯୋଗ କରିବା ଏବଂ ଅଠରନଳା ପୁରାତନ ସେତୁର ଉନ୍ନତିକରଣ ଲାଗି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ହେଲେ ନଦୀ ଭିତରେ ସ୍ୱେରେଜ ଓ ଡ୍ରେନ୍ ନିର୍ମାଣ ଚାଲିଛି। ୨୦୧୭ ଅଗଷ୍ଟ ୨୩ରେ ଲୋକନାଥ ଘାଟ ମୌଜା ଅଧୀନ ବେଟିରିକ୍ ସ୍କୁଲ ନିକଟରେ ସରକାରୀ ଜମି ଜବରଦଖଲକୁ ବନ୍ଦ କରାଯାଇ ସିଲ୍ କରାଯାଇଥିଲା। ସେଠାରେ ୧୪୪ ଧାରା ଜାରି ସହ ଅନଧିକାର ପ୍ରବେଶ ଓ ନିର୍ମାଣ ନିଷେଧ ହୋଇଥିଲା। ମାତ୍ର ଜବରଦଖଲକାରୀ ସେଠାରେ ବେଆଇନ ନିର୍ମାଣ କରୁଛନ୍ତି। ଏଦିଗରେ ଶୀଘ୍ର ପଦକ୍ଷେପ ନିଆ ନ ଗଲେ ଯୁବ କଂଗ୍ରେସ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବା ସହ ଜନ ଆନ୍ଦୋଳନ କରିବ ବୋଲି ଚେତାବନୀ ଦିଆଯାଇଛି।

## ■ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବସିଲା ବୈଠକ

# ଆଜି ପୁରୀ ପାଇଁ ଜିଲାପାଳ କରିପାରନ୍ତି ବଡ ଘୋଷଣା

ଭୁବନେଶ୍ୱର,୬।୧୧(ବ୍ୟୁରୋ)

ବାତ୍ୟା ଫନୀ ପ୍ରଭାବରେ ପୁରୀ ଜିଲାରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ଜିଲାରେ ବହୁ ଲୋକଙ୍କ ଘର ଭାଙ୍ଗି ଯାଇଛି। ଘର ଭାଙ୍ଗିଥିବା ଲୋକମାନଙ୍କୁ ୩ଟି ପର୍ଯ୍ୟାୟରେ ବିଭକ୍ତ କରି ସହାୟତା ଦେବା ପାଇଁ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ସେହି ଅନୁଯାୟୀ ବର୍ତ୍ତମାନ ପର୍ଯ୍ୟନ୍ତ ଘରଭଙ୍ଗା ତାଲିକା ପ୍ରସ୍ତୁତି ସାଙ୍ଗକୁ ସହାୟତା ରାଶି ପ୍ରଦାନ କରାଯାଉଛି। ମାତ୍ର ଏହି ଅର୍ଥ ଆବଣ୍ଟନରେ ବ୍ୟାପକ ଅନିୟମିତତା ହେଉଥିବା ଲୋକମାନେ ଅଭିଯୋଗ କରିଆସୁଛନ୍ତି, ଯାହାକୁ ନେଇ ସାଧାରଣରେ ଅସନ୍ତୋଷର ବାତାବରଣ ଦେଖିବାକୁ ମିଳୁଛି। ଅନ୍ୟପଟେ ଭାଜପା ମଧ ଏହାକୁ ନେଇ ରାଜନୀତି କରିବାରେ ଲାଗିଛି। ଭାଜପା ବାଦ୍ ପଡିଥିବା ହିତାଧିକାରୀଙ୍କ ହିସାବ ଦେଖାଇ ବାରମ୍ବାର ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିବାରେ ଲାଗିଛି। ନିକଟରେ ଭାଜପା ନେତୃତ୍ୱରେ ଶତାଧିକ ଲୋକ ଘରଭଙ୍ଗା ସହାୟତା ପ୍ରଦାନରେ ଅନିୟମିତତା ହେଉଥିବା ଦର୍ଶାଇ ଜିଲାପାଳ ଅଫିସ ଘେରାଉ କରିଥିଲା। ଏସବୁ ଘଟଣାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବୁଧବାର ଲୋକସେବା ଭବନଠାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ପୁରୀ ଜିଲାର୬ ବିଜେଡି ନେତା ତଥା, ମନ୍ତ୍ରୀ ସମୀର ରଞ୍ଜନ ଦାଶ, ତୁଷାରକାନ୍ତି ବେହେରା, ବିଧାୟକ ଉମାକାନ୍ତ ସାମନ୍ତରାୟ, ପ୍ରଦୀପ ମହାରଥୀଙ୍କ ସହିତ ଗତ ସାଧାରଣ ନିର୍ବାଚନରେ ପରାଜିତ ହୋଇଥିବା ସଞ୍ଜୟ କୁମାର ଦାସବର୍ମା ଏବଂ ମହେଶ୍ୱର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପୁରୀ ଜିଲାପାଳ ବଲୱନ୍ତ ସିଂ ମଧ ଉପସ୍ଥିତ ଥିଲେ। ଘର ଆବଣ୍ଟନରେ ରାଜନେତାଙ୍କ ବାରମ୍ବାର ହସ୍ତକ୍ଷେପ ଯୋଗୁ ଠିକ୍ ହିତାଧିକାରୀ ଚୟନରେ ଅସୁବିଧା ହେଉଥିବା ଜଣାଇ ଦଳୀୟ ନେତାଙ୍କୁ ମୁଖ୍ୟମନ୍ତ୍ରୀ ତାଗିଦ କରିଥିବା ଜଣାପଡିଛି। ଆଗକୁ କିପରି ଏହାକୁ ବ୍ୟବସ୍ଥିତ କରାଯିବ ସେନେଇ ଆଲୋଚନା ହୋଇଛି। ଘରଭଙ୍ଗା ତାଲିକାକୁ ଆଉଥରେ ଭଲରେ ତର୍ଜମା କରାଯିବ। ଯେଉଁମାନେ ଅନିୟମିତତା କରି ଘର ହାତେଇଥିବେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନେଇ ଘୋଷଣା କରାଯାଇପାରେ ବୋଲି ଶୁଣିବାକୁ ମିଳିଛି। ଅପରପକ୍ଷରେ ଜିଲାବାସୀଙ୍କ ପାଇଁ ଜିଲାପାଳ ଗୁରୁବାର କିଛି ବଡ଼ଧରଣର ଘୋଷଣା କରିପାରନ୍ତି ବୋଲି ବିଶେଷ ସୂତ୍ରରୁ ଜଣାପଡିଛି।